
ବୃରଷ-19

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

❊ ଚତୁର୍ଥ ପୁଷ୍ପ ❊ ଷଷ୍ଠ ପାଖୁଡ଼ା ❊ ଊନବିଂଶ ସଂଖ୍ୟା ❊

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ : ଇନ୍ସ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ସ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ॥

❊ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଦଶ ମୁଦ୍ରାଞ୍ଜଳି ❊

❋ କେଶବାବ୍ଦ ❋ ତ୍ରିଚତ୍ୱାରିଂଶତ୍ ❋ ଆବିର୍ଭାବ ମାସ ❋ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ❋

# ପ୍ରବେଶୀ ପରିଚିତି

❋ ଚତୁର୍ଥ ପୁଷ୍ପ ❋
ଷଷ୍ଠ ପାଖୁଡ଼ା, ଊନବିଂଶ ସଂଖ୍ୟା
ଦ୍ୱିତୀୟ ସଂସ୍କରଣ

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍ ବସୁନ୍ଧରା ବାରି ବିମାନ ବହ୍ନିଃ ।
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ ବାୟୁ ସ୍ୱରୂପଂ ପ୍ରଣବଂ ନିବନ୍ଦେ ।।


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ବନ୍ଦନା | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମରେ ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୭ |
| ପୁରାଣ ପୃଷ୍ଠାରୁ ଉଦ୍ଧାଂଶ : | ୮ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୦ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ସତ୍ୟ ନାର୍ଯ୍ୟଙ୍କ ପ୍ରସଙ୍ଗରେ | ୧୩ |
| ବାଲ୍ୟକାଳରୁ ଧର୍ମଧନ ସଞ୍ଚୟ- ମୂର୍ତ୍ତିନିର୍ମାତାରୁ ମୂର୍ତ୍ତିମନ୍ତ | ୧୬ |
| ଉତ୍ତିଷ୍ଠତ ! ଜାଗ୍ରତ !! | ୧୮ |
| ଜିଜ୍ଞାସା : ଜିଜ୍ଞାସୁ | ୨୦ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୩ |
| କଲ୍ୟାଣ ଦେଖି ତୋତେ | ୨୬ |
| କେଶବ କୈବଲ୍ୟ କଣିକା | ୨୯ |
| ମାତୃକା ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା | ୩୧ |
| ପୁରାଣ ପୃଷ୍ଠାରୁ : ଉଦ୍ଧାଂଶର ମୀମାଂସା ତତ୍ତ୍ୱ | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୩୫ |
| ଶ୍ରୀପାଦୁକା ସ୍ତୁତି ଓ ବନ୍ଦନା ଭଜନ - | ୩୬ |
| ଆଶ୍ରମ ସନ୍ଦେଶ | ୩୯ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହି ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ

ଭୁଜେ ସର୍ବୋଽଭୟଶ୍ଚୈବ
ହୃଦି ଜ୍ଞାନାମୃତଂ ହିତେ ।
ଆସ୍ଥାନେ କଳ୍ପଦ୍ରୁମୋହି
ପାଦୁକୋ ଗୁରୁଣାଂଗୁରୁଃ ।

## ମଙ୍ଗଳାଚରଣ

### ଶ୍ରୀପାଦୁକା ସ୍ତୁତି

ଶ୍ରୀପାଦପାଦୁକା ଘେନ ପ୍ରଣିପାତ ମୋର ।
ଦୁସ୍ତର ଭବ ସଂସାରୁ ବେଗେ ପାରିକର ।।୧।।
ଶ୍ରୀପାଦପାଦୁକା ନାବ ହୁଅ ମୋର ପାଇଁ ।
ତୁମ କରୁଣା ବିହୁନେ ଗତି ମୁକ୍ତି କାହିଁ ?।।୨।।
ଶ୍ରୀପାଦପାଦୁକା ଘେନ କୃତାଞ୍ଜଳି ଅର୍ଘ୍ୟ ।
ପଦ୍ମପାଦ ଲୟ ଏକା ଜୀବନେ ମହାର୍ଘ ।।୩।।
ଶ୍ରୀପାଦପାଦୁକା ଥଳ ଦିଅ ଜୀବ ଗଣେ ।
ବହୁଦୂରେ ଥାଇ ଲୟ ଲଗାଇଛି ଜଣେ ।।୪।।
ଶ୍ରୀପାଦପାଦୁକା ମୋର ଚିନ୍ତାବାକ୍ୟ କର୍ମ ।
ନିୟନ୍ତ୍ରଣ କରି ରକ୍ଷା କର ମୋର ଧର୍ମ ।।୫।।
ଶ୍ରୀପାଦପାଦୁକା ମାତା ପିତା ବଂଧୁ ସଖା ।
ସର୍ବରୂପେ ସର୍ବସ୍ଥଳେ ଦେଉଥାଅ ଦେଖା ।।୬।।
ଶ୍ରୀପାଦପାଦୁକା ବାରେ ମୋତେ ରକ୍ଷାକର ।
ଅହରହ ବ୍ୟସ୍ତ କରୁଅଛି ଭସ୍ମାସୁର ।।୭।।
ଶ୍ରୀପାଦପାଦୁକା ନିଶାଚର କବଳରୁ ।
ରକ୍ଷାକର ମୁକ୍ତିଦିଅ ମୋ ବୈକଲ୍ୟ ସରୁ ।।୮।।
ଶ୍ରୀପାଦପାଦୁକା ଚକ୍ରପେଶି ଶତ୍ରୁ ନାଶ ।
କଲ୍ୟାଣ କର ଦେବତା କଟୁ ମାୟା ପାଶ ।।୯।।
ଶ୍ରୀପାଦପାଦୁକା ସୂକ୍ଷ୍ମ ଲକ୍ଷ୍ୟ ଦେଇ ଥାଅ ।
ଧର୍ମପଥେ ସତ୍ୟପଥେ ସଦା ନେଇ ଯାଅ ।।୧୦।।

ଶ୍ରୀପାଦପାଦୁକା ନାଶ କର ଅହଂ କ୍ରୋଧ ।
ଶାନ୍ତିଦିଅ ମୁକ୍ତିଦିଅ କରି ଅବବୋଧ ।।୧୧।।
ଶ୍ରୀପାଦପାଦୁକା ନିର୍ବିକାର ନିରପେକ୍ଷ
ପକ୍ଷପାତ କରନାହିଁ ଭକତି ସାପେକ୍ଷ ।।୧୨।।
ଶ୍ରୀପାଦପାଦୁକା ପ୍ରାନ୍ତେ କୋଟି ପ୍ରଣିପାତ ।
ଶକ୍ତିଧର ଧ୍ୱଂସକର ସକଳ ସଂଘାତ ।।୧୩।।
ଶ୍ରୀପାଦପାଦୁକା ନିତ୍ୟଧ୍ୟାନ ମୂଳବିନ୍ଦୁ ।
ଭବଭୟହର ପ୍ରଭୋ, ହେ କରୁଣାସିନ୍ଧୁ ।।୧୪।।
ଶ୍ରୀପାଦପାଦୁକା ଚତୁଃବର୍ଗ ଫଳ ଦାୟୀ ।
ସତ୍ୟନିଷ୍ଠ ଭକ୍ତପ୍ରିୟ ସଦା ସଦାଶ୍ରୟୀ ।।୧୫।।
ଶ୍ରୀପାଦପାଦୁକା ମୃତ୍ୟୁଭୟ ନିବାରକ ।
ଭବବନ୍ଧନର ମୁକ୍ତି ଶାନ୍ତି ପ୍ରଦାୟକ ।।୧୬।।
ଶ୍ରୀପାଦପାଦୁକା ଚାରିଯୁଗ ମନ୍ତ୍ରସାର ।
ଚାରିଯୁଗେ ବିରାଜିତ ସର୍ବଦୁଃଖହର ।।୧୭।।
ଶ୍ରୀପାଦପାଦୁକା ଶେଷ କଳିରେ ବିରାଜି ।
ଭକ୍ତ ପରିତ୍ରାଣ ଅର୍ଥେ ସୃଷ୍ଟ୍ୟାଦି ସରଜି ।।୧୮।।
ଶ୍ରୀପାଦପାଦୁକା ଶ୍ରୀଚରମ ଅବତାର ।
ଚରମ ପ୍ରାପତି ଅର୍ଥେ ଜପଧ୍ୟାନ ସାର ।।୧୯।।
ଶ୍ରୀପାଦପାଦୁକା ଠାରେ ଏତିକି ମିନତି ।
ଭକ୍ତଗଣେ କରାଅ ହେ ଚରମ ପ୍ରାପତି ।।୨୦।।




## ବନ୍ଦନା

ଜୟ ହେ ସ୍ୱର୍ଣ୍ଣକ୍ଷେତ୍ର ବାସୀ,
ପୀତ ବସନ ମନ୍ଦହାସି ।।୧।।
ନ ଜାଣେ ପ୍ରଭୁ ତୋ ଶରୀର
ବନ୍ଦଇ ତେଣୁ ଶ୍ରୀପୟର ।।୨।।
କଳିର ଅନ୍ତିମ ଚରଣେ,
ସନ୍ତାନ ଉଦ୍ଧାର କାରଣେ ।।୩।।
ଗୋଲକ ଧାମ ତ୍ୟାଗକରି
ମର୍ତ୍ତ୍ୟେ ଆସିଲ ଅବତରି ।।୪।।
ଜାତିର ବନ୍ଧବାଡ଼ ଦେଇ
ଖେଳିଲ ଜୀବ ଭାବ ନେଇ ।।୫।।
ଅପୂର୍ବ ଲୀଳା ଭିଆଇଲ
ଅଶେଷ ରୂପେ ବିରାଜିଲ ।।୬।।
ଦେବ ଗନ୍ଧର୍ବ ନ ଜାଣିଲେ
ସାଧୁସନ୍ଥ ଯେ ବଣା ହେଲେ ।।୭।।
ଅଜ୍ଞାନ କହିଲେ ମାନବ
ଯୋଗୀ ଦେଖିଲେ ଶ୍ରୀମାଧବ ।।୮।।
ଜ୍ଞାନୀର ଜ୍ଞାନେ ପରଂବ୍ରହ୍ମ
ଭକତ ହୃଦେ ଭଗବାନ ।।୯।।
ଶାକ୍ତ ଲଭିଲେ ଶକ୍ତିରୂପ
ଶୈବଙ୍କୁ ଶିବଙ୍କ ସ୍ୱରୂପ ।।୧୦।।
ବୈଷ୍ଣବ ହୃଦ ଗଳାମାଳି
ପ୍ରେମ ବାନ୍ଧବ ବନମାଳି ।।୧୧।।
ଗାଣପତ୍ୟର ଗଣନାଥ
ଅନାଥବଂଧୁ ଜଗନ୍ନାଥ ।।୧୨।।
ଅରୂପେ ରୂପ ଅଭିମାନୀ
ଅବୋଧ ଶିଶୁର ଜନନୀ ।।୧୩।।
ମୂଢ଼ ପାମର ମୂର୍ଖ ମୁହିଁ
ତୋ ଆଦି ଅନ୍ତ ପାଉନାହିଁ ।।୧୪।।
ନଜାଣେ ମନ୍ତ୍ର, ତନ୍ତ୍ର, ଯନ୍ତ୍ର
ଭକତି ଲାଗୁଛି ବିଚିତ୍ର ।।୧୫।।
ଶିଖିନି ପ୍ରଭୁ ପୂଜାର୍ଚ୍ଚନା
ବନ୍ଧନେ ହଜିଛି ବନ୍ଦନା ।।୧୬।।
ଅଭାବେ ଭାବ ନାଶ ଗଲା
ମୋହିନୀ ଫାନ୍ଦ ଜାଳି ଦେଲା ।।୧୭।।
ତନୁରେ ମାୟାର ତରଙ୍ଗ
ମୋହ ଜାଲରେ ବନ୍ଦୀ ଅଙ୍ଗ ।।୧୮।।
ବନ୍ଧନ ଯଦି ନ ଫିଟିବ
ଅସାରେ ଏହି ଜନ୍ମଯିବ ।।୧୯।।
ତୁଟିଛି ମୋର ସର୍ବ ଆଶା
କେବଳ ଶ୍ରୀପଦେ ଭରସା ।।୨୦।।

କରୁଣାକର ଭାବଗ୍ରାହୀ
ଡାକୁଣୀ ଖୋଲି କରତ୍ରାହି ।।୨୧।।

# ଜଣାଣ

ଟାଣି ଲୋକନାଥ ନାଗ କୁଣ୍ଡଳି,
ଜଗାଇ ରଖିଛି ଜ୍ୟୋତି ଦୀପାଳି;
ମୁହାଣେ ବଳିଆ ଯୋଗେ ବସିଛି,
ପଦ୍ମ ପୟରରେ ନେତ୍ର ଠାକିଛି;
ସଖୀ ସେ କାଳିଆ ସୁନାରେ,
ନାଗ-ଶ୍ୱାସ-ବାସ ଚନ୍ଦନ ପୁରରୁ
ଦିଶିଯାଉଅଛି ବାନାରେ ।।୧।।
ନୀଳ ମାଧବ ସେ ନୀଳକନ୍ଦରେ,
ନୀଳ ପାରାବାରେ ନୀଳ ନଭରେ;
ନୀଳଗିରେ ନୀଳଚକ୍ରେ ଶୋହଇ,
ଶିରେ ଇନ୍ଦ୍ରନୀଳ ଶୋହୁଛି ରହି;
ସର୍ବ ନୀଳମୟ ହୋଇ ହେ,
ସେହି ନୀଳମଣି ଅନଳ ପୁରୁଷ
ଦିଶି ଯାଉଅଛି ସହି ହେ ।।୨।।
ଷଡ୍ ଚକ୍ରପର ତ୍ରିଗୁଣ ଭେଦ,
ଅଷ୍ଟାଦଶ ଭାବେ ତୋହରି ଦେବ;
ଧଣ୍ଡାଫୁଲମାଳ ବୁହା ସେ ହରି,
ସବୁ ତତ୍ତ୍ୱରାଶି ଦେଇଛି ଚିରି;
ଉଠି ଉପର ଉପର ହେ,
ତା'ଉପରେ ଆଉ କିଛି ନାହିଁ ତା'କୁ
ତୋହରି ଭିତରେ ଧର ହେ ।।୩।।
କେତେ ଗୁଣେ ତା'କୁ ଦେଖିବୁ ସହି,
ଫେଡ଼ିବାକୁ ଦୁଃଖ ଚାହିଁଛି ରହି;
ଭକତର ଭାବ କରି ହରଣ,
ମିଶାଣରେ ଜୀବ ପରମେ ଲୀନ;
କି ଚିହ୍ନିବୁ ତା'କୁ ସହି ହେ,
ଚିହ୍ନୁ ଚିହ୍ନୁ ମିତ ଚାହିଁ ରହିଥିବୁ
ଚିହ୍ନ ତୋ ଦିଶିବ ନାହିଁ ହେ ।।୪।।

ଝଝଝ

ମୁଖଶାଳା

## ସମ୍ପାଦକୀୟ

''ଶ୍ଳୋକାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତଂ ଗ୍ରନ୍ଥକୋଟିଭିଃ ।
ବ୍ରହ୍ମସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।।''

**ଆ**ଚାର୍ଯ୍ୟ ଶଙ୍କରଙ୍କର ମତାନୁସାରେ ବ୍ରହ୍ମ ହିଁ ମୂଳ ସତ୍ୟ । ସତ୍ୟ ସର୍ବଦା ଏକ ଏବଂ ଅଦ୍ୱିତୀୟ । ବ୍ରହ୍ମ ସତ୍, ଚିତ୍ ଏବଂ ଆନନ୍ଦମୟ । ଜୀବ ହିଁ ବ୍ରହ୍ମ । ଜଗତ କିନ୍ତୁ ମାୟା ପୂର୍ଣ୍ଣ । ଚରମପୁରୁଷ ପରମେଶ୍ୱରଙ୍କ ଦ୍ୱାରା ଏ ଜଗତ ସୃଷ୍ଟ, ତାଙ୍କର ବାତ୍ସଲ୍ୟ ଭାବରେ ପରିପାଳିତ ଏବଂ ଅନ୍ତିମରେ ତାଙ୍କରି ଠାରେ ଲୀନ ହୁଏ । ଏହାହିଁ ବେଦାନ୍ତର ସାର ସଂକ୍ଷିପ୍ତ ବସ୍ତୁ । ଶଙ୍କରାଚାର୍ଯ୍ୟଙ୍କର ବ୍ରହ୍ମସୂତ୍ର, ଗୀତା ଏବଂ ଉପନିଷଦ ଭାଷ୍ୟରେ ଏହାହିଁ ମୂଳତଃ ପ୍ରତିପାଦିତ ହୋଇଅଛି । ତଥାପି, ଏହା ସର୍ବଜନବୋଧ ହୋଇ ପାରିନାହିଁ । ଅନେକ ଅଧ୍ୟାତ୍ମ ତତ୍ତ୍ୱ ଏ ଯାବତ୍ ଦୁର୍ବୋଧ ହୋଇ ରହିଯାଇଥିଲେ ହେଁ, ବିଶ୍ୱମାନସରେ ଏହାର ଅବଶ୍ୟ ସର୍ବଜନାଦୃତ ହୋଇପାରିଛି କହିଲେ, ସତ୍ୟର ଅପଳାପ ହେବ ନାହିଁ ।

**ବି**ଶ୍ୱବକ୍ଷରେ ଶ୍ରୀଗୁରୁ ଏବଂ ଶିଷ୍ୟଙ୍କର ପ୍ରଶ୍ନୋତ୍ତର ମାଧ୍ୟମରେ ନିର୍ଭୟତାର ସହିତ ଆଧ୍ୟାତ୍ମିକ ଜୀବନର ସଂପୂର୍ଣ୍ଣ ବିକାଶ ସାଧନ କରିବା ସମ୍ଭବ । ଏହି ପ୍ରକ୍ରିୟା ନିମନ୍ତେ ବିଷୟାଜଞ୍ଜାଳୀ ଜିଜ୍ଞାସୁ ଶିଷ୍ୟ ସମୟ ନିଯୋଗ କରିବା ଅତ୍ୟନ୍ତ ଆବଶ୍ୟକ । ଶ୍ରୀଗୁରୁ ମଧ୍ୟ ଅନୁସନ୍ଧିତ୍ସୁ ଶିଷ୍ୟର ଭାବରାଜି ଭାବଗ୍ରାହୀ ସ୍ୱରୂପରେ ଗ୍ରହଣ କରି ଶିଷ୍ୟର ଶଙ୍କା ଓ ସନ୍ଦେହ ମୋଚନ ନିମନ୍ତେ ତତ୍ପରତାର ସହିତ ମାର୍ଗ ନିର୍ଦ୍ଦେଶ କରିବା ପ୍ରୟୋଜନ । ଉଭୟ ଗୁରୁ ଓ ଶିଷ୍ୟ ଭାବସମୁଦ୍ରର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଉପନୀତ ହୋଇ ପାରିଲେ ଯାଇ ମାୟାଚ୍ଛନ୍ନ ଜୀବବ୍ରହ୍ମ ସନ୍ମାର୍ଗ ଅନୁସରଣ କରି ଭଗବତ୍ କୃପାପ୍ରାପ୍ତ ହୁଏ, ହୋଇପାରେ ।

**ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ ପ୍ରଣୀତ 'ମୋହ ମୁଦ୍‌ଗର'ରେ ଉଲ୍ଲେଖ ଅଛି :**

''ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ ଦନ୍ତବିହୀନଂ ଜାତଂ ତୁଣ୍ଡମ୍ ।
କରଧୃତ କମ୍ପିତ ଶୋଭିତ ଦଣ୍ଡଂ ତଦପି ନ ମୁଞ୍ଚତ୍ୟାଶାଭାଣ୍ଡଂ ।।

**ଅ**ର୍ଥାତ୍, ଦେହର ସୌନ୍ଦର୍ଯ୍ୟ ଚାଲିଗଲାଣି, ଅଙ୍ଗ ଶିଥିଳ ହୋଇଗଲାଣି, ମୁଣ୍ଡବାଳ ପାଚି ଗଲାଣି, ଦାନ୍ତ ପଡ଼ିଯିବାରୁ ମୁଖ ବିକୃତ ହୋଇ ଗଲାଣି, ବୁଢ଼ା ହୋଇ ଯିବାରୁ ଥରୁଥିବା ହାତରେ ବାଡ଼ିଖଣ୍ଡିଏ ଧରି ଭାରାଦେଇ ଚାଲିବାକୁ ପଡ଼ିଲାଣି । ତଥାପି, ଧନ ଉପାର୍ଜନରେ ବ୍ୟସ୍ତରହି ଆହୁରି ଦୀର୍ଘକାଳ ବଞ୍ଚିରହିବାର ଆଶା ଏ ପର୍ଯ୍ୟନ୍ତ ଛାଡ଼ି ପାରିଲୁ ନାହିଁ । ରେ ମୂଢ଼ ! ବାରମ୍ବାର ଗୋବିନ୍ଦଙ୍କୁ ଭଜନ କର । କେଶବ ପାଦାର୍ପିତ ତନୁମନରେ ବୀଜମନ୍ତ୍ର (ନାମ) ମନନ କର । ଶ୍ରୀପାଦପଦ୍ମରେ ଲୟରଖ । ମନେରଖ, 'କଳୌ ନାମୈବ କେବଳମ୍'; ତେଣୁ କେଶବ, ଗୋବିନ୍ଦ, ଦାମୋଦର, ମାଧବ ଇତ୍ୟାଦି ନାମ କୀର୍ତ୍ତନ କର ।

**ଜାଣିଛୁ**, ଏ ତୋର ଜଗତ ଏହିପରି ପଡ଼ିରହିବ, ତୋର ପ୍ରିୟ ଶରୀର ଚିତାଗ୍ନିରେ ମୁଠାଏ ପାଉଁଶରେ ପରିଣତ ହେବ । ହେଲେ, ତୋର କର୍ମ ହିଁ ତୋର ଗତିପଥ ନିର୍ଣ୍ଣୟ କରିବ । ସାବଧାନ !

**''ଧରାରେ ରହିବ ପଡ଼ି ଦୁଃଖାର୍ଜିତ ଧନ । ରୋମନ୍ଥେ ରହିବେ ଗୋଷ୍ଠେ ମହିଷ ଗୋଧନ ।।**
**ଅଶ୍ରୁମୁଖୀ ଭାର୍ଯ୍ୟାଯିବ ଦ୍ୱାରପାଶେ ରହି । ସ୍ୱଜନେ ଶ୍ମଶାନ ଯାଏ ଶବ ଯିବେ ବାହୀ ।।**
**ତୋ ପ୍ରିୟ ଶରୀର ଯିବ ଚିତା ପାଶେ ସାଥେ । ଧର୍ମ ଏକା ଯିବ ସିନା ପରଲୋକ ପଥେ ।।''**

ଧର୍ମ ଆଉ କ'ଣ କି ? ତୋର କର୍ମ, ତୋର ବାକ୍ୟ, ତୋର ଚିନ୍ତା । ବିସ୍ତରେଣ ଅଳମ୍ !! ବିନୀତ କେଶବ ପାଦାର୍ପିତ,

କେଶବଦାସ ବୃନ୍ଦାବନ''

❋❋❋

ଚରମରେ !!

# ଚିନ୍ତନ : ଏ ପାଖୁଡ଼ାର

# ଦର୍ଶନ

**''ଚରମ''** : ଚତୁର୍ଥପୁଷ୍ପ : ଚତୁର୍ଥ ପାଖୁଡ଼ା : ସପ୍ତଦଶ ସଂଖ୍ୟାରୁ 'ମୁଖଶାଳା'ରେ 'ଚିନ୍ତନ : ଏ ପାଖୁଡ଼ାର' ସ୍ତମ୍ଭରେ ନିୟମିତ ଭାବରେ ଭକ୍ତ ଶିଷ୍ୟ ଅନୁଗତମାନଙ୍କ ଉଦ୍ଦେଶ୍ୟରେ ଆଧ୍ୟାତ୍ମିକ କ୍ଷେତ୍ରରେ ଆଭିମୁଖ୍ୟ ସମ୍ବଳିତ ଏକ କ୍ଷୁଦ୍ର ନିବନ୍ଧ ପରମଦୟାଳୁ ଶ୍ରୀଠାକୁରଙ୍କର ଆଶୀର୍ବାଦରୁ ସଂପାଦନା ସଂଯୋଜନା କରି ଆସୁଛନ୍ତି । ''ପଦବୀ'', ''ନିଷ୍ପତ୍ତି'' ପରେ ''ଦର୍ଶନ'' ହିଁ ଆମର ତୃତୀୟ ନିବେଦନ ।।

ମଠ ମନ୍ଦିରରେ ଠାକୁର ଦେବତାଙ୍କୁ ଦର୍ଶନ କରିବା, ପୂଜା ନୈବେଦ୍ୟ ନିବେଦନ କରିବା ଏବଂ ତଜ୍ଜନିତ ମାନସିକ ଶାନ୍ତିସନ୍ତୋଷ ଲାଭ କରିବା ଏକପ୍ରକାର । ତହିଁରୁ ଯେ ପୁଣ୍ୟ ଅର୍ଜନ ହୁଏନା, ଏକଥା ନୁହେଁ । ସେକଥା ମଧ୍ୟ ଆମ୍ଭେ କହୁନାହୁଁ । ମାତ୍ର, ପ୍ରତ୍ୟକ୍ଷ ଗୁରୁଙ୍କୁ ଦର୍ଶନ କରିବା, ତାଙ୍କ ସହିତ ବାର୍ତ୍ତାଳାପ କରିବା, ଉପହାର ଉପଢ଼ୌକନ ଦେବା ଅନ୍ୟ ଏକ କଥା । ଏଥି ନିମନ୍ତେ ବହୁ ସାବଧାନତା ଓ ସତର୍କତା ଅବଲମ୍ବନ କରାଯାଏ, କରାଯିବା ମଧ୍ୟ ବାଞ୍ଛନୀୟ । ପୁଣି, ପରଂବ୍ରହ୍ମ ନରନାରାୟଣଙ୍କୁ ଦର୍ଶନ କରିବା, ସମସ୍ୟାର ସମାଧାନ ନେବା, ଗୁହାରି ଜଣାଇବା, ଘର ସଂସାର ସଂପର୍କରେ ଜାଣିବା, ଉପହାର ଦେବା ଇତ୍ୟାଦି ଯାବତୀୟ ସଂପର୍କ ରକ୍ଷାକାଳରେ ଶିଷ୍ୟଭକ୍ତ ଅନୁଗତମାନେ ବହୁବିଧ ସ୍ଥୂଳ ଓ ସୂକ୍ଷ୍ମ ସତର୍କତା ଅବଲମ୍ବନ କରିବା ଏକାନ୍ତ କର୍ତ୍ତବ୍ୟ । ଖାମଖିଆଲି ହୋଇ ଏଥିପ୍ରତି ଅବହେଳା ପ୍ରଦର୍ଶନ କଲେ, କହିବା ବାହୁଲ୍ୟ ଯେ, ଭଲ କରିବାକୁ ଯାଇ ଆପଣାଆପେ ମନ୍ଦ ଫଳ ଆନୟନ କରିବା ସୁନିଶ୍ଚିତ ।

ଭକ୍ତ ଶିଷ୍ୟ ଅନୁଗତ ସଚରାଚର ସାଧାରଣତଃ ଆପଣା ଆପଣା ମନରେ ବହୁବିଧ କାମନା ବାସନା ପୋଷଣ କରି ସଦ୍‌ଗୁରୁ ପରଂବ୍ରହ୍ମ ଶ୍ରୀଗୁରୁସ୍ୱାମୀଙ୍କର ଦର୍ଶନ ଅଭିଳାଷୀ ହୋଇ ଆସନ୍ତି, ଆସୁଛନ୍ତି । ଦିନକୁଦିନ ଦର୍ଶନାଭିଳାଷୀମାନଙ୍କର ସଂଖ୍ୟା ମଧ୍ୟ ହୁହୁ ବଢ଼ିବାରେ ଲାଗିଛି । ମାତ୍ର, ଆମର କହିବାର କଥା ହେଉଛି ଯେ, ସେମାନଙ୍କ ମଧ୍ୟରୁ ଅନେକେ ବୁଝିନଥା'ନ୍ତି ବା ଜାଣି ନ ଥାନ୍ତି ଯେ, ଶ୍ରୀଗୁରୁସ୍ୱାମୀ ପ୍ରଭୁପାଦ ଠାକୁରଙ୍କ ଦର୍ଶନ ସମୟରେ ବା ତହିଁର ଅବ୍ୟବହିତ ପୂର୍ବରୁ ମନକୋଣରେ ଯେଉଁ ଭାବର ଉଦ୍ରେକ ହୋଇଥାଏ, ସେହି ଭାବର ସିଦ୍ଧି ଅବସ୍ଥା ଦର୍ଶନ କାଳରେ ହିଁ ସ୍ୱତଃ ସିଦ୍ଧ ହୁଏ । ଏକଥା ସତ୍ୟ ଯେ, ବ୍ରହ୍ମ ସଦା ନିଷ୍କ୍ରିୟ ଏବଂ ଇଚ୍ଛାହୀନ । ବ୍ରହ୍ମାଂଶ ଜୀବର ଭାବ ହିଁ ତାଙ୍କର ସକ୍ରିୟ ଏବଂ ଇଚ୍ଛାଧୀନ ଅବସ୍ଥା । ତେଣୁ ଠାକୁରଙ୍କୁ ଦର୍ଶନ, ପ୍ରଣାମ, ବାର୍ତ୍ତାଳାପ, ଅର୍ଘ୍ୟନିବେଦନ, ଉପହାର ପ୍ରଦାନ କରିବାକୁ ଗଲାବେଳେ ବା ଯିବା ପୂର୍ବରୁ ଅତ୍ୟନ୍ତ ସାବଧାନତା ଓ ସତର୍କତାର ସହିତ ଯିବା ଏକାନ୍ତ ଉଚିତ । ତା'ନହେଲେ ପୁଣ୍ୟ ଅର୍ଜନ କରିବାକୁ ଯାଇ ସାଥିରେ ନେଇ ଯାଇଥିବା କୁଚିନ୍ତା, କୁଭାବନାର ସୂକ୍ଷ୍ମବୀଜ ଅନ୍ତଃକରଣରେ ମୁହୂର୍ତ୍ତକ ମଧ୍ୟରେ ଅଙ୍କୁରୋଦ୍‌ଗମ ହୋଇ ଏକ ବିଶାଳ ବିଷବୃକ୍ଷରେ ପରିଣତ ହେବା ଓ ଇହକାଳ ପରକାଳକୁ ସବୁ ସାଧନାର ଫଳ ନଷ୍ଟ କରିଦେବା ଅସମ୍ଭବ ନୁହେଁ ।

ଏଥି ନିମନ୍ତେ ସବୁଠାରୁ ଉତ୍ତମ ବ୍ୟବସ୍ଥା ହେଉଛି, ଦର୍ଶନାଭିଳାଷୀ ମନର ଅନ୍ତଃକରଣରେ କୌଣସି କାମନା ବାସନା ନରଖି ମନ ଓ ଶରୀରକୁ ସର୍ବତୋଭାବରେ ଶୂନ୍ୟ କରି ଶୂନ୍ୟ ପୁରୁଷ ନିରାକାର ପରଂବ୍ରହ୍ମ ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀ ଠାକୁରଙ୍କ ସନ୍ନିଧାନକୁ ଦର୍ଶନାଦି ଅଭିଳାଷରେ ଯିବା ।

ପ୍ରଭୁଙ୍କ ସହିତ ଆଳାପ ଆଲୋଚନା କରିବା ସମୟରେ ମଧ ସମସ୍ତଙ୍କ ଉପସ୍ଥିତିରେ ସମସ୍ତଙ୍କ ଅଲକ୍ଷ୍ୟରେ ସିଦ୍ଧି ଝରିଆସେ । ତେଣୁ, ଏ କ୍ଷେତ୍ରରେ ମଧ ତୀକ୍ଷ୍ଣ ସତର୍କତା ଅବଲମ୍ବନ କରିବା ଉଚିତ । ପ୍ରଭୁଙ୍କ ସହିତ ଆଲୋଚନା ସମୟରେ ଏପରି କୌଣସି ପ୍ରସଙ୍ଗ ଆଲୋଚନା ପରିସର ମଧ୍ୟକୁ ଆଣିବା ଉଚିତ ନୁହେଁ ଯଦ୍ଵାରା ଶିଷ୍ୟଭକ୍ତ ଅନୁଗତ ଆପଣା ଭିତରକୁ ଗୁଡ଼ାଏ ତମ ବା ରଜ ଗୁଣାତ୍ମକ ଭୟଙ୍କର ସିଦ୍ଧି ଆହରଣ କରିନେଇ ଦୈନନ୍ଦିନ ଦିନଚର୍ଯ୍ୟାରେ ଅଭ୍ୟାସ କର୍ମଯୋଗ ସାଧନାରେ ବିଫଳ ହୋଇ ଆପଣାର ଇହକାଳ ଓ ପରକାଳକୁ ନଷ୍ଟଭ୍ରଷ୍ଟ କରି ଦେବ ।

ସ୍ଥୂଳ ଜଗତର ସାଂସାରିକ ବିଷୟ ଜଂଜାଳ ଘଟିତ ସମସ୍ୟା ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କ ସନ୍ନିଧାନରେ ବାରମ୍ବାର ତୋଳି ନ ଧରି ସୂକ୍ଷ୍ମ ଆଧ୍ୟାତ୍ମିକ ଜୀବନର ମହନୀୟତା ନିମନ୍ତେ ଧୀରନମ୍ର ଧୈର୍ଯ୍ୟର ସହିତ ଗୁହାରି କରି ଶ୍ରୀଗୁରୁସ୍ୱାମୀଙ୍କ ନିଷ୍ପତ୍ତି ପାଇଁ ଦୀର୍ଘକାଳ ହେଉ ପଛେ ଅପେକ୍ଷା କରିବା ଉଚିତ । ତତ୍‌କ୍ଷଣାତ୍ ନିଷ୍ପତ୍ତି ଲୋଡ଼ି ବସିବା ଅନ୍ୟ ଏକ ଅପରାଧ, ''ଏଥରକ ଏତିକି'' ।

ଝଝଝ

ନାରୀ ନରକରେ ନ କର ଭାବ
ଗୋପନେ ଗହନେ ହେଲାଣି ଠାବ,
ଭାବ ଭିଡ଼ିଦିଅ ପାଦ ନାବରେ
ପ୍ରେମ ଭକ୍ତି ଶିଖ ଭକ୍ତ ଭାବରେ ।।

ଯୁଗ ଯୁଗାନ୍ତର ତପ ସାଧନ
ପବିତ୍ର କରିଛି ତୁମ ଜୀବନ,
ବିପଥରେ ପଡ଼ି ନହୁଅ ନାଶ
ପାଦପଦ୍ମ ଚିନ୍ତି ଧାନରେ ବସ ।।

ନିଷ୍ଠା ତ୍ୟାଗ ବ୍ରତ ଧରି ଗୁରୁସେବା କରି
ବିଷୟା ବନ୍ଧନୁ ଶିଷ୍ୟ ହୋଇଥାଏ ପାରି,
ସେବାରେ ନଥିଲେ ନିଷ୍ଠା ନିଷ୍କଳ ହୁଅଇ
ବିଷବନ୍ଧନ ତାହାରେ ଅବଶ୍ୟ ଘାରଇ ।।

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!


ବାଳକ ସୁନ୍ଦରାନନ୍ଦ ହିଁ ଅଚ୍ୟୁତାନନ୍ଦ ନାମରେ ଖ୍ୟାତ ହେଲେ । ଏକଲକ୍ଷ ଗ୍ରନ୍ଥର ପ୍ରଣେତା ମହାପୁରୁଷ ଅଚ୍ୟୁତାନନ୍ଦ ଜୀବୋଦ୍ଧାର ଏବଂ ମୋକ୍ଷ ପ୍ରାପ୍ତି ଉଦ୍ଦେଶ୍ୟରେ ନିଗୂଢ଼ ତତ୍ତ୍ୱମାନ ସହଜ ଓ ସରଳ ଭାଷାରେ ରଚନା କରିଅଛନ୍ତି । ''ମାଳିକା'' ରଚନା କରିବାରେ ପଞ୍ଚସଖାଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ଅଗ୍ରଗଣ୍ୟ । କବିମାନେ ହିଁ ଦ୍ରଷ୍ଟା, ସ୍ରଷ୍ଟା ଏବଂ ଭବିଷ୍ୟତ ପ୍ରବକ୍ତା । ସୃଜନଶୀଳତାର ତୃତୀୟଚକ୍ଷୁରେ ଭବିଷ୍ୟତର ବିପର୍ଯ୍ୟସ୍ତ ସାମାଜିକ ଜୀବନକୁ ଦେଖି ଅନ୍ୟ ସମସ୍ତଙ୍କୁ ଦେଖାଇବା ଓ ସାମାଜିକ ସଚେତନତା ସୃଷ୍ଟିକରିବା କବି ପ୍ରଜାପତିଙ୍କର ଅନ୍ୟତମ କର୍ତ୍ତବ୍ୟ । କାରଣ, ''ଅପାର କାବ୍ୟ ସଂସାରେ କବିରେବ ପ୍ରଜାପତିଃ ।'' ମାତ୍ର, ମହାପୁରୁଷ ଅଚ୍ୟୁତାନନ୍ଦ ଥିଲେ ଦିବ୍ୟଦ୍ରଷ୍ଟା, ତେଣୁ ତାଙ୍କର ସୃଷ୍ଟିସମ୍ଭାର ଦିବ୍ୟଭାବରେ ପରିପୂର୍ଣ୍ଣ । ସେହି ଦିବ୍ୟଭାବ ରସାପ୍ଲୁତ ସୃଷ୍ଟିସମଷ୍ଟିରୁ କେତେକାଂଶ ''ଚରମ'' ର ଜନ୍ମଜାତକ ଠାରୁ ଏ ଯାବତ ନିୟମିତ ଭାବରେ 'ଚରମ' ପୃଷ୍ଠାରେ ପରିବେଷଣ କରାଯିବା ସହିତ ଲୋକଶିକ୍ଷା ନିମନ୍ତେ ତହିଁର ସରଳୀକୃତ ତାତ୍ତ୍ୱିକ ବ୍ୟାଖ୍ୟା ମଧ୍ୟ ପ୍ରକାଶ କରାଯାଉଅଛି । ଏହା ଶ୍ରଦ୍ଧାର ସହିତ ପାଠ କରି ଏହି ମାର୍ଗରେ ଗତି କଲେ, ସମାଜର ଅଶେଷ ହିତ ସାଧିତ ହୋଇ ପାରିବ ।।

**ଅଚ୍ୟୁତଙ୍କ ଲେଖନୀରୁ :-** **ବ୍ରହ୍ମ ଏକାକ୍ଷର ଗୀତା :-** **''ତୃତୀୟଅଧ୍ୟାୟ''**

''ଅଚ୍ୟୁତ ବୋଲନ୍ତି ଶୁଣ ରାମଚନ୍ଦ୍ର
ଭକତ ନାମ ମହିମା ।
ତିନିସତ୍ତ୍ୱ ମଧ୍ୟେ ଭକତ ଉତ୍ତମ
ରୂପରୁ ଅରୂପ ସୀମା ।।୧।।

ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ ଅଶୂନ୍ୟ
ଶୂନ୍ୟରୁ ରେହ ପ୍ରଚାର ।
ରେହରୁ ଯେ ଜଳ ବିନ୍ଦୁ ହେଲା ଠୁଳ
ଠୁଳରୁ ହେଲା ଇକାର ।।୨।।
ଅର୍ଦ୍ଧମାତ୍ରା ବୋଲି ନାମଟି ତାଙ୍କରି
ଆଦିମାତା ନାମ ତାର ।
ଯୋଗମାୟା ଗର୍ଭେ ବିନ୍ଦୁ ପ୍ରକାଶିଛି
ସେହି କୃଷ୍ଣ ଅବତାର ।।୩।।
ସେଇ ଯେଉଁ ପ୍ରଭୁ ଭକ୍ତଭାବେ ବଶ
ଭକତ ଯେ ସେହି ଏହି ।
ଅବତାର ଧରେ ଭକତ ଭାବରେ
ଲୀଳା ଭୋଗ ବିଳସଇ ।।୪।।
ଅକ୍ଷର ରୂପେ ବିଜେ କରିଅଛନ୍ତି
ଶୂନ୍ୟ କାୟା ଚକ୍ର ପରେ ।
ପଞ୍ଚତତ୍ତ୍ୱ ଯେଉଁ ଭକ୍ତ ବିହ୍ନି ଭଜେ
ଭକତ ବୋଲିବା ତାରେ ।।୫।।
ବୀଜ ନାମ ଗଙ୍ଗା କୂଳରେ ଯେ ଧ୍ୟାନ
ଲଗାଇବ ଜ୍ୟୋତିକି ଯେ ।
ହରିହର ସୁତାସୁତ ହୋଇ ଚିତ୍ତ
ଶୁଦ୍ଧ ଅବିରତେ ଭଜେ ।।୬।।
ଏମନ୍ତ ଭକତ ପଛେ ଅବିରତ
ବୁଲେ ମୁଁ ଦାସ ଅଚ୍ୟୁତ ।
ମାୟାରୂପ ଧରି ସଂକଟୁ ଉଦ୍ଧରି
ଯେଣୁ ମୋର ପଞ୍ଚଭୂତ ।।୭।।'

❖ ଏହି ସଂଖ୍ୟାର ''ରତ୍ନବେଦୀ'' ସ୍ତମ୍ଭ......୩୦.........ପୃଷ୍ଠାରେ ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା ପଢ଼ନ୍ତୁ । ❖




# ଫାଲ୍ଗୁନ

*ଅନେକଙ୍କ ଦୃଷ୍ଟିରେ ପୁରାଣ ବୋଇଲେ କେତେକ ପୌରାଣିକ ଗଳ୍ପର ସମାହାର ମାତ୍ର । କେତେବେ ଏହି ଗଳ୍ପଗୁଳର କାଳ୍ପନିକତାକୁ ଇଙ୍ଗିତ କରିଥାଆନ୍ତି । ଅନ୍ୟ କେତେକେ କେବଳ ଲୋକ ଶିକ୍ଷା ପାଇଁ ପୁରାଣର ସୃଷ୍ଟି ବୋଲି ମତଦେଇ ନୀରବ ରହନ୍ତି । କିନ୍ତୁ ପ୍ରତ୍ୟେକ ପୌରାଣିକ ଗଳ୍ପାଂଶର ପଶ୍ଚାତ୍ ଭାଗରେ ନିଗୁଢ଼ ଯୋଗମାର୍ଗର ଗୂଢ଼ ତତ୍ତ୍ୱ ନିହିତ ଅଛି । ସର୍ବସାଧାରଣ ପୁରାଣ ପାଠକରି ଆମୋଦିତ ହୁଅନ୍ତି । ଅଳ୍ପ କେତେଜଣ ତହିଁରୁ ଦୈନନ୍ଦିନ ଜୀବନଚର୍ଯ୍ୟାର ଉପାଦେୟ ଉପାଦାନ ଆହରଣ କରି ପୂତପବିତ୍ର ଜୀବନଯାତ୍ରା ନିର୍ବାହ କରନ୍ତି । ମାତ୍ର କେତେଜଣ ତହିଁରୁ ଯୋଗମାର୍ଗର ତତ୍ତ୍ୱ ଉପଲବ୍ଧି କରିପାରନ୍ତି ??*

*ପୁରାଣପାଠର ଆଭିମୁଖ୍ୟରେ ଏକ ସର୍ବଧର୍ମ ସମନ୍ୱୟର ବୈପ୍ଳବିକ ପରିବର୍ତ୍ତନ ଆଣି ରୁଚି ସମ୍ମତ ଯୌଗିକ କ୍ରିୟାରେ ଆଗ୍ରହୀ ଅନୁସନ୍ଧିତ୍ସୁ ଜିଜ୍ଞାସୁ ସଦାତ୍ମାମାନଙ୍କର ଅପ୍ରମେୟ କଲ୍ୟାଣ ସାଧନ ନିମନ୍ତେ 'ଚରମ' ପ୍ରତିଟି ସଂଖ୍ୟାରେ ପୌରାଣିକ ଗଳ୍ପାଂଶର ଅବତାରଣା ସହିତ ତହିଁର ତାତ୍ତ୍ୱିକ ବ୍ୟାଖ୍ୟା ନିୟମିତ ଭାବରେ ପରିବେଷଣ କରାଯାଉଅଛି ।।*

## ଶୂଦ୍ରମୁନି ଶାରଳା ଦାସ କୃତ ''ମହାଭାରତ''........''ଆଦ୍ୟପର୍ବ''

## ଅଙ୍ଗାରପନ୍ନଗ ଯୁଦ୍ଧ

ଦ୍ରୌପଦୀଙ୍କ ସ୍ୱୟମ୍ବରରେ ଯୋଗଦେବା ପାଇଁ ବ୍ୟାସଙ୍କ ନିର୍ଦ୍ଦେଶରେ ପାଣ୍ଡବ ପଞ୍ଚଭ୍ରାତା ପାଞ୍ଚାଳ ଦେଶ ଅଭିମୁଖେ ତାଙ୍କର ଯାତ୍ରା ଆରମ୍ଭ କଲେ । ଦିନକୁ ଶହେ ଯୋଜନ ଗତିରେ ସେମାନେ ଅଗ୍ରଗାମୀ ହୋଇ ପଥ ମଧ୍ୟରେ କେତୁମାଳୀ ବନରେ ବିଶ୍ରାମ ନେଲେ । ଏହି ବନଟି ଦେବରାଜ ଇନ୍ଦ୍ରଙ୍କର ଜ୍ୟେଷ୍ଠ ପୁତ୍ର ଗନ୍ଧର୍ବ ଅଙ୍ଗାରପନ୍ନଗଙ୍କର ଅଧୀନରେ । ଅଙ୍ଗାରପନ୍ନଗଙ୍କର ଏକ ସହସ୍ର ପତ୍ନୀ ଥିଲେ । ଉକ୍ତ କେତୁମାଳୀ ବନର ଧାରେ ଧାରେ ପୁଣ୍ୟତୋୟା ଗନ୍ଧର୍ବୀ ନଦୀ ପ୍ରବାହିତ ହେଉଥିଲା ଏବଂ ନଦୀତଟରେ ଗନ୍ଧମାର୍ଦ୍ଦନ ପର୍ବତ ଅରଣ୍ୟର ଶୋଭା ବର୍ଦ୍ଧନ କରୁଥିଲା । ଧର୍ମନନ୍ଦନ ଯୁଧିଷ୍ଠିର ଅର୍ଜ୍ଜୁନଙ୍କୁ ନଦୀର ପବିତ୍ରତା ସଂପର୍କରେ ସୂଚନା ଦେଇ ତା'ର ପବିତ୍ର ଜଳରେ ସ୍ନାନ କରିବାକୁ ନିର୍ଦ୍ଦେଶ ଦେଲେ । ଭ୍ରାତୃଭକ୍ତ ଅର୍ଜ୍ଜୁନ ଆନନ୍ଦରେ ଅଧିର ହୋଇଗଲେ । ଏହି ସମୟରେ ଅଙ୍ଗାରପନ୍ନଗଙ୍କର ଅପୂର୍ବ ସୁନ୍ଦରୀ ରାଣୀମାନେ ଜଳକ୍ରୀଡ଼ା କରି ଉଦ୍ୟାନରୁ ପୁଷ୍ପ ତୋଳୁଥିଲେ । ପାର୍ଥଙ୍କର ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ କାମଜ୍ୱାଳାରେ ଅସ୍ଥିର ହୋଇଗଲେ । ମାତ୍ର ପତିବ୍ରତା ହୋଇ ଅସତୀ ହେବା ଭୟରେ ଥରି ଉଠିଲେ ଏବଂ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଙ୍ଗାରପନ୍ନଗଙ୍କ ନିକଟକୁ ଧାଇଁ ଯାଇ ଅର୍ଜ୍ଜୁନଙ୍କ ରୂପ ସଂପର୍କରେ ସୂଚନା ଦେଲେ । ନିଜର ରୂପ, ଗୁଣ ଓ ପୌରୁଷରେ ନିଜକୁ ଅନନ୍ୟ ମନେ କରୁଥିବା ଅଙ୍ଗାରପନ୍ନଗ ଏହାଶୁଣି ଆଶ୍ଚର୍ଯ୍ୟ ଚକିତ ହେଲେ । ଅର୍ଜ୍ଜୁନଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଶତ୍ରୁ ଭାବରେ ବିବେଚନା କରି ହଠାତ୍ କ୍ରୋଧର ଶିକାର ହୋଇଗଲେ ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଏକାକୀ ଅର୍ଜ୍ଜୁନଙ୍କ ସମ୍ମୁଖକୁ ଆସିଗଲେ । ଉଭୟଙ୍କର ଭୟଙ୍କର ଯୁଦ୍ଧ ହେଲା । ଅଙ୍ଗାରପନ୍ନଗ ପ୍ରୟୋଗ କରିଥିବା ସମସ୍ତ ଶର ଅର୍ଜ୍ଜୁନଙ୍କ ମୁଖରେ ଚୁମ୍ବନ ଦେଇ ତଳେ ପଡ଼ିଗଲା ଓ ଅର୍ଜ୍ଜୁନଙ୍କ ପ୍ରେରିତ ସମସ୍ତ ଶର ଅଙ୍ଗାରପନ୍ନଗଙ୍କର ପାଦ ସ୍ପର୍ଶ କରି ପଡ଼ିରହିଲା । କେହି କାହାରି କୌଣସି ଅନିଷ୍ଟ କରିପାରିଲେ ନାହିଁ । ଶେଷରେ ଅତ୍ୟନ୍ତ କ୍ରୁଧ ହୋଇ ଦୁଇଟି ଗଦା ଧାରଣ କରି ଅର୍ଜ୍ଜୁନଙ୍କୁ

ଆକ୍ରମଣ କରିବାକୁ ଅଙ୍ଗାରପନ୍ନଗ ଧାଇଁ ଆସୁଥିବା ସମୟରେ ଅର୍ଜୁନ ମୋହନ ଶର ମାରି ଅଙ୍ଗାରପନ୍ନଗଙ୍କୁ ମୋହିତ କରି ଦେଲେ । ସେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ସମୟରେ ଧନଞ୍ଜୟ ବିଜୟ କଟାରି ଧରି ତାଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ । ସ୍ୱାମୀଙ୍କର ଏତାଦୃଶ ଅବସ୍ଥା ଦେଖି ନାରୀମାନେ ଆକୁଳ କ୍ରନ୍ଦନ କରିବା ସମୟରେ ଯୁଧିଷ୍ଠିର ଅନ୍ୟ ତିନିଭାଇଙ୍କ ସହ ଆସୁଥିବାର ଦେଖି ତାଙ୍କର ପାଦତଳେ ପ୍ରଣାମ କରି ସ୍ୱାମୀ ଅଙ୍ଗାରପନ୍ନଗଙ୍କର ଜୀବନ ଭିକ୍ଷା ମାଗିଲେ । ଯୁଧିଷ୍ଠିରଙ୍କର ଆଦେଶରେ ପାର୍ଥ ଅଙ୍ଗାରପନ୍ନଗଙ୍କୁ ହତ୍ୟା ନ କରି ଛାଡ଼ିଦେଲେ । ଅଙ୍ଗାର ଧର୍ମନନ୍ଦନଙ୍କର ମହନୀୟତାରେ ମୁଗ୍ଧ ହୋଇ କୃତଜ୍ଞତା ଜଣାଇ ପ୍ରଣାମ କଲେ ଓ ସେ ଇନ୍ଦ୍ରଙ୍କର ନନ୍ଦନ ବୋଲି ପରିଚୟ ଦେଲେ । ଅର୍ଜୁନ ମଧ ଇନ୍ଦ୍ରଙ୍କର ପୁତ୍ର ଥିଲେ । ତେଣୁ ଦୁଇଭାଇଙ୍କର ପରିଚୟ ହେଲା । କନିଷ୍ଠ ଭ୍ରାତାର ଅପୂର୍ବ ବୀରତ୍ୱରେ ସନ୍ତୁଷ୍ଟ ହୋଇ ଅଙ୍ଗାରପନ୍ନଗ ଅର୍ଜୁନଙ୍କୁ ଦୁଇଟି ବରଦାନ କଲେ । ପ୍ରଥମ ବରରେ ଗନ୍ଧର୍ବ ଶର ପ୍ରଦାନ କଲେ । ଏହି ଶରର ତେଜ ସୂର୍ଯ୍ୟଙ୍କର ପ୍ରଖର ରଶ୍ମୀ ପରି ତେଜସ୍ୱର ଅଟେ । ବିଦ୍ୟାଧର ଗନ୍ଧର୍ବ କହିଲେ, ''ଏହି ମହାଶସ୍ତ୍ର ମୋ ନିକଟରେ ଥିବ । ତୁ ସ୍ମରଣ କଲା ମାତ୍ରେ ତୋ ନିକଟରେ ପହଞ୍ଚିବ । ପାଞ୍ଚାଳ ଦେଶରେ ସ୍ୱୟମ୍ବର ସଭାରେ ଲାକ୍ଷ ବିନ୍ଧିଲା ସମୟରେ ଏହି ଶସ୍ତ୍ର ସ୍ମରଣ କରିବୁ । ଏହାରି  ସାହାଯ୍ୟରେ ଲାଖ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଯାଜ୍ଞସେନୀଙ୍କ ପାଣି ଗ୍ରହଣ କରିବୁ ।'' ଦ୍ୱିତୀୟ ବର : ଅଭିଷେକ ସମୟରେ ପୁରୋହିତଙ୍କର ଆବଶ୍ୟକତା ଥିବାରୁ ସ୍ୱର୍ଗରୁ ଧୌମ୍ୟ ପୁରୋହିତଙ୍କୁ ମର୍ତ୍ତ୍ୟକୁ ଆବାହନ କରି ଅର୍ଜୁନଙ୍କୁ ସାଥିରେ ନେଇ ପଞ୍ଚାଳ ଦେଶକୁ ଯିବାକୁ ଆଶୀର୍ବାଦ ଦେଲେ ।

ଏହାପରେ ବିଦ୍ୟାଧର ବୃନ୍ଦାରକ ବନକୁ ଅନ୍ତରୀକ୍ଷରେ ଚାଲିଗଲେ ଓ ପାଣ୍ଡବମାନେ ପାଞ୍ଚାଳମଣ୍ଡଳକୁ ଗମନ କଲେ ।

❖❖❖

ଗୁରୁଗୋବିନ୍ଦଙ୍କୁ ମନେ ସୁମର,
ଶଙ୍କା ବା ସନ୍ଦେହ ନ କର ।
ଗୁରୁ ହର୍ତାକର୍ତା ଦଇବ ବିଧାତା,
ଗୁରୁ ସୁଖ ଶାନ୍ତି ମୁକ୍ତି କରତା ।।

କର୍ମଯୋଗ ଧର୍ମଧାରା ତୁ ଛାଡ଼ି,
ଅମଡ଼ା ବାଟରେ ଯାଉଛୁ ମାଡ଼ି ।
ପଥେ ଜଗି ଅଛି କାଳ ସଞ୍ଚାଣ,
ଝାମ୍ପି ନେଇଯିବ ତତ୍‌କ୍ଷଣେ ଜାଣ ।।

ଶ୍ରୀଗୁରୁ ଚରଣ ଧରମ ନାବ,
ତହିଁ ମନ ମୀନ କରୁ ତୁ ଠାବ ।
ଶ୍ରୀଗୁରୁ ଚରଣେ ବାନ୍ଧ ତୁ ମନ,
ପାରି ହୋଇଯିବୁ ଗହନ ବନ ।।

ଉକ୍ତ ଗଳ୍ପାଂଶର ତାତ୍ତ୍ୱିକ ମୀମାଂସା ଏହି ସଂଖ୍ୟା ''ରତ୍ନବେଦୀ''...୩୨.......ପୃଷ୍ଠାରେ

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



*''ମୋହ'' ର ତତ୍ତ୍ୱ ଅତ୍ୟନ୍ତ ଗୁଢ଼ । ଏହାର ଗହନ ତତ୍ତ୍ୱ ''ଚରମ'' ପୃଷ୍ଠାରେ ନିୟମିତ ଧାରାବାହିକ ଭାବରେ ବିଭିନ୍ନ ଉଦାହରଣ ଓ ଆଖ୍ୟାୟିକ ମାଧମରେ ପ୍ରତିଷ୍ଠ ହୋଇଆସୁଛି । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ତତ୍ତ୍ୱ ବହୁମୁଖୀ, ବହୁ ବିଭାଗ, ଅନୁବିଭାଗ, ଶାଖା ପ୍ରଶାଖାରେ ତାହା ସୁବିନ୍ୟସ୍ତ । ଆଙ୍ଗିକତାରେ ତାହା ଯେପରି କମନୀୟ, ଭାବ ବିନ୍ୟାସରେ ସେହିପରି ନମନୀୟ, ଭାଷା ବୈଭବରେ ଯେପରି ସରଳ, ତରଳ, ପ୍ରାଞ୍ଜଳ, ଆମ୍ବିକତାରେ ତଦ୍ରୁପ କୋମଳ କମଳଦଳ ସଦୃଶ ମନୋରମ ।*

*ସାଧାରଣ ଜନମାନସରେ ''ମୋହ'' ର ତତ୍ତ୍ୱ ବୋଧଗମ୍ୟ କରିବା ଅଭିପ୍ରାୟରେ ଏଠାରେ ପ୍ରୟାସ କରାଯାଇ ଅଛି । ବସ୍ତୁତଃ, ଜୀବ ସ୍ଥୂଳଚକ୍ଷୁର ଉପଭୋଗ ଜନିତ ବାସନାରେ ଜଡ଼ିତ ହେଲେ ହିଁ ମୋହ ଜାତେ ।*

## 'ଚରମ' ଅଷ୍ଟାଦଶ ସଂଖ୍ୟାର ଅନୁଶ୍ରୁତିରୁ : ବ୍ୟକ୍ତମୋହ :

**'ଗୁର୍ବାଗଂଜନ ମୋହ'** ର ଦଶମ ପ୍ରକରଣ ହେଉଛି-ଅନୁଗତ ଶିଷ୍ୟ ଅନୁସନ୍ଧିତ୍ସୁ ହୃଦୟରେ ଜିଜ୍ଞାସାର ବଶବର୍ତ୍ତୀ ହୋଇ 'ବ୍ୟକ୍ତ ମୋହ' ସମ୍ବନ୍ଧରେ ଶ୍ରୀଶ୍ରୀଶ୍ରୀ ପ୍ରଭୁପାଦ ଗୁରୁସ୍ୱାମୀଙ୍କୁ ବିନମ୍ର ନିବେଦନ କରନ୍ତି :

ବ୍ୟକ୍ତ ମୋହରେ ବଳେ ମତି । କହିବା ହୁଅନ୍ତୁ ଶ୍ରୀପତି ॥
ଆଖ୍ୟାୟିକାରେ ବ୍ୟାଖ୍ୟା କରି । କୁହନ୍ତୁ ପ୍ରଭୁ ଦୟାକରି ॥
ସହଜେ ଯେହ୍ନେ ବୋଧ ହୋଇ । କୁହ ଉଦାହରଣ ଦେଇ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଯେଉଁ ପ୍ରାଣୀ ଜ୍ଞାତସାରରେ । ତ୍ରୁଟି ବିଚ୍ୟୁତି ଭ୍ରମେ କରେ ॥
ପୁଣି ତା' ଗୋପ୍ୟ ନ ରଖଇ । ଗୁରୁଙ୍କୁ ଦିଅଇ ସୂଚାଇ ॥
ଏହାକୁ କହି ବ୍ୟକ୍ତ ମୋହ । ବୁଝାଇ ଦେବା ସ୍ଥିର ରୁହ ॥

ପରମଦୟାଳୁ କରୁଣାସାଗର ଠାକୁରେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବାକୁ ଯାଇ କହନ୍ତି; ସ୍ଥୂଳଜଗତରେ ଜନ୍ମଲାଭ କରି ଗୁରୁ ଗ୍ରହଣାନ୍ତେ ଶିଷ୍ୟ ନିଜର ନିତ୍ୟ ନୈମିତ୍ତିକ ଧର୍ମ କର୍ମଧାରାରେ ପାଦଚାଳି ଚାଲୁ ଚାଲୁ ଭ୍ରମବଶତଃ ହେଉ ଅଥବା ଜ୍ଞାତସାରରେ ହେଉ ନାନା ତ୍ରୁଟି ବିଚ୍ୟୁତି କରେ, ଏପରି କରିବା ମଧ ସ୍ୱାଭାବିକ ଅଟେ । ତ୍ରୁଟିପୂର୍ଣ୍ଣ ଏପ୍ରକାରର କୃତକର୍ମକୁ ଶିଷ୍ୟ ନିଜ ମଧରେ ଗୋପନ ନ ରଖି, ତାହା ସ୍ୱଷ୍ଟତଃ ଶ୍ରୀଗୁରୁଙ୍କୁ ସ୍ଥୂଳଭାବରେ ଆପଣା ଭାଷାରେ ଜଣାଇଦେଲେ, ଏହାକୁ 'ବ୍ୟକ୍ତ ମୋହ' କୁହାଯାଏ ।

'ବ୍ୟକ୍ତ ମୋହ'ର ସ୍ୱରୂପ ବୁଝାଇବାକୁ ଯାଇ ଠାକୁରେ ସରଳ ସହଜ ବୋଧଗମ୍ୟ ଭାଷାରେ କହନ୍ତି : ପ୍ରାଣୀ କେତେକ ତ୍ରୁଟି ଜାଣିଶୁଣି କରିଥାଏ । ନିଜର ଜାଣତରେ ଆସକ୍ତିର ବଶବର୍ତ୍ତୀ ହୋଇ ଗୁରୁଦେବଙ୍କର ଆଦେଶ ନିର୍ଦ୍ଦେଶ ଉପଦେଶକୁ ଲଂଘନ ମଧ୍ୟ କରିଥାଏ । ଏସବୁ ସତ୍ତ୍ୱେ ଶିଷ୍ୟ ସରଳ ଶିଶୁଟିଏ ପରି ଆପଣାର ସକଳ ତ୍ରୁଟି ବିଚ୍ୟୁତି, ସମସ୍ତ ଅପରାଧ ଓ ଗୁରୁବାକ୍ୟ ଲଂଘନ ଇତ୍ୟାଦି ସ୍ୱଷ୍ଟ ଭାବରେ ଓ ଭାଷାରେ ଶ୍ରୀଗୁରୁସ୍ୱାମୀଙ୍କର ସନ୍ନିଧାନରେ ପ୍ରକାଶ କରିଦେଇଥାଏ । କିଛି ହିଁ ଗୋପନ ରଖେ ନାହିଁ । ଗୁରୁଦେବ ସବୁ ଜାଣି ପାରୁଛନ୍ତି, ସବୁ ଜାଣିଛନ୍ତି ବୋଲି ମନେକରି କହିବା ଦରକାର ନାହିଁ ବୋଲି ଆପଣା ଆପେ ନିଷ୍ପତ୍ତି ନେଇ ନୀରବ ରହେ ନାହିଁ । ସବୁକିଛି ସତ୍ୟତଥ୍ୟ ଖୋଲାଖୋଲି ଭାବରେ ଗୁରୁଙ୍କଠାରେ ପ୍ରକାଶ କରିଦିଏ । ଯେଉଁ ଶିଷ୍ୟ ଶ୍ରୀଗୁରୁଙ୍କ ସହିତ ଏପରି ଆଚରଣ ରକ୍ଷା କରିବାରେ କ୍ଷମ ବା ସମର୍ଥ ହୋଇପାରେ, ସେ 'ବ୍ୟକ୍ତ ମୋହ'ର କାରଣରୁ ଏପରି କରିପାରେ ବୋଲି ବୁଝିବାକୁ ହେବ ।

'ବ୍ୟକ୍ତ ମୋହ'ର ପ୍ରକରଣକୁ ଆହୁରି ସହଜ ସରଳ ଭାବରେ ବୁଝାଇବାକୁ ଯାଇ ଠାକୁରେ ସତ୍ୟଯୁଗର ଗୋଟିଏ ଘଟଣାକୁ ଆଖ୍ୟାୟିକା ରୂପରେ ଅନୁଗତ ପ୍ରିୟ ଶିଷ୍ୟକୁ ଶୁଣାଇଛନ୍ତି :

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଶ୍ରୀବତ୍ସ ନାମେ ରାଜା ଥିଲେ । ଧ୍ରୁଜଷ୍ଟିଙ୍କୁ ଗୁରୁ ବରିଲେ ॥
ଗୁରୁଙ୍କ ଠାରୁ ଦୀକ୍ଷା ନେଲେ । ଗୁରୁ ତାହାଙ୍କୁ ଆଦେଶିଲେ ॥

ଏକଦା ସତ୍ୟଯୁଗରେ **ଶ୍ରୀବତ୍ସ** ନାମରେ ଜଣେ ପ୍ରତିଭାବାନ୍ ରାଜା ଥିଲେ । ଗୋ-ଦେବ ବ୍ରାହ୍ମଣ ସେବାରେ ସେ ଅପାର ଆନନ୍ଦ ଲାଭ କରୁଥିଲେ । ପ୍ରଜାବତ୍ସଳ ରାଜା **ଶ୍ରୀବତ୍ସ** ରାଜ୍ୟର ପ୍ରଜାଗଣଙ୍କୁ ସନ୍ତାନତୁଲ୍ୟ ସ୍ନେହକରି ସତ୍ୟ ଧର୍ମ ନ୍ୟାୟ ନୀତିରେ ପାଳନ କରୁଥିଲେ । ରାଜ୍ୟରେ ସୁଖଶାନ୍ତି ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ଥିଲା । ରାଜା **ଶ୍ରୀବତ୍ସ** କାଳକ୍ରମେ **ଧ୍ରୁଜଷ୍ଟିଙ୍କୁ** ଗୁରୁରୂପେ ବରଣ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଗୁରୁଦେବ **ଧ୍ରୁଜଷ୍ଟି** ରାଜା **ଶ୍ରୀବତ୍ସଙ୍କୁ** ମନ୍ତ୍ରାଭିଷିକ୍ତ କରି ଦୀକ୍ଷା ଦେଲେ । ଦୀକ୍ଷାନ୍ତେ ସାଧନଭଜନ ପଥରେ ଚଳିବା ପାଇଁ ଗୁରୁ **ଧ୍ରୁଜଷ୍ଟି** ଶିଷ୍ୟ **ଶ୍ରୀବତ୍ସଙ୍କୁ** ଆଦେଶ ଉପଦେଶ ଦେଇ କହିଲେ :

### ଧ୍ରୁଜଷ୍ଟି ଉବାଚ :

ଦୈନିକ ପ୍ରଭାତ କାଳରେ । ନିଶ୍ଚିତ ଏକ ଲକ୍ଷ ବାରେ ॥
ଗାୟତ୍ରୀ ମନ୍ତ୍ର ଜପ କରି । ଚଳିବ ନିତ୍ୟ ପଥ ଧରି ॥
ଭାଙ୍ଗିଲେ ଜପର ନିୟମ । ଯଦିବା କଉଣସି ଦିନ ॥
ସ୍ମରଣ ଶକ୍ତିର ବିଚ୍ୟୁତି । ଘଟିବ ନ ହେବ ପ୍ରାପତି ॥
ମନ୍ତ୍ର ଜପର ଫଳପ୍ରାପ୍ତି । ନ ହେବ, ଲୁପ୍ତ ସ୍ମୃତି ଶକ୍ତି ॥

ବତ୍ସ **ଶ୍ରୀବତ୍ସ !** ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ଓ ସ୍ନାନ କରି ଶୁଦ୍ଧପୂତ ହୃଦୟରେ ନିଶ୍ଚୟ ଏକଲକ୍ଷ ଥର ଗାୟତ୍ରୀ ମନ୍ତ୍ର ଜପ କରିବ । ନିତ୍ୟପଥ ଧରି ଅନିତ୍ୟକୁ ତ୍ୟାଗ କରି ପ୍ରତ୍ୟହ ସତ୍ୟନିଷ୍ଠ ହୋଇ ଚଳିବ । ଜପ ଧ୍ୟାନ ନିୟମ କଦାପି ଭାଙ୍ଗିବ ନାହିଁ । ଯଦି କୌଣସି ଦିନ ଜପଧ୍ୟାନରେ ନିୟମ ଭାଙ୍ଗିବ, ତେବେ ତୁମର ସ୍ମରଣଶକ୍ତିର ବିଚ୍ୟୁତି ଘଟିବ ଏବଂ ସ୍ମୃତିଶକ୍ତି ଲୋପ ହେବ । ମନ୍ତ୍ରଜପର ଫଳପ୍ରାପ୍ତି ତୁମର ହେବ ନାହିଁ ।

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଏମନ୍ତ ଦେଇଣ ବିଧାନ । ଗାୟତ୍ରୀ ମନ୍ତ୍ର ଶିକ୍ଷାଦାନ ॥
ଦେଲେ ଧ୍ରୁଜଷ୍ଟି ମୁନି ଶ୍ରେଷ୍ଠ । ଶ୍ରୀବସ୍ତ ହେଲେ ଯୋଗନିଷ୍ଠ ॥
ଗୁରୁଙ୍କ ଆଦେଶ ଲଭିଣ । ରାଜା ଜପନ୍ତି ପ୍ରତିଦିନ ॥
ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ । ସ୍ନାନାଦି ଶଉଚ ଅନ୍ତରେ ॥
ଗାୟତ୍ରୀ ଜପ ଲକ୍ଷେ ବାରେ । କରନ୍ତି ପ୍ରତି ପ୍ରଭାତରେ ॥
ସ୍ମରଣ ଶକ୍ତିକୁ ନିଜର । ବୃଦ୍ଧିରେ ଥା'ନ୍ତି ତତପର ॥

ମୁନିଶ୍ରେଷ୍ଠ ଶ୍ରୀ ଗୁରୁଦେବ **ଧ୍ରୁଜଷ୍ଟି** ମନ୍ତ୍ର ଜପର ବିଧାନ ଦେଇ ରାଜା **ଶ୍ରୀବସ୍ତଙ୍କୁ** ଗାୟତ୍ରୀ ମନ୍ତ୍ର ଦେଲେ । ଶିଷ୍ୟ **ଶ୍ରୀବସ୍ତ** ଶ୍ରୀଗୁରୁଙ୍କ ଆଦେଶ ଅନୁଯାୟୀ ଯୋଗନିଷ୍ଠ ହୋଇ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗକରି ସ୍ନାନାଦି ଶୌଚକର୍ମ ପରେ ପ୍ରତିଦିନ ପ୍ରଭାତରେ ଲକ୍ଷେ ଥର ପବିତ୍ର ଗାୟତ୍ରୀ ମନ୍ତ୍ର ଯଥାବିଧି ଜପ କରନ୍ତି ଏବଂ ନିଜର ସ୍ମରଣଶକ୍ତିକୁ ବୃଦ୍ଧି କରିବାରେ ସର୍ବଦା ତତ୍ପର ରହିଥାଆନ୍ତି ।

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଶୁଣ ହୋ ବତ୍ସ ଏ ଉତ୍ତାରେ । ଘଟଣା ଘଟେ କି ପ୍ରକାରେ ॥
ପୁତ୍ରର ଏମନ୍ତ କୃତିରେ । ଜନକ ପଡ଼ିଲେ ଦ୍ୱନ୍ଦ୍ୱରେ ॥
ଦିନେ ପୁତ୍ରକୁ ଡାକି ପାଶେ । ଜନକ ତନୟେ ଆଦେଶେ ॥
ବ୍ରହ୍ମ ଗାୟତ୍ରୀ ଯଜ୍ଞ କଲେ । ବିଜ୍ଞ ତୁ ବୋଲାଇବୁ ଭଲେ ॥
ଯଜ୍ଞରୁ ଯେଉଁ ଫଳ ଫଳେ । ଜପରୁ ତାହାଟି ନ ମିଳେ ॥

ଅନୁଗତ ଅନୁସନ୍ଧିତ୍ସୁ ଶିଷ୍ୟଙ୍କୁ ପରମ କୃପାଳୁ ଠାକୁରେ ଆଖ୍ୟାୟିକାଟି ବୁଝାଇବାକୁ ଯାଇ ରାଜା **ଶ୍ରୀବସ୍ତଙ୍କର** ପରବର୍ତ୍ତୀ ଘଟଣାସମୂହ ବର୍ଣ୍ଣନା କରି କହନ୍ତି : ବତ୍ସ ! ରାଜା **ଶ୍ରୀବସ୍ତ** ଗୁରୁବାକ୍ୟକୁ ବେଦବାକ୍ୟ ତୁଲ୍ୟ ମନେ କରି ଯଥାରୀତି ପ୍ରତିଦିନ ପ୍ରଭାତରେ ଶୁଦ୍ଧଚିତ୍ତ ହୋଇ ଲକ୍ଷେ ଥର ଜପ କରିବାକୁ ଲାଗିଥାଆନ୍ତି । ପୁତ୍ରର ଏପରି ଆଧ୍ୟାତ୍ମିକ କର୍ମାଦିକୁ ତାଙ୍କ ବାପା ଲକ୍ଷ୍ୟକରି ଦ୍ୱନ୍ଦ୍ୱରେ ପଡ଼ିଲେ । ରାଜପୁତ୍ର ରାଜକାର୍ଯ୍ୟ ପ୍ରତି ବୀତସ୍ପୃହ ହୋଇ ପରମାର୍ଥ କାର୍ଯ୍ୟରେ ଅଧିକରୁ ଅଧିକତର ମନୋନିବେଶ କଲେ ରାଜ୍ୟଶାସନ ପ୍ରକ୍ରିୟା କାଳକ୍ରମେ ଶିଥିଳ ହୋଇଯିବ । ଆଭ୍ୟନ୍ତରୀଣ ଓ ବାହ୍ୟଶତ୍ରୁ ପ୍ରବଳ ହୋଇ ତାଙ୍କୁ ସିଂହାସନଚ୍ୟୁତ କରିବା ମଧ୍ୟ ଅସମ୍ଭବ ନୁହେଁ । ତେଣୁ, ଦିନେ ପୁତ୍ରକୁ ଡାକି ରାଜପିତା **ଶ୍ରୀବସ୍ତଙ୍କୁ** କହିଲେ: ପୁତ୍ର ! ତୁ ବ୍ରହ୍ମଗାୟତ୍ରୀ ଯଜ୍ଞ କଲେ ବିଜ୍ଞ ବୋଲାଇବୁ । ଯଜ୍ଞରୁ ଯେଉଁ ଫଳ ମିଳିଥାଏ, ଜପରୁ ତାହା ମିଳିପାରି ନ ଥାଏ ।

ଅନନ୍ତରେ ପିତାଙ୍କ କଥାରେ ପ୍ରଭାବିତ ହୋଇ ରାଜା **ଶ୍ରୀବସ୍ତ** ଗୁରୁବାକ୍ୟକୁ ଜାଣି ଶୁଣି ଲଂଘନ କଲେ, ଗାୟତ୍ରୀ ଜପ ଛାଡ଼ିଦେଇ ବ୍ରହ୍ମ ଗାୟତ୍ରୀ ଯଜ୍ଞ ଅନୁଷ୍ଠାନ କଲେ । କିନ୍ତୁ, ଦୁର୍ଭାଗ୍ୟ ! ବ୍ରହ୍ମଗାୟତ୍ରୀ ଯଜ୍ଞ ଫଳ ନ ପାଇ ରାଜା ନିଷ୍ଫଳ ହେଲେ । ତହୁଁ, ଏମନ୍ତ କିଛିଦିନ ବିତିଗଲା । ତେଣେ ଶ୍ରୀଗୁରୁଦେବ **ଧ୍ରୁଜଷ୍ଟିଙ୍କ** ମନ ଅସ୍ଥିର ହୋଇ ଉଠିଲା । ଗୁରୁଦେବ ଧ୍ୟାନରେ ବସି ଜାଣିଲେ ଯେ, ଶିଷ୍ୟ **ଶ୍ରୀବସ୍ତ** ଗୁରୁବାକ୍ୟ ଲଂଘନ କରି ଘୋର ବିପାକରେ ପଡ଼ିଛି । ତହୁଁ **ଧ୍ରୁଜଷ୍ଟି** ତତ୍‌କ୍ଷଣାତ୍ ରାଜା **ଶ୍ରୀବସ୍ତଙ୍କ** ପାଖକୁ ଗଲେ । **ଶ୍ରୀବସ୍ତଙ୍କୁ** ଭେଟି **ଧ୍ରୁଜଷ୍ଟି** ପଚାରିଲେ :

ପ୍ରତ୍ୟହ ପ୍ରଭାତ କାଳରେ । ରତ କି ଅଛ ସାଧନରେ ??
ଗାୟତ୍ରୀ ମନ୍ତ୍ର ଲକ୍ଷେବାର । ଜପ କି କର ପ୍ରତିଥର ??




## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :

*ଏଇମାତ୍ର ନିକଟ ଭବିଷ୍ୟତରେ ପୁରପଲ୍ଲୀରେ, ସହରନଗରରେ ମହାଡ଼ମ୍ବରରେ ମା' ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ପୂଜାଅର୍ଚ୍ଚନା ଯଥାବିଧି ସମାହିତ ହେବାକୁ ଯାଉଛି । ଦେବୀ ଦୁର୍ଗା ସକଳ ଶକ୍ତିର ଆଧାର ବୋଲି ଏ ଜଗତ ଜାଣି ମଧ୍ୟ ଆଜି ଅଜଣା ସାଜିଛି । ସକଳ ଦୁର୍ଗତିରୁ ମା' ରକ୍ଷାକରନ୍ତି ବୋଲି ତାଙ୍କର ନାମ ଦୁର୍ଗା । ଦେବୀ ଦୁର୍ଗା । ଜଗଜ୍ଜନନୀ ଦୁର୍ଗା । ଦୁର୍ଗା ପୂଜାକରି ମଧ୍ୟ ଆଜି ଆମର ଦୁର୍ଗତିର ଅନ୍ତ ନାହିଁ, ଦୁର୍ଗତିର ସୀମାନାହିଁ । ଶକ୍ତିର ଉପାସନା କରି ମଧ୍ୟ ଆଜି ଆମେ ସାଜିଛୁ ଶକ୍ତିହୀନ, ବୀର୍ଯ୍ୟହୀନ, ଦୁର୍ବଳ, ନିବୀର୍ଯ୍ୟ କ'ଣ ହୋଇପାରେ ଏହି ଦୁଃସ୍ଥିତାର ପ୍ରକୃତ କାରଣ ?? କାରଣ ଅତି ସ୍ପଷ୍ଟ । ବିଶ୍ୱବନ୍ଦନୀୟା ବିଶ୍ୱଜନନୀ ମା' ଦୁର୍ଗା ଯେ ଏ ଧରାଧାମରେ ପ୍ରତିଟି ନାରୀ ଶରୀରରେ ସୂକ୍ଷ୍ମସ୍ୱରୂପରେ ସତତ ବିରାଜିତ ଏହା ଆମେ ପାଶୋରି ଦେଇଛୁ । ନାରୀ ନିର୍ଯ୍ୟାତନାରେ, ସମାଜ ସିଦ୍ଧହସ୍ତ ହୋଇ ଯାଇଛି । ମାତୃଶକ୍ତି ପ୍ରତି କାମକଟାକ୍ଷ ପାତ କରି, ଜୀବନତମାମ ନାରୀ ପ୍ରତି ବ୍ୟଙ୍ଗ ବିଦ୍ରୁପ କରି ବର୍ଷରେ ଥରେ ଦେବୀଙ୍କର ପୂଜାର୍ଚ୍ଚନା ଦ୍ୱାରା ସକଳ ସଞ୍ଚିତ ପାପ ଓ ଦୁଷ୍କୃତିକୁ ଧୋଇ ପୋଛି ଦେବାର ଦୁର୍ବାର କାମନାବାସନା ନେଇ ମାତୃଶକ୍ତିର ଉପାସନାରେ କିବା ଫଳ ମିଳିପାରେ ?? ଯାହା ମିଳୁଛି, ତାହା ଅଜଣା ନୁହେଁ । ଏହି ମର୍ମରେ ଏଥର ଆବେଦନ :-*

## ଶକ୍ତି ଆବାହନ

ବିଶ୍ୱବନ୍ଦନୀୟା ବିଶ୍ୱଜନନୀ ତ୍ରିଗୁଣଧାରିଣୀ ଆଦିଶକ୍ତି ସ୍ୱରୂପିଣୀ ମାତୃଜାତି ଚରଣରେ କୋଟି ନମସ୍କାର । ଏ ଧରାଧାମରେ ପୁରୁଷ ମାତ୍ରେ ହିଁ ଶିବଙ୍କ ସ୍ୱରୂପ ଏବଂ ନାରୀମୂର୍ତ୍ତି ମାତ୍ରେ ହିଁ ଭଗବତୀ । ଏହିଭାବରେ ନିରୀକ୍ଷଣ କରି ଦେଖିଲେ ଚରାଚର ବସୁଧା ଶିବ-ଶକ୍ତିମୟ । ଶାସ୍ତ୍ର କହେ :

''ପୁଂଲିଙ୍ଗ ସର୍ବମିଶାନଂ ସ୍ତ୍ରୀଲିଙ୍ଗ ଭଗବତୀ ଉମା । ଉମାରୁଦ୍ରାତ୍ମିକା ସର୍ବା ପ୍ରଜା ସ୍ଥାବର ଜଙ୍ଗମା ।

ଶକ୍ତିଯୁକ୍ତ ହେଲେ ଏ ଭବଧାମରେ ଶିବ ମଙ୍ଗଳମୟ ହୋଇଥାଆନ୍ତି । ଶକ୍ତି ବିହୀନରେ ସେ ସ୍ୱଭାବତଃ ବିଶ୍ୱଚରାଚରରେ ଶବ ବୋଲାନ୍ତି । ପରମେଶ୍ୱରଙ୍କ ଇଚ୍ଛାକୁ ଧରି ଯେ ପରମେଶ୍ୱରୀ ବୋଲାନ୍ତି, ସେହି ଅଂଶରୁ ମହାମାୟାଙ୍କର ଏକ ଏକ ଅଂଶ ରୂପରେ ନାରୀର ଉତ୍ପତ୍ତି ବୋଲି ଭୁଲିଯିବା ଉଚିତ ନୁହେଁ । ତ୍ରିଗୁଣର ସମ୍ମିଳନରେ ବିଧାତା ଯତ୍ନର ସହିତ ନାରୀ ଶରୀର ସୃଷ୍ଟି କରିଅଛନ୍ତି । ପ୍ରତ୍ୟେକ ନାରୀର ମୁଖମଣ୍ଡଳରେ ତମୋଗୁଣ, ମଧ୍ୟଭାଗରେ ରଜଃଗୁଣ ଏବଂ ପାଦରେ ସତ୍ତ୍ୱଗୁଣ ରହିଅଛି । ଜଗତର ସକଳଶୀର୍ଷରେ ଜନନୀର ସ୍ଥାନ । ପ୍ରତ୍ୟେକ ନାରୀ ହିଁ ଜନନୀ । ନାରୀର ମାତୃତ୍ୱ ଉପରେ ଗୁରୁତ୍ୱ ଆରୋପ ନକରି କେବଳ ନାରୀତ୍ୱ ଉପରେ ଗୁରୁତ୍ୱ ଦେଇ ଆଜିର ସମାଜ ଯେଉଁ ତ୍ରୁଟି କରିଅଛି, ତା'ର ଭୟାବହ ପରିଣାମ ମାନବ ସମାଜ ଭୋଗ କରୁଅଛି । ନାରୀ ପୁରୁଷର କ୍ରୀଡ଼ନକ ନୁହେଁ । ତେଣୁ ଅସୀମ ଶକ୍ତିଧାରିଣୀ ନାରୀକୁ ଅବଳା ବୋଲି କହି ଅବହେଳା କରିବା ଏବଂ ନିର୍ଯ୍ୟାତନା ବା ଲାଞ୍ଛନା ଦେବା ଆଦୌ ବାଞ୍ଛନୀୟ ନୁହେଁ । ସୀତା,

ଅନସୂୟା, ସାବିତ୍ରୀ ଇତ୍ୟାଦି ଅନେକେ ବିଶ୍ୱର ମାନବ ସମାଜରେ ଜ୍ୱଳନ୍ତ ଆଦର୍ଶ ଦେଖାଇ ଜଗତରେ ଅମର କୀର୍ତ୍ତି ରଖିଯାଇଅଛନ୍ତି । ଆଜି ସେହି ଆଦର୍ଶ ବାସ୍ତବରେ ନୁହେଁ ସ୍ୱପ୍ନରେ ପର୍ଯ୍ୟବେସିତ ହୋଇଛି । ସେଇଥିପାଇଁ ହିଁ ସମାଜର ଆଜି ଦୁର୍ଗତି । ସୁଭଦ୍ରା, କୈକେୟୀ, ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି କେତେ ବୀରା ନାରୀ ବୀରତ୍ୱ ପ୍ରଦର୍ଶନ କରି ନାରୀ ସର୍ବଶକ୍ତିଶ୍ୱରୀ ବୋଲି ସୂଚିତ କରି ଯାଇଅଛନ୍ତି ।

ଆଜି ଆମ ସମାଜ ଅତୀତର ଏହି ଗୌରବ ଗାଥାକୁ ଭୁଲିଯାଇ ଆତ୍ମଅହଙ୍କାର ମଦରୁ ନାରୀର ମାତୃସମ୍ପଦକୁ ହରାଇ ରମଣୀ, କାମିନୀ ନାମକୁ ସାର୍ଥକ କରି ସ୍ଥୁଳ ଶରୀର ଭୋଗର କାମନାବାସନାରେ ଅନ୍ଧ ହୋଇ ପ୍ରକୃତ ଓ ପ୍ରକୃଷ୍ଟ ପଥ ଛାଡ଼ି ବସିଛି । ତେଣୁ ସମାଜ ଚକ୍ଷୁରେ ନାରୀ ଜନନୀ ନ ହୋଇ କାମିନୀ ହୋଇ ରହି ଯାଇଛି । ଏହି ଦୃଷ୍ଟିଦୋଷ ହିଁ ଆଜି ସମାଜକୁ କଳଙ୍କିତ କରିଛି । ଶକ୍ତିସ୍ୱରୂପା ନାରୀ ଧରାଧାମରେ ପ୍ରଥମେ କନ୍ୟାଟିଏ ହୋଇ ଜନ୍ମ ହୁଏ । କନ୍ୟାରୁ ବଧୂ, ବଧୂରୁ ଜନନୀ ଓ ତତ୍‌ପରେ ଗୃହିଣୀ ହୋଇଥାଏ । ନାରୀ ତ୍ୟାଗ, ସେବା, ଦୟା, କ୍ଷମା ଆଦି ଦିବ୍ୟଗୁଣର ଆଧାର ହୋଇ ଜନନୀ ପଦବାଚ୍ୟ ହୁଏ । ଆଚରଣରେ ସହିଷ୍ଣୁତା, ମମତା, ସ୍ନେହ ଓ ଶ୍ରଦ୍ଧା ଆଦି ସ୍ୱର୍ଗୀୟଗୁଣରେ ବିଭୂଷିତା ନାରୀ ସର୍ବ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣା ହେଲେ ଜନନୀ ପଦହିଁ ସାର୍ଥକ ଓ ସଫଳ ହୁଏ । ସର୍ବ ଶକ୍ତିମୟୀ ଓ ସର୍ବଗୁଣମୟୀ ଆଦିମାତା ସମ୍ଭୂତା ନାରୀ ସକଳ ଦିବ୍ୟଗୁଣରେ ଭୂଷିତା ହୋଇ ବିଶ୍ୱଜନନୀ ରୂପରେ ଭୁବନବନ୍ଦିତା ହୋଇଥାଏ । ମହାଭାଗବତ ୪୯ ଅଧ୍ୟାୟରେ ଉଲ୍ଲେଖ ଅଛି :

''କୃପୟା ପରମେଶାନି ସର୍ବ ଏବ ମନୋରଥ । ପରିପୂର୍ଣ୍ଣୀ କୃତା କିଞ୍ଚିଦାବିଶିଷ୍ଟ ନ ବିଦ୍ୟତେ ।। (୧୩)
ଅନ୍ୟତ୍ କିମପି ସର୍ବାଣୀ କିଞ୍ଚିତ ବାଞ୍ଛିତ ମମ । ତତ୍ ସମ୍ପୂର୍ଣ୍ଣ କୁରୁ ଶିବେ ଯଦିତେ ମଯ୍ୟନୁଗ୍ରହଃ ।। (୧୪)
ଯଦି ମେ ତ୍ୱାଂ ପ୍ରସନ୍ନାମି ତଦା ପୁଂସତ୍ୱମ୍ ବାପ୍ନୁହି । କ୍ୱଚିତ୍ ପୃଥିବୀ ପୃଷ୍ଟେ ଯସ୍ୟେ ଅହଂ ସ୍ତ୍ରୀ ସ୍ୱରୂପମ୍ ।। (୧୬)
କୃଷ୍ଣେ ଅହଂ ମତ୍‌ପ୍ରିୟାର୍ଥ ସ୍ତ୍ରୀ ଭାବ ତ୍ୱାଂ ହି ତ୍ରିଲୋଚନ । ବୃଷଭାନୁ ସୁତା ରାଧା ସ୍ୱରୂପାହଂ ସ୍ୱୟଂ ଶିବେ ।। (୨୦)
ମୂର୍ତ୍ତିମେ ଭଦ୍ରକାଳୀ ଯାନୌବୀନ ଜଳଦପ୍ରଭା । ଶୈବ ଶ୍ରୀକୃଷ୍ଣ ରୂପେଣ କ୍ଷିତାମେବ ଭବିଷ୍ୟତି ।। (୨୧)

ପୁନଶ୍ଚ ଦେବଦେବ ମହାଦେବ ଶିବଙ୍କର ଅର୍ଦ୍ଧ ନାରୀଶ୍ୱର ହେବା ମୂଳରେ ସୃଷ୍ଟିପ୍ରକ୍ରିୟାର ନିଗୂଢ଼ ତତ୍ତ୍ୱ ରହିଅଛି । ନର ଏବଂ ନାରୀ ଉଭୟଙ୍କର ସମାନ ଅବଦାନରୁ ହିଁ ବିଶ୍ୱରେ ସବୁକିଛି ଆତଯାତ ହେଉଅଛି । ଉଭୟଙ୍କର ଅଙ୍ଗଅବୟବ ଆଦି ଭିନ୍ନଭିନ୍ନ ଉପାଦାନରେ ଗଠିତ ହୋଇଥିଲେ ମଧ୍ୟ ପୁରୁଷ ସ୍ୱଭାବତଃ କଠୋର ଏବଂ ନାରୀ ସ୍ୱାଭାବିକ ଭାବରେ ସୁକୋମଳ । ଧରାଧାମରେ ସମସ୍ତ ତରୁଲତା ଫୁଲଫଳାଦି ନରର ଅବଦାନ ହେଲେ ତହିଁରେ ସନ୍ନିବିଷ୍ଟ ରୂପରସ ଗନ୍ଧାଦି ନାରୀର ଅବଦାନରୁ ପରିପୂର୍ଣ୍ଣ । ଦିବସ, ଆଲୋକ, ରୌଦ୍ର, ତାପ, ଜ୍ୱାଳା ଆଦି ନରର ଅବଦାନ ସତ, ମାତ୍ର ରାତ୍ରି, ଅମାବାସ୍ୟା, ଜ୍ୟୋତ୍ସ୍ନା, ବର୍ଷା, ପବନାଦି ନାରୀହିଁ ଏ ଧରାବକ୍ଷକୁ ଆଣିଅଛି । ଦିବସଭାଗରେ ନାରୀ ପୁରୁଷକୁ ତେଜ, ପ୍ରେରଣା ଓ ସାହସ ଯୋଗାଇ ଥାଏ ବୋଲି ପୁରୁଷ ଅନାୟାସରେ ସବୁକର୍ମ ସାଧନ କରି ପୁରୁଷ ସିଂହ ବୋଲାଇଥାଏ । କର୍ମ ପ୍ରବାହରେ ପୁରୁଷ କ୍ଳାନ୍ତଶ୍ରାନ୍ତ ଅବସାଦ ଗ୍ରସ୍ତ ହେଲେ, ନାରୀ ସ୍ୱାଭାବିକ ଗୁଣରୁ ପ୍ରୀତି ମନ୍ଦାକିନୀ ସଦୃଶ କ୍ଳାନ୍ତିଶ୍ରାନ୍ତି ବିନୋଦନ କରିଥାଏ ଏବଂ ପାନୀୟ ଭୋଜନ ପରିବେଷଣ କରି ଜନନୀ ଭୂମିକାରେ ଅବତୀର୍ଣ୍ଣା ହୋଇଥାଏ । ଭଗ୍ନୀରୂପରେ ନାରୀ ରୋଗ, ଶୋକ, ଦୁଃଖ ଉପଶମ ନିମିତ୍ତ ଅକୁଣ୍ଠ ସେବା ଦେଇଥାଏ । ପୁଣି ବୀରପୁତ୍ର ଜନ୍ମ ଦେବା ପାଇଁ ସେହି ନାରୀ ପୁରୁଷ ପକ୍ଷରେ ପ୍ରେୟସୀରମଣୀର ଭୂମିକାରେ ଅବତୀର୍ଣ୍ଣା ହୁଏ । ଜୀବନ ସଂଗ୍ରାମରେ ପତି (ସ୍ୱାମୀ)ର ପଦାଙ୍କ ଅନୁସରଣ କରି ସେ ଜୀବନସଙ୍ଗିନୀ ହୋଇ ପୁରୁଷ ପାଷାଣ କଠିନ ହୃଦୟ କନ୍ଦରରେ ପ୍ରୀତିସୁଧା ତରଙ୍ଗିଣୀର ଧାରା ଝରାଇ ଥାଏ । ଯୁଦ୍ଧ ଅନୁକୂଳ ମୁହୂର୍ତ୍ତରେ ବୀରସ୍ୱାମୀର ମନରେ ନବ ଆଶା ଉଦ୍ଦୀପନା ଭରିଦେଇ ନାରୀ ବୀରର ଲଲାଟ ପଟରେ ବିଜୟର ଟୀକା ହସି ହସି ଆଙ୍କି ଦେଇ ଯୁଦ୍ଧ ପ୍ରାଙ୍ଗଣକୁ ପଠାଇ ଦେଇଥାଏ । ପୁରୁଷ ସାଥେ ସାଥେ ଆପଣାର ଛନ୍ଦକୁ ମିଳାଇ ନାରୀ ହୁଏ ଛନ୍ଦାନୁବର୍ତ୍ତିନୀ, ପୁଣି ପୁରୁଷର ନିରାଶ ମନର ଅନ୍ଧାରୀ ଗୋହିରୀରେ ସେ ପ୍ରଦୀପ୍ତ ଶିଖା ସ୍ୱରୂପିଣୀ ହୋଇ ଆଶାର ଆଲୋକ ଦେଖାଇଥାଏ । ଏ ଧାରାଧାମରେ ବିଜୟର ଦର୍ପରେ ବୀରପୁରୁଷ ଯେତେଯେତେ ନିଜର ବାହାଦୂରୀ ବଖାଣିଛି, ବିଚାର କରି ଦେଖିଲେ ସେ ସବୁ ଗର୍ବଗୌରବର ପଶ୍ଚାତ୍‌ରେ ଶକ୍ତିମୟୀ ନାରୀର ପ୍ରେରଣା

ନିହିତ ଅଛି । ସାଂସ୍କୃତିକ ଦିଗରୁ ବିଚାରି ଦେଖିଲେ, ନାରୀର ବିରହ ବିଷପାନରେ ବା / ଓ ମିଳନ ମଦିରାପାନରେ ଋକ୍ଷନରର ଶୁଷ୍କ ପ୍ରାଣରେ କାବ୍ୟକବିତା, ଚିତ୍ରକଳା, ସଙ୍ଗୀତାଦିର ନିର୍ମଳ ଝରଣା ହିଁ ଝରିଚାଲିଛି ।

ନାରୀ ହିଁ ସ୍ୱର୍ଗୀୟ ସୁଷମା, ସ୍ନେହ, ଦୟା, କ୍ଷମା, ପ୍ରୀତି ଆଦିର ମୂର୍ତ୍ତିମତୀ ପ୍ରତିକ । ଜନନୀ ଏହି ଦିବ୍ୟଗୁଣାବଳୀ ହିଁ ଆପଣାର ଶିଶୁ ସନ୍ତାନ ହୃଦୟରେ ସଂଚାରିତ କରିଥାଏ । କାଳକ୍ରମେ ସେହି ଶିଶୁ ସନ୍ତାନ ଜନନୀଠାରୁ ଲାଭ କରିଥିବା ଏହି ସଦ୍‌ଗୁଣାବଳୀର ପ୍ରଭାବରେ ସମାଜରେ ପ୍ରତିପତ୍ତି ଲାଭ କରିଥାଏ । ତେଣୁ ପ୍ରକୃତିରୂପିଣୀ ଜନନୀ ହିଁ ସକଳ ଶକ୍ତି, ଗୁଣ, ତେଜ, ଓଜର ଉତ୍ସ ଅଟେ । ପୁରୁଷ ହିଁ ଜ୍ଞାନ ଶକ୍ତି ସମ୍ପନ୍ନ ଏବଂ ପ୍ରକୃତି ହିଁ କ୍ରିୟାଶକ୍ତି ସମ୍ପନ୍ନା । ଉଭୟ ନର ଓ ନାରୀ; ପୁରୁଷ ଓ ପ୍ରକୃତିର ମିଳନ ସହଯୋଗରେ ଈଶ୍ୱରଙ୍କର ଚାରୁସୃଷ୍ଟି ମଧୁମୟ ହୋଇପାରିଛି । ସୂକ୍ଷ୍ମଦୃଷ୍ଟିରେ ବିଚାର କଲେ : ପୁରୁଷଠାରୁ ନାରୀର ଭୂମିକା ସର୍ବଦା ମହୀୟାନ ହେଲେ ମଧ୍ୟ ଉଭୟଙ୍କ ମଧ୍ୟରେ ମଧୁର ସମନ୍ୱୟ ଓ ସହାନୁଭୂତି ସମ୍ପନ୍ନ ସହଯୋଗ ନରହିଲେ ଏ ସୃଷ୍ଟି ଶ୍ରୀହୀନ ହେବା ଅସମ୍ଭବ ନୁହେଁ । ଆଜିର ସମାଜକୁ ଲକ୍ଷ୍ୟକଲେ, ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେବାର ଏହାହିଁ ମୂଳକାରଣ ବୋଲି ବୁଝିବାରେ ବିଡ଼ମ୍ବନା ନାହିଁ, କହିଲେ ଅତ୍ୟୁକ୍ତି ହେବନାହିଁ ।

**ଶରୀରସର୍ବସ୍ୱ ମୂଢ଼ଜୀବ ଥରେ ଚିନ୍ତାକରି ଦେଖିଲେ ଏହାହିଁ ଉପଲବ୍ଧ କରିବ :**

''ଅମେଧ ପୂର୍ଣ୍ଣକୃମୀଜାଳ ସଂକୁଳେ
ସ୍ୱଭାବେ ଦୁର୍ଗନ୍ଧ ବିନିନ୍ଦିତାନ୍ତରେ ।
କଳେବରେ ମୂତ୍ର ପୁରିଷ ଭାବିତେ
ରମନ୍ତି ମୂଢ଼ାଃ ବିରମନ୍ତି ପଣ୍ଡିତାଃ ।।''

ମୂର୍ଖମାନେ ହିଁ କେବଳ ଏତାଦୃଶ ନରକକୁଣ୍ଡ ତୁଲ୍ୟ ଶରୀର ଉପଭୋଗ ପିପାସା ପୋଷଣ କରନ୍ତି; ମାତ୍ର ଯେଉଁମାନେ ରହସ୍ୟ ଭେଦକରି ପାରିଛନ୍ତି, ସେମାନେ ବିଜ୍ଞ, ସେମାନେ ଏ ପିପାସାକୁ ସର୍ବାଦୌ ପରିହାର କରନ୍ତି । ଶାସ୍ତ୍ର ଗାଇ ଉଠେ :

''ଯଃ ସ୍ତନ ପୂର୍ବ ପିତସ୍ତ୍ୱ ନିଷ୍ପିଡ୍ୟ ମୁଦ ସ୍ମୃତେ,
ଯସ୍ମାତ୍ ଜାତ ଭଗାତ୍ ପୂର୍ବ ତସ୍ମିନେବଭଗେ ରମଣ;
ଯଃ ମାତା ସା ପୁନଃ ଭାର୍ଯ୍ୟା ଯାଭାର୍ଯ୍ୟା ମାତରେବହି,
ଯଃ ପିତା ସ ପୁନଃ ପୁତ୍ର ଯ ପୁତ୍ର ସ ପୁନଃ ପିତା ।।''

ସୃଷ୍ଟିଚକ୍ରର ରହସ୍ୟରେ ଜାଗତିକ ସମ୍ବନ୍ଧରେ ସ୍ୱରୂପ ଏହାହିଁ । ସେହି କାରଣରୁ ବିବାହ କର୍ମକାଣ୍ଡରେ ଶିଳାରୋହଣ ଏବଂ ଲବଣୀଚାମରୀ ଆଦିର ବ୍ୟବସ୍ଥା ଖଞ୍ଜାଯାଇଛି । ନରନାରୀର ସଂପର୍କରେ ଭରି ରହିଛି ପବିତ୍ରତା । ସେହି ପବିତ୍ରତାକୁ ପାଶୋରି ଯାଇ ଆଜିର ସମାଜ ଉନ୍ମାଦ ସାଜିଛି, ପଦେ ପଦେ ଦୁଷ୍ଟତା ବରଣ କରୁଛି । ସଂସାରଚକ୍ର ମଧ୍ୟ ତଦ୍ରୂପ :

''ଏବଂ ସଂସାର ଚକ୍ରେଣ କୂପଚକ୍ରେ ଘଟାଇବ
ଭ୍ରମନ୍ତୋ ଯୋନି ଜନ୍ମାନି ଶ୍ରୁତ୍ୱା ଲୋକାନ୍ ସମଶ୍ନୁତେ ।।''

ତେଣୁ ସଂସାରରେ ବସବାସ କରି ସାମାଜିକ ଜୀବନର ବୈଧତା ମଧ୍ୟରେ ପବିତ୍ର ସଂପର୍କ ସ୍ଥାପନ କରି ନାରୀଜାତିକୁ ମାତୃଜାତି ବୋଲି ସ୍ୱୀକାର କରି ଦେହ, ମନକୁ ପୂତପବିତ୍ର ରଖିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ।।

✡✡✡

ଭକତ ସାଜି ରକତ ମାଜି ଆଜିବି ମନୁ ତେଜିନୁ ଛନ୍ଦ,
ପରାଣ ଦେଇ ରାଣ ତୁ ଖାଇ ଦିନେତ କାହିଁ ପାଇବୁ କନ୍ଦ,
ମନ୍ଦ ତେଜିଲୁ ନାହିଁ;
ଗୁରୁଗୋବିନ୍ଦ ଲଭିବୁ କାହିଁ ??

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ସରଳ ସୁନ୍ଦର ବାଳକବାଳିକା, କିଶୋର କିଶୋରୀଙ୍କର ମନପ୍ରାଣ ସରଳ, ତରଳ, ଢଳଢଳ । ସେହି ସରଳ ମନମୁକୁର ସ୍ୱଚ୍ଛ ଏବଂ ପବିତ୍ର । କଅଁଳ ମନରେ ପବିତ୍ର ବୀଜଟିଏ ରୋପଣ କଲେ, ପରବର୍ତ୍ତୀ କାଳରେ ତାହା କଳ୍ପତରୁରେ ପରିଣତ ହୋଇ ବିଶ୍ୱକଲ୍ୟାଣରେ ବ୍ରତୀ ହେବା ସର୍ବାଦୌ ସମ୍ଭବ । ଏହି ପରିପ୍ରେକ୍ଷୀରେ ଆଗାମୀ ପୃଥିବୀର ଉପଯୁକ୍ତ ଦାୟାଦ ରୂପେ 'ମଣିଷ ପରି ମଣିଷ' ଗଢ଼ି ତୋଳିବାର ଅଭିପ୍ରାୟରେ 'ଚରମ'ର ପ୍ରତିଟି ପୃଷ୍ଠାର ପ୍ରତିଟି ପାଖୁଡ଼ାରେ ରୂପ, ରସ, ଗନ୍ଧ ଭରା ଶିଶୁ, ବାଳକ, କିଶୋର ସମାଜ ପାଇଁ ଆମର ନିବେଦନର ସ୍ୱାକ୍ଷର ରହିଆସିଛି । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଊର୍ଦ୍ଧ୍ୱରେ ରହି ନିଗୂଢ଼ ଅଧ୍ୟାତ୍ମବାଦ ଗର୍ଭିକ ଶିଶୁଉପଯୋଗୀ ଶିକ୍ଷଣୀୟ ଗଳ୍ପ ଏହି ସ୍ତମ୍ଭରେ ନିୟମିତ ପତ୍ରସ୍ଥ ହୋଇ ଆସୁଛି । ସେହି ପୁଣ୍ୟ ଲକ୍ଷ୍ୟରେ ଏଥର ପାଇଁ ଆମର ନୈବେଦ୍ୟ -

## ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତିମନ୍ତ

ଆଦରର ପିଲାମାନେ ! 'ଚରମ'ର ଏହି ପୃଷ୍ଠାରେ ତୁମରିମାନଙ୍କ ପରି ଜଣେ ଚପଳମତି ଶିଶୁ ''ଦେବାଶିଷ'' କିପରି ବିଶ୍ୱାସ ବଳରେ ପରମବ୍ରହ୍ମଙ୍କୁ ଦର୍ଶନ କରି ''ସ୍ୱାମୀ କୃପାନନ୍ଦ'' ହୋଇପାରିଲା, ସେ ବିଷୟରେ ତୁମେମାନେ ପଢ଼ିଛ, ଜାଣିଛ । ଏଥରକ ଠିକ୍ ସେହିପରି ଆଉ ଏକ ଦେବଶିଶୁର କାହାଣୀ ତୁମମାନଙ୍କୁ ଶୁଣାଇବାକୁ ମନସ୍ଥ କରିଛୁ । ମନଦେଇ ଶୁଣ ।

ଆମ ମାହାଙ୍ଗା ସ୍ୱର୍ଣ୍ଣକ୍ଷେତ୍ର ଠାରୁ ଖୁବ୍ କମ୍ ଦୂରରେ ଛୋଟ ଗାଁଟିଏ । ସେହି ଗାଁର ଏକ ମଧ୍ୟବିତ୍ତ ପରିବାରରେ କର୍ତ୍ତା ଶ୍ରୀ ନିଶୀକାନ୍ତ କର । ପତ୍ନୀଙ୍କ ନାମ ଶ୍ରୀମତୀ ଚନ୍ଦ୍ରକାନ୍ତି କର । ସ୍ୱାମୀ ଓ ସ୍ତ୍ରୀ ଉଭୟେ ଲକ୍ଷ୍ମୀନାରାୟଣଙ୍କର ଉପାସକ । ସଂସାରର ସମସ୍ତ ଜଞ୍ଜାଳ ସତ୍ତ୍ୱେ ସେମାନେ ଏକମନ, ଏକ ପ୍ରାଣରେ ପ୍ରଭୁଙ୍କୁ ଆରାଧନା କରନ୍ତି । ଜୀବନରେ ଯେତେ ଦୁଃଖ, ଯନ୍ତ୍ରଣା ଆସିଲେ ଇଷ୍ଟଦେବଙ୍କୁ କେବେ ବି ଦୋଷାରୋପ କରନ୍ତି ନାହିଁ । ବରଂ ହସି ହସି କହନ୍ତି **''ହେ ଆମର ଇହ ପରକାଳର କର୍ତ୍ତା ! ତୁମର ଯେତେ ଇଚ୍ଛା ସେତେ ଦୁଃଖ ଦିଅ । ଯେଉଁଥିରେ ତୁମର ଆନନ୍ଦ ତାହାହିଁ କର । କିନ୍ତୁ ପାଦପାଖରୁ ଆମକୁ ଠେଲି ଦେବନାହିଁ । ତୁମ ପ୍ରତି ଆମ ମନରେ ଯେଉଁ ପବିତ୍ର ପ୍ରେମ ଭାବ ସୃଷ୍ଟି କରାଇ ଆମକୁ ଧନ୍ୟ କରିଛ ସେହି ଭାବରୁ କେବେ ବି ଅଭାବ କରିବନାହିଁ ।''** ଭକ୍ତବତ୍ସଳ ଭାବଗ୍ରାହୀ ତାଙ୍କର ଅଳି ପୂର୍ଣ୍ଣ କରିଛନ୍ତି । ସେଇ ଆଶୀର୍ବାଦକୁ ମଥାରେ ଗ୍ରହଣ କରି ସେମାନେ ତାଙ୍କର ଛୋଟ ସଂସାରଟିକୁ ଖୁବ୍ ଶାନ୍ତି ଓ ଆନନ୍ଦରେ ଚଳାଉଥାନ୍ତି । ତାଙ୍କରି ଏକ ଅଲିଅଳି ପୁଅ । ନା' ତାର ''ନିବାରଣ'' ।

ପିତାମାତାଙ୍କର ପୁଣ୍ୟବଳରୁ ଏହି ଶିଶୁ ''ନିବାରଣ'' ପ୍ରଥମରୁ ହିଁ କୃଷ୍ଣଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଲା । ତା'ର ଏପରି ଭାବ ଦେଖି ପିତା ଓ ମାତା ତାକୁ ଆହୁରି ଉତ୍ସାହିତ କଲେ । କୃଷ୍ଣ ପ୍ରେମ, କୃଷ୍ଣ ଲୀଳା ଓ କୃଷ୍ଣ ଭକ୍ତି ଉପରେ ବିଭିନ୍ନ ପୌରାଣିକ କାହାଣୀ ଶୁଣାଇଲେ । ଦିନେ ହଠାତ୍ ନିବାରଣ ତା'ର ପିତାଙ୍କୁ ପ୍ରଶ୍ନ କଲା, ''ପିତା ! ଯେଉଁ କୃଷ୍ଣଙ୍କ କଥା କହୁଛ ସେ ଦେଖିବାକୁ କିପରି ? କେଉଁଠି ଅଛନ୍ତି ? ପୁତ୍ରର କୃଷ୍ଣରୂପ ପ୍ରତି ଆଗ୍ରହ ଦେଖି ପିତା ସଙ୍ଗେ ସଙ୍ଗେ କୃଷ୍ଣଙ୍କର ଖଣ୍ଡିଏ ବିଗ୍ରହ ଆଣି ତାକୁ ଦେଖାଇ କହିଲେ, **''ଧନରେ ! ଏଇ ଯେଉଁ କୃଷ୍ଣଙ୍କୁ ଦେଖୁଛ; ଏ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନଥାନ୍ତି । ଏ ସର୍ବବ୍ୟାପୀ । ସମସ୍ତଙ୍କ ଦେହରେ, ସବୁସ୍ଥାନରେ ଭିନ୍ନ ଭିନ୍ନ ଭାବରେ ଭିନ୍ନ ଭିନ୍ନ ରୂପରେ ଥାଆନ୍ତି । ଯିଏ ବ୍ୟାକୁଳ ହୋଇ ଯେତେବେଳେ ଯେଉଁ ରୂପରେ ଡ଼ାକେ, ସେତେବେଳେ ଠିକ୍ ସେହି ରୂପରେ ସେ ଆସିଥାଆନ୍ତି ।''** ବିଚରା ନିବାରଣ ପିତାଙ୍କର ଏହି ଉତ୍ତରକୁ ଭଲକରି ବୁଝିପାରିଲା ନାହିଁ । ଅସହାୟ ଶିଶୁଟିଏ ପରି କେବଳ ପିତାଙ୍କ ମୁହଁକୁ ଚାହିଁ ରହିଲା । ମାତ୍ର ତାଙ୍କର ''ଅଶେଷ ରୂପ'' କଥାଟିକୁ ଭୁଲି ପାରିଲା ନାହିଁ । ପୁଅର ମନକଥା ବୁଝି ଆହୁରି ସରଳ କରି ବୁଝାଇ ଦେଲେ ପିତା । କହିଲେ, **''ବାପରେ ! ତାଙ୍କର ନାମ ଯେଉଁଠି କୀର୍ତ୍ତନ ହେଉଥାଏ, ଯେଉଁଠି ତାଙ୍କ ବିଷୟରେ ଆଲୋଚନା ହେଉଥାଏ, ସେ ସେହି ସ୍ଥାନରେ ଉପସ୍ଥିତ ହୁଅନ୍ତି ।''** ଏଥରକ କଥାଟି ନିବାରଣର ମନକୁ ପାଇଗଲା । ଆନନ୍ଦରେ ଅଧିର ହୋଇଗଲା । ସେହିଦିନୁ ଯେଉଁଠାରେ ନାମ ସଂକୀର୍ତ୍ତନ ବା ପୂଜାର୍ଚ୍ଚନା ହୁଏ, ପାଗଳ ପରି ଧାଇଁଯାଏ । ଆତ୍ମହରା ହୋଇ କୀର୍ତ୍ତନ ତାଳେ ତାଳେ ନାଚିଉଠେ । ଘରେ ଥିବା ସମୟରେ ମଧ୍ୟ ମନକୁ ମନ କୃଷ୍ଣଙ୍କ ନାମ ଗାଇ ଗାଇ ନାଚିଉଠେ । ପିତା, ମାତା ପୁଅର ଏ ଭାବାବେଶ ଦେଖି ତାକୁ ବାରଣ କରିବା ପରିବର୍ତ୍ତେ ଉତ୍ସାହିତ କରନ୍ତି ଏବଂ ମନେ ମନେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତି **''ହେ ସ୍ୱାମୀ ! ଏ ଶିଶୁଟିକୁ ତୁମେ ଗ୍ରହଣ କରିନିଅ । ତୁମରି ପ୍ରେମରେ ତାକୁ ପାଗଳ କରିଦିଅ ।''**

ଧୀରେ ଧୀରେ ନିବାରଣର ବୟସ ବଢ଼ିବାକୁ ଲାଗିଲା । ପିତା ତାକୁ ନେଇ ଗାଁର ପାଠଶାଳାରେ ନାମ ଲେଖାଇଦେଲେ । କିନ୍ତୁ ସେ ତ ଅଲଗା ପାଠ ପଢ଼ିବାପାଇଁ ବ୍ୟାକୁଳ । ପାଠଶାଳାର ପାଠ ତାକୁ ସୁଖ ଲାଗୁଛି କେଉଁଠି ? ଶିକ୍ଷକ ପାଠ ପଢ଼ାଉଥିବା ସମୟରେ ସେ ଅତି ଉଲ୍ଲସିତ ମନରେ କୃଷ୍ଣ ନାମ କୀର୍ତ୍ତନ କରିବାକୁ ଲାଗିଲା । ଫଳରେ ଶିକ୍ଷକମାନେ ପିତାଙ୍କ ନିକଟରେ ଆପତ୍ତି କଲେ ''ତୁମ ପୁଅର କୃଷ୍ଣ କୃଷ୍ଣ ହୋଇ ଦିନ ଯାଉଛି । ନିଜେ ତ କିଛି ପଢୁନାହିଁ, ଅନ୍ୟକୁ ମଧ୍ୟ ପଢ଼ିବାକୁ ସୁଯୋଗ ଦେଉନାହିଁ । ତେଣୁ ତାକୁ ଶାସନ କର ।'' ପିତା ସିନା ଜାଣିଛନ୍ତି ପୁଅର ଚିନ୍ତା, ଅନ୍ୟମାନେ କେଉଁଠୁ ଜାଣିବେ ? ତା ପରେ.......... ?? ଆସନ୍ତା ଥରକୁ......... !!

❖❖❖

ଆନଠାରେ ମନ ନ ଦେଇ ଧନ,
ଗୁରୁପାଦେ ଥୁଳ କରତୁ ମନ ।
ଗୁରୁ ପାଦପୀଠେ ଚଇତନକୁ,
ଦେଇ ଚାହିଁ ରହ ଅହ ରହକୁ ।।

ରୂପ ରସ ଗନ୍ଧ ଶବଦ ପରଶ,
ନଥାଇ ସେ ପରା ହୁଅଇ ହରଷ ।
ଇନ୍ଦ୍ରିୟ ବିହୁନେ ମିଳେ ଅନୁଭୂତି,
ସେ ଅନୁଭୂତିରୁ ମିଳଇ ବିଭୂତି ।।

ପ୍ରେମିକାକୁ ଭଲ ପାଇଲା ଭଳି,
ଗୁରୁ ସେବା କର ନଯାଇ ଟଳି ।
ଶୟନେ ସପନେ ଜାଗରଣରେ,
ଗୁରୁ ସେବା କର ମୁକ୍ତ ମନରେ ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଶ୍ରୀମଦ୍‌ଭାଗବତର ଏକାଦଶ ସ୍କନ୍ଧ ଦ୍ୱାଦଶ ଅଧ୍ୟାୟରେ ଲେଖାଅଛି: ''ମାର୍ଜନାଧରି ନିଜକର । ମାର୍ଜନା କରିବି ମୋ ପୁର ।'' ଏ ପ୍ରସଙ୍ଗରେ ସଂକ୍ଷେପରେ କହିଲେ : ଭଗବାନଙ୍କର ସେବାର ସୁଯୋଗ ସମସ୍ତଙ୍କୁ ସହଜରେ ମିଳେନାହିଁ । ମିଳିଲେ ମଧ ସମସ୍ତଙ୍କୁ ତାହା ସୁଖ ଦିଏନା, ତେଣୁ ସମସ୍ତଙ୍କର ତହିଁରେ ଶ୍ରଦ୍ଧା ଆସେନା । ସେବା ଅତି ବ୍ୟାପକ ବସ୍ତୁ । ସେବାର ଅର୍ଥ ସୁଖଦେବା । ମନର ବିଳାସିତା ହିଁ ଆତ୍ମସେବା । ମଣିଷର ସେବା କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ସେବାର ମୌଳିକ ଓ ମୁଖ୍ୟ ଅଙ୍ଗ ହିଁ ଶ୍ରମ । ଯେ ଶ୍ରମକାତର, ସେ ସେବକ ହୋଇ ପାରେନା । ତେଣୁ, ଆଜିର ଯୁବସମାଜ ପାଇଁ ''ଚରମ''ର ଏହି ପାଖୁଡ଼ାରେ ଆମର ଆବେଦନ : ''ମାନବସେବା ଓ ଶ୍ରମର ମହତ୍ତ୍ୱ ।।'' ଏଥର ପଢ଼ନ୍ତୁ :*

## ମାନବ ସେବା ଓ ଶ୍ରମର ମହତ୍ତ୍ୱ

''**ମା**ନବ ସେବା ହିଁ ମାଧବ ସେବା'' । ଜୀବନର ମହତ୍ତ୍ୱ ସେବାରେ ହିଁ ବିକଶିତ ହୁଏ । ଏହି ସେବା ମାନବ ସେବା ଅଟେ । ସମାଜରେ ସୁଗୁଣ ଯୋଗୁଁ ମନୁଷ୍ୟ ପ୍ରଶଂସିତ ହୁଏ । ଦୁର୍ଗୁଣ ଯୋଗୁଁ ନିନ୍ଦିତ ହୋଇଥାଏ । ମନୁଷ୍ୟତ୍ୱର ପରିମାପକ ହେଉଛି ତା'ର ସୁଗୁଣ ସମୂହ । ଦୟା, କ୍ଷମା, ଦାନ, ଧର୍ମ, ସାହାଯ୍ୟ, ସହଯୋଗ, ସହାନୁଭୂତି, ପ୍ରେମପ୍ରୀତି, ସ୍ନେହ, ଶ୍ରଦ୍ଧା, ମମତା ଆଦି ମନୁଷ୍ୟର ଏକଏକ ସୁପ୍ରବୃତ୍ତି । ଏହାହିଁ ଜୀବନର ବ୍ରତ ହେବା ବାଞ୍ଛନୀୟ । ସେବା ସେହିପରି ଏକ ଦିବ୍ୟ ସୁଗୁଣ । ସେହି ପର୍ଯ୍ୟାୟର ଏକ ଦିବ୍ୟ ବ୍ରତ । ଏହା ଏକ ସ୍ୱର୍ଗୀୟ ପ୍ରବୃତ୍ତି ଓ ଜୀବନର ଏକ ସ୍ୱର୍ଗୀୟ ବ୍ରତ । ତେଣୁ ଯଥାର୍ଥରେ କୁହାଯାଇଛି : 'ମାନବ ସେବା ହିଁ ମାଧବ ସେବା' ।

ଜୀବନରେ ମାନବ ସେବାର ଆବଶ୍ୟକତା ରହିଛି । ମନୁଷ୍ୟ ସମାଜରେ ରହୁଛି । ସମାଜରେ ତ ସବୁ ମଣିଷ ସମାନ ନୁହଁନ୍ତି । ଧନୀନିର୍ଦ୍ଧନ, ଜ୍ଞାନୀ ଅଜ୍ଞାନ, ସବଳଦୁର୍ବଳ, ଅସହାୟ, ନିଃସହାୟ, ରୋଗୀନିରୋଗ, ସ୍ପୃଶ୍ୟ ଅସ୍ପୃଶ୍ୟ ସମସ୍ତଙ୍କୁ ନେଇ ଏ ସମାଜ ଗଠିତ । ସମାଜରେ କିଏ ସୁଖସମୃଦ୍ଧି, ବିଳାସବ୍ୟସନ ଓ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନ ଅତିବାହିତ କରିଚାଲିଛି ତ ଅନ୍ୟ କେହି ଅଭାବ, ଅନାଟନ, ଅସୁବିଧାରେ ଦୁର୍ବିସହ ଜୀବନର ବୋଝ ବୋହି ଚାଲିଛି । ସମାଜର ଏହି ଅବହେଳିତ ଦୁଃଖବେଦନାଗ୍ରସ୍ତ ଭୀତତ୍ରସ୍ତ ମନୁଷ୍ୟମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ନିଃସ୍ୱାର୍ଥପର ନିଷ୍କପଟ ହୃଦୟରେ ସେବା କରିବା ପରମ କର୍ତ୍ତବ୍ୟ ।

ଆମ ଓଡ଼ିଶାର ମଣି, ପଣ୍ଡିତ ଗୋପବନ୍ଧୁ ଥିଲେ ଏହିପରି ନିଷ୍କପଟ ନିସ୍ୱାର୍ଥ ସେବାର ମୂର୍ତ୍ତ ପ୍ରତୀକ । ତାଙ୍କରି ଭାଷାରେ :

'କାପୁରୁଷ ପରି      ମରିବା ଜଗତେ
ନୁହେଁ ନର ପଉରଷ ।
ପରହିତ ସାଧି      ମରେଯେ ମହୀରେ
ସେହି ଏକା ସୁପୁରୁଷ ।।'

ଏହି ଜଗତରେ ଜନ୍ମଲାଭ କରି ପରଆପଣା ଭେଦଭାବରୁ ସ୍ୱାର୍ଥପରତାର ବଶୀଭୂତ ହୋଇ ମାୟାବଦ୍ଧ ଜୀବ ମୋ ପୁଅ, ତା' ପୁଅ ବୋଲି ଭାବି ହୋଇ ଆପଣାର ସ୍ୱାର୍ଥବୁଦ୍ଧିରେ ତତ୍ପର ରହିଥାଏ । ଏପରି ଭାବ ବା କର୍ମରେ ଜୀବର ସାର୍ଥକତା ମିଳେନାହିଁ । ଯେଉଁ ବ୍ୟକ୍ତି ଏହି କ୍ଷୁଦ୍ର ସ୍ୱାର୍ଥର ନିଗଡ଼ରୁ ମୁକ୍ତ ହୋଇ ପରହିତରେ ଆପଣାର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିଥାଏ, ତା'ର ଜୀବନ ଓ ଜନ୍ମ ଏ ଲୋକରେ ଓ ପରଲୋକରେ ସଫଳ ଓ ସାର୍ଥକ ହୋଇଥାଏ । ଈଶ୍ୱର ସେବାର ସକଳ ସୁଫଳ ହିଁ ତାଙ୍କୁ ପ୍ରାପ୍ତ ହୋଇଥାଏ । ଜଗନ୍ନାଥ ଦାସଙ୍କର ଶ୍ରୀମଦ୍‌ଭାଗବତ ପୃଷ୍ଠା ମଣ୍ଡନ କରେ :

**''ତା ଜନ୍ମ ଧନ୍ୟ ଏ ସଂସାରେ । ଯେ ରହେ ପର ଉପକାରେ ।।''**
**''ଧନ୍ୟ ଏ ଜୀବନ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀ ହିତେ ।।''**

ଦଳିତ, ପତିତ, ନିର୍ଯ୍ୟାତିତ ମଣିଷ ପାଇଁ ଈଶ୍ୱର ନରଦେହରେ ଧରାଧାମରେ ନରନାରାୟଣ ରୂପରେ ଅବତରଣ କରନ୍ତି । ନରହିଁ ନାରାୟଣ । ମାନବ ହିଁ ମାଧବ । ନାରାୟଣ ସେବାହିଁ ଯଥାର୍ଥରେ ଈଶ୍ୱର ଉପାସନା । ମନୁଷ୍ୟ ଜୀବନ କେବଳ ଜନ୍ମମୃତ୍ୟୁରେ ପର୍ଯ୍ୟବସିତ ନୁହେଁ । ସମାଜ ପାଇଁ ତା'ର କିଛି ସାର୍ଥକ ନିଃସ୍ୱାର୍ଥ କର୍ତ୍ତବ୍ୟ ରହିଛି । ସାମାଜିକ ଋଣ ପରିଶୋଧ ପାଇଁ ମାନବ ଜାତିର **ସାମଗ୍ରିକ** କଲ୍ୟାଣରେ ଜୀବନ ଉତ୍ସର୍ଗର ମହାତ୍ମ୍ୟ ରହିଛି । ଏହାହିଁ ମହତ୍ କର୍ମ ଓ ସ୍ୱର୍ଗୀୟ କର୍ତ୍ତବ୍ୟ । କବି ରାଧାମୋହନ **ଗଡ଼ନାୟକଙ୍କ** ଭାଷାରେ :

''ବିଶ୍ୱର କଲ୍ୟାଣ ଆଶେ ମରଣ ଯେ କରଇ ବରଣ ।
ମରି ଏ ମରତ ପଥେ ସେହି ଏକା ଲଭଇ ଜୀବନ ।।''

ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଏହି ବିଶ୍ୱବକ୍ଷରେ ଯେଉଁ ଦିବ୍ୟାତ୍ମାମାନେ ଜୀବନଉତ୍ସର୍ଗ କରି ମୃତ୍ୟୁବରଣ କରିଅଛନ୍ତି, ସେମାନେ ମରି ମଧ୍ୟ ଅମରଜୀବନ ଲାଭ କରିଅଛନ୍ତି । ସେମାନେ ପୁଣ୍ୟଶ୍ଳୋକ, ସେମାନେ ହିଁ ପ୍ରାତଃସ୍ମରଣୀୟ, ନିତ୍ୟ ସ୍ମରଣୀୟ । ସୁସ୍ଥ ଏବଂ ସୁସଂହତ ସମାଜ ଗଠନ ପାଇଁ ସେବା ଅପରିହାର୍ଯ୍ୟ ଏବଂ ସେହିପରି ନିଃସ୍ୱାର୍ଥ ସେବକ ମଧ୍ୟ ପ୍ରୟୋଜନ ।

ସେବା ମନୋଭାବ ସମସ୍ତଙ୍କ ହୃଦୟରେ ସମାନ ଭାବରେ ଜାଗରିତ ହୋଇ ନଥାଏ । କତିପୟ ମୁଷ୍ଟିମେୟ ଲୋକ ହିଁ ଜନସେବାରେ ବ୍ରତୀ ହୋଇପାରନ୍ତି । ସେବା ଦେବା ଅବଶ୍ୟ ଏକ କଷ୍ଟକର ବ୍ୟାପାର । ସେବାବ୍ରତରେ କୃତିତ୍ୱଲାଭ କରିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ମାନବ ସେବା ପାଇଁ ବ୍ୟକ୍ତିର ଅନେକ ସୁଗୁଣ ଥିବା ଆବଶ୍ୟକ । ସ୍ୱାର୍ଥବୁଦ୍ଧି ସକଳ ମହତ୍ କର୍ମର ପରିପନ୍ଥୀ । ସ୍ୱାର୍ଥସଂକୀର୍ଣ୍ଣ ପରିସରରୁ ନିଃସ୍ୱାର୍ଥ ବିସ୍ତୀର୍ଣ୍ଣବଳୟକୁ ନ ଉଠିଲେ, ବ୍ୟକ୍ତି ପ୍ରକୃତ ସେବାରେ ବ୍ରତୀ ହୋଇପାରେ ନାହିଁ । ମୁହଁରେ ଯେତେ ବିଶ୍ୱକଲ୍ୟାଣର ବାର୍ତ୍ତା ପ୍ରଚାର ପ୍ରସାର କରି ଆତ୍ମପ୍ରସାଦ ଲାଭ କଲେ ମଧ୍ୟ, ଅନ୍ତଃକରଣରେ ଠୁଳ ହୋଇଥିବା ସ୍ୱାର୍ଥପରତାର ସ୍ୱାର୍ଥବୁଦ୍ଧି ତାହାକୁ ମୁଖ୍ୟ ପଥରୁ ବିଚ୍ୟୁତ କରିନିଏ । କର୍ମରେ ସେ କଦାପି ସେବାବ୍ରତ ଅନୁଷ୍ଠାନ କରିପାରେ ନାହିଁ । ଜନକଲ୍ୟାଣକାରୀ ଜନସେବୀର ଚରିତ୍ର ଓ ଆଚରଣ ନିର୍ମଳ ଏବଂ ନିଷ୍କପଟ ହେବା ନିତାନ୍ତ ଆବଶ୍ୟକ । ଦୋଷମୁକ୍ତ ଏବଂ ସମାଲୋଚନା ଶୂନ୍ୟ ନ ହେଲେ ସେବାକ୍ଷେତ୍ରରେ ଲୋକସେବକ ଯଶସ୍ୱୀ ହୋଇପାରେ ନାହିଁ । ସାମ୍ପ୍ରଦାୟିକତାର ଉର୍ଦ୍ଧ୍ୱରେ ରହି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ମାନବସେବାରେ ଆଦର୍ଶ ଜନସେବକ ବ୍ରତୀ ହୁଏ । ଉଦାରତା, ସହିଷ୍ଣୁତା, ତ୍ୟାଗ, ସାଧୁତା, ଆଗ୍ରହ, ଅପ୍ରତ୍ୟାଶିତା ଆଦି ବିଭାବ ମାନବସେବା ନିମନ୍ତେ ଏକାନ୍ତ ଆବଶ୍ୟକ ଉପାଦାନ । ଜନସେବକର ଆଚାର, ବ୍ୟବହାର ଭଦ୍ର ଓ ଶିଷ୍ଟଜନୋଚିତ ହେବା ଉଚିତ । ଶସ୍ତା ଲୋକପ୍ରିୟତା, ପ୍ରଶଂସା, ପ୍ରତିଷ୍ଠା, ପଦପଦବୀ ମାଡ଼ି ବସିବାର ହୀନ ଅଭିପ୍ରାୟରେ ଜନସେବକ ସାଜିବା ଏକ ଗର୍ହିତ ଅପରାଧ ସିନା ! ଲୋକସେବା ପାଇଁ ଶ୍ରମପ୍ରିୟ ଓ କର୍ମଠ ହେବା ଅତ୍ୟନ୍ତ ସ୍ପୃହଣୀୟ ।

ଏହିଠାରେ ହିଁ ମାନବ ସେବା ସହିତ ଶ୍ରମର ମହତ୍ତ୍ୱ ଅଙ୍ଗାଙ୍ଗୀ ଭାବରେ ଓତଃପ୍ରୋତଃ ଜଡ଼ିତ । ସାଧାରଣତଃ ଶ୍ରମ ବିନା କୌଣସି କାର୍ଯ୍ୟରେ ସଫଳତା ଲାଭ କରିବା ଦୁଷ୍କର । ଆଳସ୍ୟପରାୟଣ ହୋଇ ଶ୍ରମପ୍ରତି ବିମୁଖ ହେଲେ ମାନବ ସେବା ହେଉ ବା ଜନକଲ୍ୟାଣ ହେଉ ସମ୍ଭବ ହୋଇ ପାରିବ କିପରି ? ତେଣୁ, ଯେକୌଣସି ପ୍ରକାର ଶାରୀରିକ ଶ୍ରମକୁ ଘୃଣା କରିବା ବା ନ୍ୟୁନ ଦୃଷ୍ଟିରେ ଦେଖିବା ଆଦୌ ଉଚିତ୍ ନୁହେଁ । ଶ୍ରମରେ ଆମୋଦ ଲାଭକରି ପାରିଲେ ସିନା ସେବା କରିବ, ସେବକ ହୋଇପାରିବ ! ଆପଣା ଆପେ ବିଷୟଭୋଗରେ ମାତି, ଗାଦି ମାଡ଼ିବସି, ଅନ୍ୟମାନଙ୍କୁ ନାଲି ଆଖି ଦେଖାଇ ଶ୍ରମ କରିବାକୁ କହି, ନିଜେ ହାତ ନ ଲଗାଇ ସମାଜସେବୀ, ମାନବସେବକ, ଦେଶସେବୀ ଆଜିକାଲି ଅନେକ ଦେଖାଯାଉଛନ୍ତି । ସେମାନେ କ'ଣ ପ୍ରକୃତରେ ଶ୍ରମର ଗୁରୁତ୍ୱ, ଶ୍ରମର ମହତ୍ତ୍ୱ ନିଜନିଜ ହୃଦୟରେ ଏ ପର୍ଯ୍ୟନ୍ତ ଜାଣିଚାଏ ଉପଲବ୍ଧି କରି ପାରିଛନ୍ତି । ସର୍ବଦା ଓ ସର୍ବଥା ମନେ ରଖିବାକୁ ହେବ : ଶ୍ରମ ହିଁ ସକଳ ସଫଳତାର ଚାବିକାଠି । ଶ୍ରମରୁ ଆତ୍ମସନ୍ତୋଷ ଲାଭ କରିବା ଯେଉଁ ବ୍ୟକ୍ତି ଶିକ୍ଷା କରିନାହିଁ ବା ଆଚରଣରେ ଫୁଟାଇ ପାରିନାହିଁ, ତା'ପକ୍ଷରେ ବିଶ୍ୱକଲ୍ୟାଣ ପାଇଁ ଲୋକସେବକ ସାଜିବା ଓ କପଟାଚାର ବ୍ୟତୀତ ଆଉ କ'ଣ ହୋଇପାରେ ?

ସେବାକ୍ଷେତ୍ରରେ ସର୍ବତ୍ର ଶ୍ରମର ଗୁରୁତ୍ୱ ଓ ମହତ୍ତ୍ୱ ପ୍ରାଣେ ପ୍ରାଣେ ଉପଲବ୍ଧି କରିପାରିଲେ, ବିଶ୍ୱକଲ୍ୟାଣ ଓ ମାନବ ସେବାର ପ୍ରକୃତ ଲକ୍ଷ୍ୟ ହାସଲ କରାଯାଇପାରିବ । ସମାଜରେ ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନର ପ୍ରମୁଖ ବ୍ୟକ୍ତିଗଣ ଓ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିବିଶେଷ ନିଃସଙ୍କୋଚ ନିଃସ୍ୱାର୍ଥପର ନିଷ୍କପଟ ଶ୍ରମ ଆଚରଣ ନିଜେ କରି ଅନ୍ୟମାନଙ୍କ ସମ୍ମୁଖରେ ଉଦାହରଣ ରଖିବା ଏକାନ୍ତ ପ୍ରୟୋଜନ ହେଲାଣି ।

ଶ୍ରମ ବିନା ସମୃଦ୍ଧି ଅସମ୍ଭବ । ଶ୍ରମର ଉପାଦେୟତା ଉପଲବ୍ଧି କଲେ, ସମାଜକଲ୍ୟାଣ ସାଧିତ ହେବ । ସେବା ପାଇଁ ଶ୍ରମର ମୂଲ୍ୟ କଳନା ଓ କଳ୍ପନା କରିବା ସହଜସାଧ୍ୟ ନୁହେଁ । ପରିବାର ଠାରୁ ଆରମ୍ଭ କରି ରାଷ୍ଟ୍ର ଏବଂ ବିଶ୍ୱପର୍ଯ୍ୟନ୍ତ ସବୁଠାରେ ସେବାର ଆବଶ୍ୟକତା ରହିଛି, ସହାନୁଭୂତି, ସହଯୋଗ ଆଦିର ଆବଶ୍ୟକତା ରହିଛି । ମାତ୍ର ଏହି ଆବଶ୍ୟକତାର ପରିପୂରଣ ନିମନ୍ତେ ସବୁଠି ଶ୍ରମର ପ୍ରୟୋଜନ ଉପଲବ୍ଧ ହେଉଛି । ଏହି ଉପଲବ୍ଧିକୁ କାର୍ଯ୍ୟରେ ପରିଣତ କରିବା ହିଁ ସାଧନା । ସାଧନାର ପ୍ରକୃତ ମାର୍ମିକ ଅର୍ଥ ହେଉଛି କୌଣସି କାର୍ଯ୍ୟକର୍ମକୁ ବାରମ୍ବାର ନିର୍ଭୁଲ ଭାବରେ କରି ତହିଁରେ ଅଭ୍ୟସ୍ତ ହୋଇଯିବା ଓ ତାହା ସହଜ ସରଳ ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଭାବରେ ସମ୍ପାଦନ କରି ଆନନ୍ଦ ଉପଲବ୍ଧି କରିବା । ଏହା ନ ହେଲେ, ତୁମର ସାଧନା ବୃଥା, କର୍ମଯୋଗ ବୃଥା । ତେଣୁ, ଶ୍ରମକାତର ହୁଅ ନାହିଁ, ଶ୍ରମ କରି ଆନନ୍ଦ ଲାଭ କରିବାକୁ ଶିଖ । ତ୍ୟାଗପୂତ ହୃଦୟରେ ଅନ୍ୟର ସେବାକର । ଏହାହିଁ ତମର ପ୍ରକୃତ ଓ ପ୍ରକୃଷ୍ଟ ଈଶ୍ୱର ଉପାସନା ଓ ଭଗବତ୍ ସେବା ଅଟେ ।

❋❋❋

# ଜିଜ୍ଞାସା : ଜିଜ୍ଞାସୁ

*କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ପ୍ରଧାନଚାର୍ଯ୍ୟ ପରମଶ୍ରଦ୍ଧେୟ ଦିବଂଗତ ଯତୀଶ ଦା'ଙ୍କର ଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନା ପ୍ରସଙ୍ଗରେ ଆଲୋଚନା ହିଁ ଜିଜ୍ଞାସା : ଜିଜ୍ଞାସୁ : ସ୍ତମ୍ଭରେ 'ଚରମ' ପୃଷ୍ଠାରେ ପତ୍ରସ୍ଥ ହୋଇଆସୁଅଛି । ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ଏହି ପର୍ଯ୍ୟାୟରେ 'ସନ୍ଦେଶପତ୍ର'ରେ ଲିପିବଦ୍ଧ ଥିବା 'ଦଶମୋଦକ' ର ତାତ୍ତ୍ୱିକ ଆଲୋଚନା କରାଯାଇଅଛି । ଧାରାବାହିକ ଭାବରେ 'ଦଶମୋଦକ'ର ଆଲୋଚନା କ୍ରମରେ ଏ ସଂଖ୍ୟାରେ ପଢ଼ନ୍ତୁ : ''ବିକାର ଗ୍ରସ୍ତ ହୋଇ ସଂଘ ବର୍ଜନ ନ କରିବା ।।''*

## ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନାପ୍ରସଙ୍ଗେ :

ପ୍ରଶ୍ନ :- ଦିନ ନ ମାପିବା କଥା ବୁଝିଲୁ, ଏବେ ବିକାର ଗ୍ରସ୍ତ ବିଷୟରେ ଦୟାକରି ଶୁଣାଇବାକୁ ପ୍ରାର୍ଥନା କରୁଛୁ ।

ଠାକୁରେ :- ପ୍ରଥମେ ବିକାର କ'ଣ ଶୁଣ । ଖୋଜୁଥିବା ବିଷୟଗୁଡ଼ିକ ନ ପାଇଲେ କିମ୍ବା କୌଣସି ମାନସିକ ଯୋଜନା ଫଳବତୀ ନ ହେଲେ ମନରେ କି ପ୍ରକାର ଭାବ ସୃଷ୍ଟି ହୁଏ ? ଯେଉଁଭାବ ସୃଷ୍ଟିହୁଏ ତାର ନାମ ବିକାର ।

ପ୍ରଶ୍ନ :- ବିକାରର ପ୍ରତିକ୍ରିୟା କ'ଣ ?

ଠାକୁରେ :- ବିକାରର ପ୍ରତିକ୍ରିୟା ଇନ୍ଦ୍ରିୟମାନଙ୍କ ଦ୍ୱାରା ସୃଷ୍ଟି ହୋଇ ମନକୁ ପ୍ରଚଣ୍ଡ ଆଘାତ ଦେଇଥାଏ ଏବଂ ଏହି ଆଘାତରୁ ଭାବରେ ପରିବର୍ତ୍ତନ ହୋଇ ଶରୀର ଉପରେ ଏହାର ପ୍ରଭାବ ପଡ଼ିଥାଏ । ଫଳ ସ୍ୱରୂପ ମୁଖମଣ୍ଡଳ ବିବର୍ଣ୍ଣ ହୋଇ ବିକୃତ ଦେଖାଯାଏ ।

ପ୍ରଶ୍ନ :- ମନର ସଂକଳ୍ପ ବାସନା ଓ ବିଷୟ ଭାବନା ଅନେକ, ସେହି ତୁଳନାରେ ବାଧା ମଧ୍ୟ ବ୍ୟାପକ ଅଟେ । ଏହି କାରଣରୁ ବିକାରର ଭାବ ଭିନ୍ନ ହୋଇପାରେ କି ? ଯଦି ହୋଇପାରେ, ତେବେ ବିକାରର ପ୍ରକାର ଭେଦ ସବୁ କ'ଣ ଅଟେ ?

ଠାକୁରେ :- ଯେତେ ସଂକଳ୍ପ ସେତେ ବାଧା ଜନିତ ବିକାର । ମୋଟାମୋଟି ଶାସ୍ତ୍ରକାରମାନେ ବିକାରକୁ ୧୬ ଭାଗରେ ବିଭକ୍ତ କରିଛନ୍ତି ।

ପ୍ରଶ୍ନ :- ଏହି ଷୋହଳ ପ୍ରକାର ବିକାର ଗୁଡ଼ିକ କ'ଣ ?

ଠାକୁରେ :- ପ୍ରଥମରେ ପାଞ୍ଚଗୋଟି ସ୍ଥୁଳ ପଞ୍ଚଭୂତର ବିଷୟ ବିକାର, ତାପରେ ଦଶଗୋଟି ଇନ୍ଦ୍ରିୟମାନଙ୍କର ସ୍ଥୁଳ ଭୋଗର ବିକାର ଏବଂ ଗୋଟିଏ ସୂକ୍ଷ୍ମ ବିଷୟ ଭୋଗ ଭାବଜନିତ ବିକାର ।

ପ୍ରଶ୍ନ :- ସ୍ଥୁଳ ପଞ୍ଚଭୂତ ଜନିତ ବିକାର କ'ଣ ଓ ଏହା କିପରି ?

ଠାକୁରେ :- ସ୍ଥୁଳ ପଞ୍ଚଭୂତ କ'ଣ ଆଗେ ତାହାକୁ ଜାଣ । (୧) ଆକାଶ, (୨) ବାୟୁ, (୩) ଅଗ୍ନି, (୪) ଜଳ, (୫) ପୃଥିବୀ, ଏମାନଙ୍କ ଠାରୁ କିପରି ବିକାର ସୃଷ୍ଟି ହେଉଛି ତାହା ମନଦେଇ ଶୁଣ, ଶୁଣିଲେ ବୁଝିପାରିବ । ପୃଥିବୀ ହେଉଛି ମାଟି । ଏହି ମାଟି ଉପରେ ସୀମାରେଖା ଟଣାଯାଇ ଜମିକୁ ଭାଗଭାଗ କରାଯାଇଛି । ତୁମେ ଖଣ୍ଡେ ଜମି କିଣିବାକୁ ଚାହୁଁଛ, ଯଦି କିଣି ନପାରିଲ ତେବେ ମନଜଗତରେ ଆଘାତ ପାଇ ବିକାର ସୃଷ୍ଟିହେବ । ଯଦି କିଣି ଉତ୍ତମଭାବରେ ଚାଷ ନ କରିପାରିଲ ତେବେ ଭଲ

ଫସଲ ହେବ ନାହିଁ । ତେଣୁ ଏହି ପରିଚାଳନାଗତ ତ୍ରୁଟିରୁ ମଧ୍ୟ ତୁମ ଭିତରେ ବିକାର ସୃଷ୍ଟି ହୋଇଯାଏ, ସାଧାରଣ ଅର୍ଥରେ ଏହିପରି ବୁଝ । ଏହି ଭୂତତ୍ତ୍ୱର ମଧ୍ୟ ସୂକ୍ଷ୍ମଗତ ବିକାରମାନ ଅଛି ।

ପ୍ରଶ୍ନ :- ଭୂତତ୍ତ୍ୱର ସୂକ୍ଷ୍ମ ବିକାର କିପରି ?

ଠାକୁରେ :- ସୂକ୍ଷ୍ମତତ୍ତ୍ୱର ଅନୁଭବ ଜ୍ଞାନ ନ ଥିଲେ ଖାଲି କହିଲେ ବା ଶୁଣିଲେ କିଛି ଫଳହେବ ନାହିଁ । ଅନୁଭବ ଜ୍ଞାନ ଥାଇ ଶୁଣିଲେ ଶୃତିରେ ଜ୍ଞାନ ଜନ୍ମେ, ଆଉ ନ ଥାଇ ଖାଲି ଶୁଣିଲେ ସନ୍ଦେହ ଜାତ ହୁଏ । ତୁମ୍ଭେମାନେ ସମସ୍ତେ ସ୍ଥୁଳ ବିଷୟଭୋଗର ଅନୁଭବରେ ଅଛ । ଏଣୁ ସ୍ଥୁଳତତ୍ତ୍ୱକୁ ଧାରଣ କରିପାରିବାର ସାମର୍ଥ୍ୟ ମାତ୍ର ତୁମ୍ଭମାନଙ୍କର ଅଛି । ସୂକ୍ଷ୍ମତତ୍ତ୍ୱର ବିଚାର ଶୁଣିବାରେ ଅସାମର୍ଥ୍ୟ ହେତୁ ସ୍ଥୁଳତତ୍ତ୍ୱକୁ ବୁଝିଲେ ଚରିତ୍ର ଶୋଧନ ହେବ । ଅବସାଦ ଦୂରହେବ ଓ ତତ୍ ସଙ୍ଗେ ସଙ୍ଗେ ସ୍ଥୁଳ ଚୈତନ୍ୟ ମଧ୍ୟ ଉଦୟ ହୋଇ ଅନେକ ବିପଦରୁ ରକ୍ଷା ପାଇପାରିବ ।

ପ୍ରଶ୍ନ :- ସ୍ଥୁଳ ଭୂତତ୍ତ୍ୱର ଆଉ ଗୋଟିଏ ଦୃଷ୍ଟାନ୍ତ ଦେଇ ଆଉ ଟିକିଏ ସରଳ କରିଦିଅନ୍ତୁ ?

ଠାକୁରେ :- ଏଣିକି କିଛି କିଛି ଦର୍ଶନ ଶାସ୍ତ୍ର ଅଧ୍ୟୟନ କର । ଆମକୁ ଆଲୋଚନା କରିବାକୁ ସହଜ ହେବ । ଆଉ ମଧ୍ୟ ତୁମ୍ଭେମାନେ ସରଳ ଭାବରେ ବୁଝିପାରିବ ।

ପ୍ରଶ୍ନ :- ଗହନବନକୁ ଯାଇ ବନସ୍ତର ବୃକ୍ଷଗୁଡ଼ିକୁ ଚିହ୍ନଟ କରିବା ଯାହା, ଶାସ୍ତ୍ର ଅଧ୍ୟୟନ କରି ତହିଁରୁ ରସ ଗ୍ରହଣ କରିବା ତାହା । ଗୁରୁ ସ୍ୱଂୟ ଥାଉଁ ଥାଉଁ ଶାସ୍ତ୍ର ଅଧ୍ୟୟନର ଆବଶ୍ୟକତା କ'ଣ ଅଛି ?

ଠାକୁରେ :- ''ଗୁରୁବଚନ ଶାସ୍ତ୍ରବାଣୀ । ଏହାକୁ ଏକ ଧର୍ମେ ଜାଣି ।।
ଏକ ଅଭାବେ କଣା ସେହି । ଦୁଇ ଅଭାବେ ଅନ୍ଧ ହୋଇ ।।''

ଗୁରୁବଚନ ଓ ଶାସ୍ତ୍ରବାଣୀ ଏହା ଏକ ଏବଂ ଅଭିନ୍ନ ଅଟେ । ଶାସ୍ତ୍ର ଅଧ୍ୟୟନ କଲେ ପ୍ରଜ୍ଞାର ବିକାଶ ହୁଏ । ଗୁରୁଙ୍କ ବଚନରେ ପ୍ରଜ୍ଞାରେ ଚୈତନ୍ୟ ଉଦୟ ହୁଏ । ଏଣୁ ପ୍ରଜ୍ଞାଥିଲେ ସିନା ବ୍ରହ୍ମଜ୍ଞାନରେ ଚୈତନ୍ୟ ଉଦୟ ହେବ । ଶାସ୍ତ୍ର ଅଧ୍ୟୟନ ଦ୍ୱାରା ତୁମ୍ଭେ ନିଜେ କିଛି ଶାସ୍ତ୍ରରୁ ଜାଣି ପାରିବ, ଯାହାଫଳରେ ଆମ୍ଭକୁ ଆଲୋଚନା କରିବାକୁ ସହଜ ହେବ । ସ୍ଥୁଳଭୂତତ୍ତ୍ୱରୁ ଆଉ ଗୋଟିଏ ଦୃଷ୍ଟାନ୍ତ ପଚାରୁଥିଲ ତେବେ ଶୁଣ । ସ୍ଥୁଳ ଭୂତତ୍ତ୍ୱରୁ ସ୍ଥୁଳ ଗନ୍ଧ ଜାତ ହୁଏ । ଏବଂ ଏହି ଗନ୍ଧରେ ସୁଗନ୍ଧ ଓ ଦୁର୍ଗନ୍ଧ ଭରି ରହିଥାଏ । ଯେତେବେଳେ ଦୁର୍ଗନ୍ଧ ତୁମର ନାସାକୁ ସ୍ପର୍ଶକରେ ସେତେବେଳେ ତୁମର ନାସା କୁଞ୍ଚିତ ହୋଇଯାଇ ମୁଖମଣ୍ଡଳ ବିକୃତ ହୋଇଯାଏ ନାହିଁ କି ? ନିଶ୍ଚୟ ହୋଇଯାଏ । ଏହାକୁ ଭୂତତ୍ତ୍ୱର ଗନ୍ଧ ଜନିତ ବିକାର କୁହାଯାଏ ।

ପ୍ରଶ୍ନ :- ସ୍ଥୁଳ ଜଳତତ୍ତ୍ୱର ବିକାର କିପରି ?

ଠାକୁରେ :- ପ୍ରବଳ ଭାବରେ ତୃଷାରେ ଆର୍ତ୍ତ ଥିବା ବ୍ୟକ୍ତିଙ୍କୁ ଯଦି ମଧୁର ଜଳ ପରିବର୍ତ୍ତେ ଖାରଜଳ ତୃଷା ମେଣ୍ଟାଇବାକୁ ଦିଆଯାଏ, ତେବେ ଜଳପାନକରି ତୃଷାର୍ତ୍ତୀ ଭିତରେ କିଭାବ ସୃଷ୍ଟି ହେବ ? ଏହା ନିଶ୍ଚୟ ସ୍ପଷ୍ଟ ଭାବରେ ବୁଝିପାରୁଥିବ ।

ପ୍ରଶ୍ନ :- ଏହି ବିକାରର କ୍ଷୟ କ୍ଷତି କ'ଣ ?

ଠାକୁରେ :- ପାଇବାର ଆଶା ରଖି ପ୍ରିୟଠାରୁ ଦୂରେଇ ଯିବା । କୌଣସି କାରଣରୁ ମଣିଷ ବିକାରଯୁକ୍ତ ହୋଇଗଲେ ସେ କାମୁଡ଼ା ବିଲୁଆ ଭଳି ହୋଇଯାଏ ।

ପ୍ରଶ୍ନ :- ସେହିପରି ଅଗ୍ନିତତ୍ତ୍ୱ ଜନିତ ବିକାର କିପରି ?

ଠାକୁରେ :- ଦେଖ, ପଞ୍ଚଭୂତ ବା ପ୍ରତ୍ୟେକ ପଦାର୍ଥର ଭଲ ମନ୍ଦ ଅଛି । ବିଷୟଟି ଭଲ ହେଲେ ମନୁଷ୍ୟ ମୋହିତ ହୋଇଯାଏ । ଆଉ ମନ୍ଦ ବିଷୟଟି ଆସିଲେ ବିକୃତ ହୋଇଯାଏ ।

ପ୍ରଶ୍ନ :- ତାହାହେଲେ ଭଲମନ୍ଦରେ ତ ଦୁନିଆ ଗଢ଼ା ଓ ଭଲମନ୍ଦ ହାନିଲାଭ ମଧ୍ୟ ଆମ୍ଭମାନଙ୍କୁ ଭୋଗ କରିବାକୁ ପଡ଼ିବ । ତେଣୁ ଭଲ ବିଷୟରେ ମୋହିତ ଆଉ ମନ୍ଦ ବିଷୟରେ ବିକୃତ ହେବା ମଣିଷ ପକ୍ଷେ ସ୍ୱାଭାବିକ ନୁହେଁକି ?

ଠାକୁରେ :- ସ୍ୱାଭାବିକ ବା ସ୍ୱୟଂଚାଳିତ ତତ୍ତ୍ୱ ନିୟମରେ ସୃଷ୍ଟି ସର୍ଜନା ହୋଇଅଛି । ଏହି ନିୟମରେ ସୃଷ୍ଟିର ସମସ୍ତ ସୃଷ୍ଟ ଜୀବ ଚଳପ୍ରଚଳ ତଥା ଗତାଗତ କରୁଅଛନ୍ତି । ଏହାକୁ ପାଶବିକ ବା ପଶୁଧର୍ମ କୁହାଯାଏ । ସୃଷ୍ଟିରେ ମଣିଷ ବ୍ୟତୀତ ସମସ୍ତ ସୃଷ୍ଟଜୀବ ଏହି ପାଶବିକ ଧର୍ମରେ ସନ୍ତାପିତ । କେବଳ ମଣିଷ ଭିତରେ ପାଶବିକ ଧର୍ମକୁ ଖଣ୍ଡନ କରିବା ପାଇଁ ଆଉ ଏକ ସ୍ୱତନ୍ତ୍ର ଧର୍ମ ଅଛି । ଯାହାବଳରେ ମଣିଷ ସୃଷ୍ଟିଚକ୍ରର ସ୍ୱୟଂଚାଳିତ କ୍ରିୟାର ସ୍ୱାଭାବିକତାକୁ ଖଣ୍ଡନ କରି ବିକୃତରୁ ପ୍ରକୃତ-ତତ୍ତ୍ୱ ପାଇପାରିବ ।

ପ୍ରଶ୍ନ :- ତେବେ ମଣିଷ ଭିତରେ ଥିବା ଏହି ସ୍ୱତନ୍ତ୍ର ଧର୍ମ କ'ଣ ?

ଠାକୁରେ :- ସ୍ୱାଭାବିକ ଧର୍ମର ଆଳ ଦେଖାଇ ମଣିଷ ଖସିଯିବାକୁ ଚେଷ୍ଟା କରେ, କିନ୍ତୁ ମଣିଷ ଭୁଲିଯାଏ ଯେ ତାହାଭିତରେ ଥିବା ଏହି ସ୍ୱତନ୍ତ୍ର ଧର୍ମ ଦ୍ୱାରା ସେ ସ୍ୱାଭାବିକ ଧର୍ମକୁ ଖଣ୍ଡନ କରିପାରେ ।

ପ୍ରଶ୍ନ :- ଇନ୍ଦ୍ରିୟମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବିକାର କିପରି ?

ଠାକୁରେ :- ପଞ୍ଚସ୍ଥୂଳ ଭୂତରୁ ଗଢ଼ା ବିଷୟ ଗୁଡ଼ିକ ଇନ୍ଦ୍ରିୟମାନଙ୍କର ଭୋଗ ପଦାର୍ଥ ଅଟେ । ସୃଷ୍ଟିରେ ଯେତେ ଭୋଗ ପଦାର୍ଥ ଅଛି ସେଗୁଡ଼ିକ ମଣିଷ ଏହି ଦଶଗୋଟି ଇନ୍ଦ୍ରିୟମାନଙ୍କ ଦ୍ୱାରା ବା ମଧ୍ୟରେ ଭୋଗ କରିଥାଏ । ଆଉ ମଧ୍ୟ ଏହି ଇନ୍ଦ୍ରିୟମାନଙ୍କର ସ୍ୱତନ୍ତ୍ର ରୁଚିମାନ ଅଛି ଯଥା କାହାକୁ ଖଟା ଖାଇବାକୁ ଭଲଲାଗେ ତ କାହାକୁ ମିଠା ଖାଇବାକୁ ଭଲଲାଗେ । ଭୋଗ ଯେତେବେଳେ ରୁଚିର ଅନୁକୂଳରେ ଯାଏ ଅନୁରାଗ ଜାତହୁଏ ଓ ଯେତେବେଳେ ପ୍ରତିକୂଳରେ ଯାଏ ସେତେବେଳେ ବିରାଗ ସୃଷ୍ଟି ହୋଇଥାଏ । (କ୍ରମଶଃ)


***

ସ୍ଥୂଳ ଦେହ ସ୍ଥୂଳ ନାମ କୂଳ ଦିଏ ନାହିଁରେ,
ସ୍ଥୂଳ ମୂଳଠାରୁ ଚଢ଼ି ଚରମର ପାଇଁରେ ।
ଆଜିଠାରୁ ଧାରାଧରି ରାଧା ହୋଇ ରହିବୁ,
ଅନ୍ତିମରେ ତେବେ ସିନା ଚରମକୁ ଲଭିବୁ ।।

ଚରମ ଚରଣ, ଚରଣ ଚରମ,
ଏତତ୍ତ୍ୱ ବୁଝିଲେ ତୁଟଇ ଭରମ ।
ଭରମ ତୁଟିଲେ ମିଳଇ ପରମ,
ସବୁମୂଳ ସିନା ଆପଣା କରମ ।।

ଯାଇଛି ଯାହା ହଜିଛି ସିଏ
ପାଇଛି ଯେହୁ ଜାଣିଛି କିଏ ?
ସବୁଠି ଥାଏ କାହିଁ ନଥାଏ,
ପାଡିଆରା କଲେ ଚରମ ପାଏ ।।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

*'ଜନନୀ ଜଠର ଜରାୟୁ । ପୃଥ୍ୱୀ ଆକାଶ ତେଜ ବାୟୁ ।।*
*ଆପ ସହିତେ ପଞ୍ଚଭୂତ । ଘେନି ଏ ଶରୀର ସମ୍ଭୂତ ।।'*

ଜନନୀ ଜଠର ଜରାୟୁର କାରାଗାରରେ ପଞ୍ଚଭୂତର ଶରୀର ଧରି ବନ୍ଦୀ ପୁରାଣପୁରୁଷଙ୍କର ସଦା ସଚେତନତାରେ ସୂକ୍ଷ୍ମ ଅନୁଭୂତିର ସମ୍ପଦ ସମୂହ 'ସମ୍ଭବାମି ଯୁଗେ ଯୁଗେ' ସ୍ତମ୍ଭରେ କ୍ରମଶଃ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ତତ୍ତ୍ୱର ଉଜ୍ଜ୍ୱଳ ଜ୍ଞାନବର୍ତ୍ତିକା ପ୍ରଦର୍ଶନ କରୁଛି । ତତ୍ତ୍ୱଜିଜ୍ଞାସୁ ଜ୍ଞାନୀପୁତ୍ର ମାନଙ୍କର ଯୋଗତତ୍ତ୍ୱ ଜ୍ଞାନ ଭଣ୍ଡାରକୁ ଋଦ୍ଧିମନ୍ତକରି ସରଳ ସାବଲୀଳ ଶୈଳୀରେ ତତ୍ତ୍ୱଜ୍ଞାନ ମନ୍ଦାକିନୀ ସ୍ୱଚ୍ଛ ପୂତ ସ୍ରୋତରେ ଶତ ସହସ୍ର କଲ୍ଲୋଳର ସମ୍ଭାର ନେଇ 'ଚରମ' ପୃଷ୍ଠାକୁ ପବିତ୍ର କରୁଛି :-

**''ଚରମ'' ଚତୁର୍ଥ ପୁଷ୍ପ : ପଞ୍ଚମପାଖୁଡ଼ା : ଅଷ୍ଟାଦଶ ସଂଖ୍ୟାର ଅନୁଶ୍ରୁତିରୁ :**

### (୩୯) ଆଭିଣୀ କୋଷ : ☆ ଜନନୀ, ଜଠର, ଜରାୟୁ

ଜନନୀଜରାୟୁରେ ଗ୍ରସରୀକୋଷ ଚୈତନ୍ୟର ସୁଧାସ୍ପୃକ୍ଷ, ଚିତ୍ତଗୃହ ଅଟେ । ସପ୍ତମ ପାବଛରେ ଚେତାପୁରୁଷ ଗ୍ରସରୀ କୋଷ ଓ ଆଭିଣୀ କୋଷ ଉଭୟ ସହିତ ଯୋଗ ହୁଅନ୍ତି ଏବଂ ପ୍ରତ୍ୟେକଟି ଭୂତକ୍ରିୟାରେ ସହଯୋଗ କରନ୍ତି । ଆଭିଣୀ ବ୍ରହ୍ମଃର 'ଅ' କାରାନ୍ତ ସୂତ୍ର ଓ ମନ୍ତ୍ରର ଏକତ୍ରୀକରଣରେ ନୀଳବର୍ଣ୍ଣ ଆକାରରେ ଶୂନ୍ୟଂନିର୍ଝର ସୂକ୍ଷ୍ମରେ ଜନନୀ ଜଠରସ୍ଥ ଜରାୟୁ ମଧ୍ୟରେ ପ୍ରବେଶ କରେ । ଏହି କୋଷ ବ୍ରହ୍ମଃର ଏକୋଇଶ ପାବଛରୁ ଜ୍ୟୋତିଃରଶ୍ମି ଆକାରରେ ଜରାୟୁରେ ପଦାର୍ପଣ କରେ । ରଜବୀର୍ଯ୍ୟର ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟା ଗୁଡ଼ିକ ସମ୍ପାଦନ ପାଇଁ ପଞ୍ଚଭୂତରୁ ରଶ୍ମିଆଣି ପିଣ୍ଡରେ ସଞ୍ଚାଳନ କରିବା ଏହାର କାର୍ଯ୍ୟ ଅଟେ । ବାୟୁ, ଅଗ୍ନି, ଜଳ, ପୃଥ୍ୱୀ, ଆକାଶରୁ ଶକ୍ତି ଆଣି ଏହା ଆୟୁବର୍ଦ୍ଧକ କ୍ରିୟାଦି ଶରୀର ମଧ୍ୟରେ ଯୋଗାଇ ଦେଇଥାଏ । ଆଭିଣୀ ବାୟୁରୁ ବୃକ୍ଷୋର୍ଦ୍ଧ୍ୱ ବାୟୁ ଆଣି ପାଦରୁ ମସ୍ତିଷ୍କ ପର୍ଯ୍ୟନ୍ତ ଶିରା ପ୍ରଶିରା ନିର୍ମାଣ କରି ପ୍ରଥମେ ବାଇଗଣି ବର୍ଣ୍ଣର ଜ୍ୟୋତିଃରଶ୍ମି ଦ୍ୱାରା ଶୋଧନ କରାଏ । ଏହି ବାଇଗଣି ବର୍ଣ୍ଣ ୯ଦିନ ପର୍ଯ୍ୟନ୍ତ ପିଣ୍ଡରେ ଆପାଦ ମସ୍ତକ ଖେଳେ । ଏହି ରଙ୍ଗରେଖା ଦ୍ୱାରା ଗାଢ଼ ହୋଇଗଲେ, ଶିରା ପ୍ରଶିରା ଗୁଡ଼ିକ ପରିବର୍ତ୍ତିତ ହୋଇ ଧୂସରବର୍ଣ୍ଣ ଧାରଣ କରନ୍ତି ।

ପିଣ୍ଡରେ ଶିରାପ୍ରଶିରା ଗୁଡ଼ିକ ଯେତେବେଳେ ଧୂସରବର୍ଣ୍ଣ ଧାରଣକରେ, ସେହି ସମୟରେ ମାଆର ଏକୋଇଶ ଦିନ ପର୍ଯ୍ୟନ୍ତ ହାଇ ଉପରେ ହାଇ ମାଡ଼ିବାଲେ । କେଶ କର୍କଶ ହୋଇଯାଏ । ରାତ୍ରି ସମୟରେ ପାଦତଳ ଥଣ୍ଡା ଓ

ଦିବାଭାଗରେ ଉଷ୍ମ ଅନୁଭୂତ ହୁଏ । ବ୍ରହ୍ମାଭିଣୀ ପୁଣି କାମ କରେ ନାହିଁ । ଗୁଭିନିଜଳ ଶୂନ୍ୟମାର୍ଗରୁ ତୋଳିଆଣି ମାଆର ନାସା, କର୍ଣ୍ଣ, ଚକ୍ଷୁ, ମୁଖ ସାହାଯ୍ୟରେ ସୂକ୍ଷ୍ମ ଲାଲ ବର୍ଣ୍ଣ ଧାରଣ କରି ହୃଦୟରୁ ନାଭିଚକ୍ରୁ ଭେଦ କରି ଧୂସରବର୍ଣ୍ଣ ହୋଇଥିବା ଶିରା ପ୍ରଶିରାରେ ଏବଂ ଜୀବର ପାଦ, ନଖ, ସ୍ପର୍ଶ କରି ଧିରେ ଧିରେ ବଳାଗଣ୍ଠି ଗୁଡ଼ିକର ଶିରାରେ ଅଢ଼େଇଘଣ୍ଟା ପର୍ଯ୍ୟନ୍ତ ବିଚରଣ କରେ । ଦେଖିବାକୁ ଏହାର ରଙ୍ଗ ଗୋଲାପି, ମାତ୍ର ଧୂସର ବର୍ଣ୍ଣ ସହିତ ମିଶିଯାଇ ଏହା ରଙ୍ଗର ଗାଢ଼ତ୍ୱ ଆଣେ । ତତ୍ପରେ ଏହା ଜୀବର ତଳିପେଟରେ ଥିବା ବୃଧଙ୍ଗୀ ଶିରା ଦେଇ ହୃଦ୍‌ଯନ୍ତ୍ରରେ ପ୍ରବେଶ କରେ । ସେଠାରେ ୧୦୮ କ୍ରିୟା ପ୍ରସ୍ତୁତ କରି ମନ ଓ ବୁଦ୍ଧିରେ ବିଚରଣ କରେ । ମନ ଓ ବୁଦ୍ଧି ପ୍ରବେଶ କରିବାର ୩ ଘଣ୍ଟା ପରେ ଆଭିଣୀକୋଷ ବ୍ରହ୍ମଙ୍କ ଠାରୁ ପାଇଥିବା ସୂକ୍ଷ୍ମାଣୁକ୍ରିୟାରେ ଅଣୁ ପରମାଣୁ ଗୃହ ନିର୍ମାଣ କରି ଘ୬.୩୫ ମି. ପର୍ଯ୍ୟନ୍ତ ଲାଲ ବର୍ଣ୍ଣ ଧାରଣ କରି ସ୍ଥିର ହୋଇଯାଏ । ସ୍ଥିର ହେବା ଫଳରେ ଆଭିଣୀକୋଷ ବୁଦ୍ଧି ତିଆରି କରିବାରେ ଲାଗିପଡ଼େ । ୬୪ ମଞ୍ଜୁରି ବୁଦ୍ଧିରୁ ଆଭିଣୀ ୧୧ଟି ଘରେ ଭାବ ତୋଳେ । ଏହାହିଁ ଆଭିଣୀ ବୁଦ୍ଧିର ମନୋଭାବ । ଏହାର ରଙ୍ଗ ଧବଳ ହୋଇଥାଏ । ଧବଳବର୍ଣ୍ଣ ଧାରଣ କରି କର୍ଣ୍ଣରେ ପହଞ୍ଚି ଶକ୍ତିଶବ୍ଦରେ ପରିଣତ କରିବାର ଦୃଢ଼ ଅଣୁ ସୃଷ୍ଟିକରେ । ଦୃଢ଼ ଅଣୁଗୁଡ଼ିକ ଜଳର ପ୍ରତିବିମ୍ବାଚ୍ଛନ୍ନ ଅବସ୍ଥା ବୃଳାଣ ଜଳକୁ ଗତିକରିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ଯେତେବେଳେ ବୃଳାଣ ବିନ୍ଦୁବିନ୍ଦୁ ଜଳକଣା ରୂପ ଧାରଣ କରେ, ସେତେବେଳେ ଆଭିଣୀ ଗୋପନୀୟ ଭାବରେ ତା'ର ଉପରିଭାଗରେ କ୍ଷମତା ବିସ୍ତାର କରି କର୍ଣ୍ଣଦେଶରେ ଶଙ୍ଖ ଆକୃତିର ଭେଦ୍ରିକ ନାଦ ନିର୍ମାଣ କରେ । ଏହା ସାହାଯ୍ୟରେ ଜୀବ ଶୁଣିବାକୁ ସମର୍ଥ ହୁଏ । ଏହାପରେ ଏହି ଭେଦ୍ରିକ ନାଦକୁ ଆଭିଣୀବାୟୁ ସହିତ ମିଶାଇ ଦେଇ ଚକ୍ଷୁର ଗୋଲାକୃତି ସ୍ତର ଗୁଡ଼ିକ ଏବଂ ତହିଁରେ ରଙ୍ଗ ସୃଷ୍ଟି କରିବାରେ ଲାଗିପଡ଼େ ।

ଜନନୀର ଜରାୟୁରେ ଆଭିଣୀ କୋଷ ପିଣ୍ଡ ନିର୍ମାଣ କରୁଥିବା ଅବସ୍ଥାରେ ମାଆର ଆଦୌ ନିଦ୍ରାହୁଏ ନାହିଁ । ଚକ୍ଷୁ ମୋଦି ମାଆ ଶୋଇ ରହିଲେ ମଧ ନିଘୋଡ଼ ନିଦ୍ରାରେ ଶୁଏ ନାହିଁ । ନିଦରୁ ଉଠିବା ପରେ ମାଆର ଚକ୍ଷୁ ନିକଟରେ ଜୁଳୁଜୁଳୁ ହୋଇ ଲାଲ, ଧଳା, ନୀଳ, କଳା ରଙ୍ଗ ଗୁଡ଼ିକ ବିନ୍ଦୁ ବିନ୍ଦୁ ହୋଇ ଦେଖାଯାଏ । ଏହି ଅବସ୍ଥାରେ ମାଆର ମୁଣ୍ଡ ବୁଲାଏ । କାନରେ ଭାଏଁ ଭାଏଁ ଶବ୍ଦ ହୁଏ । ପିଣ୍ଡରେ ଆଭିଣୀ ଚକ୍ଷୁ ଗୁଡ଼ିକ କର୍ମଫଳର ସୂତ୍ରାନୁଯାୟୀ ଆପେ ଆପେ ଲମ୍ବାକୃତି, ଗୋଲାକୃତି ହୋଇ ତିଆରି ହୋଇଯାଏ । ଏହିଠାରେ ଆଭିଣୀ ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଦୃଶ୍ୟମାନ ଶକ୍ତିକୁ ଲୁଚାଇ ରଖିଥାଏ । ଅମାବାସ୍ୟା ତିଥିରେ ରାତ୍ର ଘ୧।୪୫ମି : ରୁ ଘ ୩.୨୨ ମି: ମଧ୍ୟରେ ଯାହାର ବିନ୍ଦୁ ସ୍ଥାପନା ହୁଏ, ସେହି ପିଣ୍ଡର ଚକ୍ଷୁକୁ ଆଭିଣୀ କୋଷ ଆପେ ଆପେ ଚିଲଚକ୍ଷୁ ଭଳି ନିର୍ମାଣ କରିଦେଇଥାଏ । ଆଭିଣୀ କୋଷ ନବଗ୍ରହ ସହିତ ସିଧାସଳଖ ଯୋଗ ହୋଇ ଥାଆନ୍ତି । ଗ୍ରହମାନଙ୍କ ସହିତ ଯୋଗ ହେବା ବେଳେ ଧବଳ ଓ ନୀଳବର୍ଣ୍ଣ ଦୁଇଟି ରେଖାରୂପ ଧାରଣ କରିଥାଏ । ଯେତେବେଳେ ଏହି ରେଖାଦ୍ୱୟ ଗ୍ରହମାନଙ୍କ ସହିତ ରହି ଶକ୍ତି ଆଣୁଥାଏ, ସେତେବେଳେ ଆଭିଣୀ 'ଇ' ଆକାର କୋଷ ରୂପ ଧାରଣ କରିଥାଏ । ଧବଳ ଓ ନୀଳ ରେଖା ଲିଭିଗଲେ, ଆଭିଣୀ 'ଠ' ଆକାର ରୂପ ଧାରଣ କରିଥାଏ । 'ଠ' ଆକାରର ଆକୃତି ଧାରଣ ଅବସ୍ଥାରେ ଚକ୍ଷୁରୁ ସପ୍ତବର୍ଣ୍ଣର ଜଳବିନ୍ଦୁ ବିଚ୍ଛୁରିତ ହୋଇ ସୂକ୍ଷ୍ମ ଆକାରରେ ରୂପ ଧାରଣ କରି ଭ୍ରୂଲତା ଅଙ୍କନ କରିବାରେ ଲାଗିପଡ଼ିଥାଏ । ଆଭିଣୀ ଭ୍ରୂଲତାରେ ପ୍ରଥମେ ତିନିଗୋଟି ରେଖା ଅଙ୍କନ କରିଥାଏ । ଏହି ରେଖା ଲାଲବର୍ଣ୍ଣ ଧାରଣ କରି ୨୪ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ଥାଏ । ୨୪ଘଣ୍ଟା ଉତ୍ତାରୁ ଆଭିଣୀ ପୁଣି ତା'ର ଅବସ୍ଥା ପରିବର୍ତ୍ତନ ନ କରି କଳାରଂଗର କ୍ଷୁଦ୍ରଲୋମ ଆକାରର ଆକୃତି ଧାରଣ କରେ । ଏହି କ୍ଷୁଦ୍ର କେଶ ଗୁଡ଼ିକ ବୃଧାଙ୍ଗୀ ବାୟୁ ଲାଲବର୍ଣ୍ଣ । ପାତଙ୍ଗୀ ଜଳରୁ ଧବଳବର୍ଣ୍ଣ ଶକ୍ତି ଆଣି କେଶଗୁଚ୍ଛ ତିଆରି କରି ଚର୍ମଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ । ଶିଶୁର ଭୂମିଷ୍ଠ ହେବାର ଅବସ୍ଥା ଉପନୀତ ହେଲେ, ଏହି କେଶଗୁଚ୍ଛ ଶକ୍ତ ଓ ଗାଢ଼ ବର୍ଣ୍ଣକୁ ସୌରଶକ୍ତି ଦ୍ୱାରା ଧାରଣ କରିଥାଏ ।

ଜରାୟୁରେ ଭୁଲତାର ସତ୍ୟେନ୍ଦ୍ରିୟ କ୍ରିୟାମାନ ଭୁଲତାପଥ ଦେଇ ଚକ୍ଷୁକୁ ସୂକ୍ଷ୍ମଭାବ ଓ ସୂକ୍ଷ୍ମ ଶ୍ରବଣ ମଧନାସାର ଶଙ୍ଖଭେଦ ନାଦରେ ଗୁଡ଼େଇ ତୁଡ଼େଇ ହୋଇ ତରଳ ଆକାର ଧାରଣ କରିଥାଏ । ପୁଣି ଆଭିଣୀ ଭୁଲତାରୁ ତାର୍ଯ୍ୟକ ନୀଳବର୍ଣ୍ଣର ରେଖାରୂପ ଧାରଣ କରି ନାଭିକୁ ଦୌଡ଼େ । ନାଭିମଣ୍ଡଳକୁ ଯାଇ ପିଣ୍ଡର ଖାଦ୍ୟ ସୂକ୍ଷ୍ମ ଆକାରରେ ଶିରା ପ୍ରଶିରାକୁ ସିକ୍ତ କରି ଖାଦ୍ୟ ଯୋଗାଇବାରେ ସାହାଯ୍ୟ କରେ ।  ଯେଉଁ କୋଷର ଯେତେବେଳେ କାର୍ଯ୍ୟ ପଡ଼ିଥାଏ, ସେହି କୋଷ ଜରାୟୁରେ ପିଣ୍ଡକୁ ଖାଦ୍ୟ ଯୋଗାଇବାରେ ମଧ ସାହାଯ୍ୟ ସହଯୋଗ କରିଥାଏ ।

ନାଭିଚକ୍ରରେ ରହି ଆଭିଣୀ ପିଣ୍ଡକୁ କେତୋଟି ମାତ୍ରା ଓ ଯନ୍ତ୍ର ଦ୍ୱାରା ବ୍ରହ୍ମଙ୍କ ଠାରୁ ଶକ୍ତି ଆଣି ଚିତ୍ତଚୈତନ୍ୟ ରାଜ୍ୟରେ ଘୂରିବୁଲି ନୀଳ ବାଷ୍ପୀୟ ଜଳକଣାମାନ ଛାଡ଼ି ଦେଇ ଆସେ । ଏହାଦ୍ୱାରା ପିଣ୍ଡର ପୂର୍ବାପର କର୍ମଫଳର ସମ୍ବନ୍ଧକୁ ଜଗିବାରେ ଆଭିଣୀ ସାହାଯ୍ୟ କରେ । ଯେଉଁ ଜୀବର ପିଣ୍ଡରେ ଆଭିଣୀ ଏହି ସ୍ଥାନରେ ବୁଲେ ନାହିଁ, ସେ ଶିଶୁ ସ୍ଥାଣୁ, ବୁଦ୍ଧିହୀନ, ଜଡ଼ ହୋଇଯାଏ । ସମୟ ସମୟରେ ଦେଖାଯାଏ, ମାଆମାନେ ଗର୍ଭସ୍ଥ ଥିବା ସମୟରେ ମଧ୍ୟାହ୍ନରେ ଦିବାନିଦ୍ରା ଗଲେ, ଶିଶୁ ବୁଦ୍ଧିହୀନ ହୋଇଯାଏ । କାରଣ ଆଭିଣୀ ଏହି ସମୟରେ ବ୍ରହ୍ମାଣ୍ଡ ପୁଞ୍ଜ ତିଆରି କରୁଥାଏ । ମାଆ ଏ ସମୟରେ ନିଦ୍ରା ଚେତନ ଥିଲେ ଶିଶୁ ମୂକ, ବଧିର, ବୁଦ୍ଧିହୀନ ହୁଏ ନାହିଁ । ବିନ୍ଦୁବନ୍ଧୁରୀ କୋଷଦ୍ୱାରା ପ୍ରତ୍ୟେକଟି ଭୂତରୁ ଶକ୍ତି ଆଣି ନାସା, କର୍ଣ୍ଣ, ଚକ୍ଷୁ, ମୁଖ, ପ୍ରାଣଶକ୍ତିର ମୂଳଦୁଆ ସ୍ରଷ୍ଟାପୁରୁଷ ପ୍ରସ୍ତୁତ କରିଥାଆନ୍ତି । ଆଭିଣୀକୋଷ ମଧ ପ୍ରତ୍ୟେକଟି ଭୂତରୁ ଶକ୍ତି ଅନୁଯାୟୀ ପୂର୍ବାପର କର୍ମଫଳ ଭୋଗ ସମ୍ବନ୍ଧର କ୍ରିୟାନୁପାତରେ ପରମାଣୁ ଅଣୁ ଯୋଗାଇ ଚାଲିଥାଏ ।।

- କ୍ରମଶଃ -

❖❖❖

କର୍ମଯୋଗ ଧର୍ମଧାରା ମାନିଲେ,
ଗୁରୁଆଜ୍ଞା ପାଳି ପଥ ଚଳିଲେ,
ଗୁରୁକୃପା ମିଳେ ଜାଣରେ ଧନ,
ସନ୍ତୁଷ୍ଟ କରନ୍ତୁ ଶ୍ରୀଗୁରୁମନ ।

ଅହଂକାର ବଶୁ ଆସେ ଅଜ୍ଞାନ,
ଅଜ୍ଞତାର ସୃଷ୍ଟ ଅହଂ କରଣ,
ପରସ୍ପର ସମ ତାଳ ପକାଇ,
ଜୀବକୁ ଦିଅନ୍ତି ପଥଭୁଲାଇ ।

ଜାତିଭେଦ ଉଚ୍ଚନୀଚର ଭାବ,
କେତେ ହୀନମତି ଆପଣେ ଭାବ,
ଏଭାବେ ଅଭାବ ହୁଏରେ ଧନ,
ଘୃଣା ଭୟ ଲଜ୍ଜା ଆବୋରେ ମନ ।

# ତ୍ରିହାୟଣୀ

**ଲକ୍ଷ୍ମୀଙ୍କର** କୃପାଲାଭ କରି ନରପତି କୁଶଧ୍ୱଜ, ପିତାମହ ବୃଷଧ୍ୱଜଙ୍କ ସହ ପିତା ହଂସଧ୍ୱଜଙ୍କୁ ଶାପମୁକ୍ତ କଲେ । ନିଜେ ଲକ୍ଷ୍ମୀଙ୍କର ମାନସ ପୁତ୍ର ହୋଇ ଶ୍ରେଷ୍ଠ ନରପତି ଭାବରେ ଧରାପୃଷ୍ଠରେ ପ୍ରତିଷ୍ଠିତ ହେଲେ । ତାଙ୍କର ଏକାଗ୍ରତା, ଭକ୍ତି ଓ ନିଷ୍ଠାରେ ସନ୍ତୁଷ୍ଟା ହୋଇ ମା' ଲକ୍ଷ୍ମୀ ତାଙ୍କ ସୁପତ୍ନୀ ମାଳାବତୀଙ୍କ ଗର୍ଭରୁ ଜନ୍ମ ନେଲେ । ଭୂମିଷ୍ଠ ହେବା ମାତ୍ରେ ସାଧାରଣ କନ୍ୟା ପରି କ୍ରନ୍ଦନ ନ କରି ବେଦପାଠ ଉଚ୍ଚାରଣ କଲେ । ଏହାଦେଖି ସମସ୍ତେ ସ୍ତମ୍ଭୀଭୂତ ହେଲେ । ପିତା କୁଶଧ୍ୱଜ କନ୍ୟାର ନାମକରଣ କଲେ ''ବେଦମତୀ'' । ଜନ୍ମ ହେବାର ମାତ୍ର ଏକକ୍ଷଣ ପରେ ବେଦମତୀ ସ୍ୱଚ୍ଛ ପବିତ୍ର ଜଳରେ ସ୍ନାନ କରି ତପ କରିବାକୁ ବନବାସିନୀ ହୋଇଗଲେ । ପ୍ରଥମେ ପୁଷ୍କର ତୀର୍ଥ ଓ ପରେ ଗନ୍ଧମାର୍ଦନ ପର୍ବତରେ କଠୋର ତପ ଆଚରଣ କରୁଥିଲେ । ଏହି ସମୟରେ ଲଙ୍କାଧିପତି ରାବଣ ସେଠାକୁ ଆସି ତାଙ୍କୁ ବଳାତ୍କାର କରିବା ସମୟରେ ମା' ବେଦମତୀ ରାବଣଙ୍କୁ ଅଭିଶାପ ଦେଇ ଯୋଗବଳରେ ଦେହ ତ୍ୟାଗ କଲେ । କାଳାନ୍ତରେ ରାବଣଙ୍କୁ ଦେଇଥିବା ଅଭିଶାପକୁ ପୂର୍ଣ୍ଣ କରିବା ନିମନ୍ତେ ମା' ବେଦମତୀ 'ସୀତା' ନାମଧରି ଜନକନନ୍ଦିନୀ ହେଲେ ଏବଂ ପୂର୍ବର ତପ ପ୍ରଭାବରେ ରାମରୂପୀ ନାରାୟଣଙ୍କ ପତ୍ନୀ ହେଲେ । ପିତୃସତ୍ୟ ପାଳନ ପାଇଁ ପତ୍ନୀ ଓ ଭ୍ରାତା ଲକ୍ଷ୍ମଣଙ୍କୁ ସଙ୍ଗରେ ଧରି ବନବାସ କରିବା ସମୟରେ ଅଗ୍ନିଦେବ ବିପ୍ରରୂପ ଧାରଣ କରି ପ୍ରଭୁଙ୍କୁ ସୂଚନା ଦେଲେ ଯେ, ରାବଣଙ୍କର ମହାପ୍ରୟାଣ ସମୟ ଉପସ୍ଥିତ ହୋଇ ଗଲାଣି । ତେଣୁ ମା' ସୀତାଙ୍କ ହରଣ ବେଳ ହୋଇଯାଇଛି । ସେଥିପାଇଁ ଅଗ୍ନିଦେବ ପ୍ରାର୍ଥନା କଲେ ମା'ଙ୍କୁ ତାଙ୍କ ନିକଟରେ ଛାଡ଼ି ଦେଇ ମାୟାସୀତାଟିଏ ସାଙ୍ଗରେ ଧରି ଯିବାପାଇଁ । ରାବଣଙ୍କ ମୃତ୍ୟୁପରେ ଅଗ୍ନିପରୀକ୍ଷା ମାଧ୍ୟମରେ ମା' ସୀତା ପୁନର୍ବାର ପ୍ରଭୁଙ୍କ ଅନୁଗାମିନୀ ହେବେ। ପ୍ରଭୁ ସ୍ୱୀକାର କଲେ । ସୀତାଙ୍କୁ ଅଗ୍ନିଦେବଙ୍କ ନିକଟରେ ଛାଡି ମାୟାସୀତାଙ୍କୁ ଧରି ଗଲେ । ବିଧିର ବିଧାନରେ ସୀତା (ମାୟା)ଙ୍କୁ ହରଣ କରି ରାବଣଙ୍କର ମହାପ୍ରୟାଣ ହେଲା । ଏହାପରେ ସତୀତ୍ୱର ଦୋହି ଦେଇ ଅଗ୍ନିପରୀକ୍ଷା ଦ୍ୱାରା ମାୟାସୀତାଙ୍କୁ ଅଗ୍ନିଙ୍କୁ ଦେଇ ମା' ସୀତାଙ୍କୁ ପ୍ରଭୁ ଗ୍ରହଣ କଲେ । ସେହି ସମୟରେ ମାୟାସୀତାଙ୍କ ଛାୟା ଆସି ଅଗ୍ନିଦେବ ଓ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କର ପରବର୍ତ୍ତୀ କର୍ମର ସୂଚନା ମାଗିଲେ । ଅଗ୍ନିଦେବ ପ୍ରଭୁଙ୍କ ସମ୍ମୁଖରେ ଛାୟାଙ୍କୁ କହିଲେ, ''ତୁମେ ପୁଷ୍କର ତୀର୍ଥକୁ ଯାଇ ତପ ଆଚରଣ କର । ଅଳ୍ପଦିନ ପରେ ତୁମେ 'ସ୍ୱର୍ଗଲକ୍ଷ୍ମୀ' ହେବ ।'' ତଦନୁସାରେ ଛାୟା ଦେବୀ ତିନିଲକ୍ଷ ଦିବ୍ୟ ବର୍ଷ ତପ କରିବା ପରେ 'ସ୍ୱର୍ଗଲକ୍ଷ୍ମୀ' ହେଲେ । ଅନେକ ଦିନ ସ୍ୱର୍ଗଦେବୀ ହୋଇ ରହିବା ପରେ ଯଜ୍ଞହୋମ ଅନଳରୁ ଆବିର୍ଭାବ ହୋଇ ଦ୍ୱାପରଯୁଗରେ ଦ୍ରୁପଦଙ୍କ କନ୍ୟା 'ଯାଜ୍ଞସେନୀ' ଦ୍ରୌପଦୀ ହେଲେ । ଏହି ଯାଜ୍ଞସେନୀ ପଞ୍ଚପାଣ୍ଡବଙ୍କ ପତ୍ନୀ ହୋଇଥିଲେ । ସତ୍ୟଯୁଗରେ ବେଦମତୀ, ତ୍ରେତୟା ଯୁଗରେ ସୀତା ଓ ଦ୍ୱାପର ଯୁଗରେ ଦ୍ରୌପଦୀ ଏହିପରି ତିନି ଯୁଗରେ ତିନି ଜନ୍ମ ହୋଇଥିବାରୁ ତାଙ୍କର ନାମ 'ତ୍ରିହାୟଣୀ' ।

❋❋❋



# କଲ୍ୟାଣ ଦେଲି ତୋତେ

''ଚଞ୍ଚଳ ହୋଇଲୁ  ରତି ପ୍ରୀତି କଲୁ
ମରଣକୁ ଭୁଲି ଗଲୁ ।
ଚରମ ବାଣୀକୁ ମନୁ ପୋଛି ଦେଲୁ
ମୋତେ ବି ପାଶୋରି ଦେଲୁ ।।''

*ପ୍ରପନ୍ନ ପାରିଜାତ ଭକ୍ତବାଞ୍ଛା କଳ୍ପତରୁ କରୁଣାସାଗର ଭାବଗ୍ରାହୀ ଭକ୍ତବତ୍ସଳ ଠାକୁର ସ୍ୱୟଂଶ୍ରୀହସ୍ତରେ ଚରାଚର ନିଖିଳ ବିଶ୍ୱକୁ ଅବାରିତ କରୁଣା କରିଚାଲିଛନ୍ତି । ଶ୍ରୀଭୁଜତୋଳି ଦିବାରାତ୍ରି ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀମାନଙ୍କୁ ଗାଢ଼ ଆଲିଙ୍ଗନ ପାଶରେ ବାନ୍ଧିଦେବାକୁ ଅପେକ୍ଷା କରି ରହିଛନ୍ତି । ଜଗତ କଲ୍ୟାଣ ଏବଂ ଜୀବୋଦ୍ଧାର ପାଇଁ 'ଚରମ'ର ଜନ୍ମତିଥି ଠାରୁ ଏଯାବତ୍ ପ୍ରତିଟି ପୁସ୍ତକର ପ୍ରତିଟି ପାଖୁଡ଼ାରେ ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀଙ୍କର ସ୍ୱହସ୍ତ ଲିଖିତ ''କଲ୍ୟାଣ ଦେଲି ତୋତେ'' ନିୟମିତ ପତ୍ରସ୍ଥ ହୋଇ ଆସୁଛି ।*

*ଏହା କେବଳ ନିତ୍ୟ ପଠନୀୟ ନୁହେଁ, ନିତ୍ୟ ଆଚରଣୀୟ ବୋଲି ମନେ କରି ପ୍ରତ୍ୟେକେ ଏହା ପରିପାଳନ କରି ସ୍ଥୂଳ ଆଚରଣରେ ଫୁଟାଇଲେ ଅବଶ୍ୟ ବହୁ ସଂଘାତରୁ ସୁରକ୍ଷାପାଇ ପାରିବେ, ଏଥିରେ ତିଳେ ମାତ୍ର ସଂଦେହ ନାହିଁ ।।*

## ''ଚରମ'' ରେ, ବାଉଳା ମୋର !

ଆଉ କେତେ ଦିନ ଏମିତି ଅନୀତି ଅନାଚାରରେ ବୁଡ଼ିରହି ପାଗଳ ହୋଇ ମାୟାସଂସାରରେ ବୁଲିବୁ କହିଲୁ ? ବାରମ୍ବାର ପରା ତୋତେ ମୁଁ ଚେତାଇ ଦେଉଛି, ହେଜାଇ ଦେଉଛି । ଏତେ ବାଉଳା ହୋଇ ସବୁକୁ ଭୁଲି ଯାଉଛୁ କିପରି କହିଲୁ ? ଗତଥର ଯେଉଁ ଆଚରଣ ଗୁଡ଼ିକ ଦେଇଥିଲି ସେଗୁଡ଼ିକ କାମରେ ଲଗାଇଲୁ ତ ? ତୋ ଇଚ୍ଛା । ଜନ୍ମ ଦେଇଛି ଯେତେବେଳେ, ପ୍ରତି ମୁହୂର୍ତ୍ତରେ ମୋର କର୍ତ୍ତବ୍ୟ ମୁଁ କରିଯାଉଥିବି । ମୋ ଧନଟୀ ପରା ! ନିଶ୍ଚୟ ପାଳନ କରିବୁ । ତା ନ ହେଲେ ଆଗକୁ ଯେଉଁ ସନ୍ଧି ସମୟ ଆସୁଛି ସେଥିରୁ ଶରୀର ରକ୍ଷା କରିପାରିବୁ ନାହିଁ ।

ଶରୀରର ସମସ୍ତ ରୋଗର ମୁଖ୍ୟ କାରଣ ତିନିଗୋଟି । ଯଥା – 'ବାତ' ବା ବାୟୁ, ପିତ୍ତ, କଫ । ଏହି ତିନୋଟିକୁ ଯଦି ନିୟନ୍ତ୍ରଣ କରିପାରିବୁ ତେବେ ନିରୋଗ ହୋଇଯିବୁ । ସେଗୁଡ଼ିକ କିପରି ସୃଷ୍ଟି ହୁଏ ଓ ତା'ର ନିରାକରଣ କିପରି ହୁଏ ସେଥି ମଧ୍ୟରୁ କେତୋଟି ଆଜି କହୁଛି ମନଦେଇ ଶୁଣ ।

ବାତ ବା ବାୟୁ : ଭୋଜନ ପରେ ବିଶ୍ରାମ ନ କରି ଯଦି କ୍ଷିପ୍ର ଗତିରେ ଗମନ କରାଯାଏ, ତେବେ ଶରୀରରେ ବାୟୁ ସୃଷ୍ଟି ହୁଏ । କ୍ଳେଶ, ସନ୍ତାପ ଓ କାମରୁ ବାୟୁ ଉତ୍ପତ୍ତି ହୋଇଯାଏ । ଯଦି ସଦାସର୍ବଦା ଶୋକ, ଅନୁତାପ, କଳହ,

ବିବାଦ, ପରଶ୍ରୀକାତରତାଭାବ, ଅନ୍ୟର ଦୋଷ ଚିନ୍ତା, ରାଗ, କ୍ରୋଧର ଭାବନା ଆଦି କୁପ୍ରବୃତ୍ତିକୁ ମନରେ ସ୍ଥାନ ଦିଏ, ବାୟୁ ତା'ର ଶରୀରରେ ନିରାପଦ ଆସ୍ଥାନ ଜମାଇଦିଏ । ଅହରହ ଯିଏ ନାରୀ ଚିନ୍ତା, କାମ ଚିନ୍ତା କରୁଥାଏ, ବାୟୁ ତାହାର ଅତି ପ୍ରିୟସଖା ହୋଇ ରହେ ଓ ତାହାକୁ ଉତ୍ସାହିତ କରେ ସେହି ଭାବରେ ବୁଡ଼ିରହିବାକୁ । ଅତ୍ୟନ୍ତ କାମପ୍ରବଣ ହୋଇ ବୃଦ୍ଧାନାରୀକୁ ଯିଏ ରମଣ କରେ ବାୟୁ ତାକୁ ଖୁବ୍ ସହଜରେ ଜରା ଓ ବ୍ୟାଧି ମାଧ୍ୟମରେ ମୃତ୍ୟୁଦେବଙ୍କ ନିକଟରେ ପହଞ୍ଚାଇ ଦିଏ । ଯାହାର ଜିହ୍ୱା ଅସଂଯତ, ଭାଷା କର୍କଶ, ସର୍ବଦା କଟୁ କଥା କହିବାରେ ଅଭ୍ୟସ୍ତ ବାୟୁ ତାହାର ନିତ୍ୟ ସହଚର । ଯିଏ ଯେତେ ଭୟାଳୁ ସେ ସେତେ ବାୟୁପୀଡ଼ାରେ ପୀଡ଼ିତ । ତେଣୁ ରେ ଧନ ମୋର ! ଏହିସବୁ ବିପଦପୂର୍ଣ୍ଣ ଆଚରଣରୁ ନିଜକୁ ଦୂରେଇ ରଖିବାର ଦୃଢ଼ ସଂକଳ୍ପ କର । ଯଦି ତୋ'ର ଯେ କୌଣସି କାରଣରୁ ବାୟୁ ସୃଷ୍ଟି ହୋଇ ସାରିଛି ତେବେ ନିମ୍ନଲିଖିତ ଅଭ୍ୟାସ ବଳରେ ତାହାକୁ ଦମନ କରିବାକୁ ଚେଷ୍ଟା କରିବୁ ।

ତୋତେ ଦେଇଥିବା ଧାରାକୁ କଡ଼ାକଡ଼ି ପାଳନ କରିବୁ । ବତାଇ ଦେଇଥିବା ନିର୍ଦ୍ଦିଷ୍ଟ ସମୟରେ ଧ୍ୟାନ, ପ୍ରଣାମ କଲେ ବ୍ରାହ୍ମମୁହୂର୍ତ୍ତର ଶୀତଳ ବାୟୁ ପ୍ରବାହରେ ଶରୀରର ଦହନ କ୍ରିୟା ସମାହିତ ହୋଇ ଶରୀର ମନ ଥଣ୍ଡା ହୋଇଯିବ । ନିଆଁରେ ପାଣି ଯୋଗ କରିଦେଲେ ନିଆଁ ଲିଭିଯାଏ । ଠିକ୍ ସେହିପରି ଶରୀରର ଯେଉଁ ତନ୍ତ୍ରୀର ଉତ୍ତାପ ଯୋଗୁଁ ବାୟୁ ସୃଷ୍ଟି ହୋଇଯାଇଥାଏ, ଏହି କ୍ରିୟା ମାଧ୍ୟମରେ ସେଗୁଡ଼ିକ ଶୀତଳ ହୋଇ ଯାଆନ୍ତି ଓ କ୍ରମଶଃ ବାୟୁର ପ୍ରଭାବ ପ୍ରଶମିତ ହୋଇଯାଏ । ପ୍ରତିଦିନର ନିଷ୍ଠାପର ଅଭ୍ୟାସବଳରେ ମନ ସଂଯମ ହୋଇ କୁଚିନ୍ତାକୁ ପରିହାର କରି ଶାନ୍ତ, ଶୀତଳ ଓ ସ୍ଥିର ହୋଇଯିବ । ତେଣୁ ଆଉ ବାୟୁପୀଡ଼ାର ଭୟ ନ ଥିବ । ଏହା ପୂର୍ବରୁ ତୋତେ କହିଥିବା ନିଷେଧ ଦିବସ ଓ ତିଥି ମାନଙ୍କରେ ମନରେ ଆଦୌ କାମଚିନ୍ତା ଆଣିବୁ ନାହିଁ । ପରସ୍ତ୍ରୀ, କନ୍ୟା, ଯୁବତୀ, ବୃଦ୍ଧା କାହାରି ପ୍ରତି ଆସକ୍ତ ହେବୁନାହିଁ । ପାଚିଲା କଦଳୀ ସହ ଚିନି ଯୁକ୍ତ କରି ତାହାରି ପାଣିକୁ ସେବନ କରିଦେଲେ ବାୟୁ ପ୍ରବାହ ପ୍ରଶମିତ ହୋଇଥାଏ । ସଦ୍ୟନାରିକେଳ ଉଦକ (ସଂଗେ ସଂଗେ ବାହାରି ଥିବା ନଡ଼ିଆ ପାଣି) ପିଇଦେଲେ ମଧ୍ୟ ବାୟୁ ନାଶ ହୋଇଯାଏ । ପର୍ଯ୍ୟୁସିତ ଅନ୍ନରେ ମଇଁଷିର ଦହି ମିଶ୍ରଣ କରି ଖାଇଲେ ବାୟୁ ପ୍ରାଦୁର୍ଭାବ କମିଯାଏ । କିନ୍ତୁ ଏହି ନଡ଼ିଆ ପାଣି ଓ ଦହି କଦାପି ସୂର୍ଯ୍ୟାସ୍ତ ପରେ ଖାଇବୁନାହିଁ । କାଞ୍ଜି ସହ ଶର୍କରା ମିଶାଇ ପିଇଦେଲେ ଶରୀରରୁ ବାୟୁ କମିଯାଏ । ମୁଥା ମୂଳ ସେବନରେ ବାୟୁ ନାଶ ହୋଇଥାଏ । ତାଳ, ଖଜୁରୀ, ବେଲ ମଧ୍ୟ ବାୟୁ ନାଶକର ପରିଚୟ ବହନ କରିଅଛନ୍ତି । ତିଳ ତେଲ ବାୟୁ ଘାତକ ନାମରେ ପ୍ରତିଷ୍ଠା ଲାଭ କରିଛି । ଶୀତଳ ଜଳରେ ସ୍ନାନ (ରୋଗୀ ପାଇଁ ନୁହେଁ), ଶୀତଳ ଚନ୍ଦନ ସେବନ ମଧ୍ୟ ବାୟୁ ପତନରେ ସାହାଯ୍ୟ କରେ । ଅତିଅଳ୍ପ ଭୋଜନ ସହ ମାତ୍ରାଧିକ ଜଳପାନ କଲେ ବାୟୁ ନାଶ ହୁଏ ।

ବାବୁରେ ! ଏଥରକ ଏତିକିରୁ ରହୁଛି । ଆସନ୍ତା ଥରକୁ ପିତ୍ତ ଓ କଫ ବିଷୟରେ ଚେତାଇ ଦେବି । ଧନ ମୋର ! ମୋ କଥାକୁ ଟିକେ ମନଦେଇ ଶୁଣିବୁ ଓ ଯାହା କହୁଛି ଶ୍ରଦ୍ଧାରେ କରିବୁ । ଦେଖିବୁ ବ୍ୟାଧି ତୋତେ ଛୁଇଁ ପାରିବ ନାହିଁ । ଖାଲି ଥରେ ନିଷ୍ଠାବାନ୍ ହୋଇଯାଅ । କଲ୍ୟାଣ କରୁଛି - ଆଚରଣ ସିଦ୍ଧ ହୋଇ ଏ ଅପାର ସଂସାର ସିନ୍ଧୁ ପାର ହୋଇ ପୁଣିଥରେ ମୋ କୋଳକୁ ଫେରିଆ ।

ତୋର ଚିରମଙ୍ଗଳାକାଂକ୍ଷୀ
'ପିତା'

❋❋❋

# କେଶବ କୈବଲ୍ୟ କଣିକା

*ବିଭିନ୍ନ ପ୍ରସଙ୍ଗରେ ଭିନ୍ନ ଭିନ୍ନ ସମୟରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖନିଃସୃତ ବାଣୀଗୁଚ୍ଛ ହିଁ କୈବଲ୍ୟ କଣିକା । ଏହା ସକଳ ତାପରୁ ପ୍ରାଣୀକୁ ରକ୍ଷାକରେ, କରୁଛି ମଧ୍ୟ । ଏହି ଶ୍ରୀମୁଖନିଃସୃତ ବାଣୀଗୁଚ୍ଛ ସଂଗୃହୀତ ହୋଇ ଯତ୍ନର ସହିତ ସଂରକ୍ଷିତ ହୋଇ ରହିଛି, ରହୁଛି । ଆଗ୍ରହୀ ଅନୁରାଗୀ ଭକ୍ତ ଶିଷ୍ୟ ଅନୁଗତ ପାଠକମାନଙ୍କର କଲ୍ୟାଣ ନିମିତ୍ତ ଏହା ''ଚରମ'' ପୃଷ୍ଠାରେ ନିୟମିତ ପରିବେଷିତ ହୋଇ ଆସୁଛି । ଜୀବନଚର୍ଯ୍ୟା ଓ ସାଧନା ପଥରେ ଏହା ସହାୟକ ହୋଇ ପାରିଲେ, ଶ୍ରମ ସାର୍ଥକ ହେବ ।।*

୧ । ''ତୁଳସୀ ବନେ ଜନ୍ମ ହୋଇ । ଅଚ୍ଛବ କୋଳରେ ବଢ଼ଇ ।।'' ତୁଳସୀବନ କହିଲେ, ଆଜ୍ଞାଚକ୍ର ଓ ଅଚ୍ଛବ କହିଲେ ପ୍ରକୃତି ।

୨ । ସମସ୍ତଙ୍କ ଦ୍ୱାରା ତ୍ୟାଗ ସମ୍ଭବ ନୁହେଁ । ତ୍ୟାଗ ଦେବା ଶରୀର ଅଲଗା । ବୈରାଗୀ ସମସ୍ତେ ହୋଇ ପାରିବେ ନାହିଁ । ଯିଏ ଆଧ୍ୟାତ୍ମିକ କ୍ଷେତ୍ରରେ ତ୍ୟାଗ ଦେବ, ତା'ର ବିଷୟାକ୍ଷେତ୍ର ଛିଡ଼ିଛିଡ଼ି ଯିବ ।

୩ । ଜୀବ ଗୋଟିଏ ସଂକଳ୍ପରେ ବାରବାର ଶପଥ କଲେ, ବୋଧ ଶକ୍ତି ଦ୍ୱାରା ତାହା ଦୃଢ଼ ହୋଇଯାଏ ।

୪ । ନିର୍ଜନତା ମହତ ଭାଗବତ ଭାବ ଜାଗ୍ରତ କରାଏ ।

୫ । ମୁକ୍ତିର ଦ୍ୱାର ଖୋଲିବା ପାଇଁ ତ୍ୟାଗ ମୂଳମନ୍ତ୍ର ଅଟେ ।

୬ । ବାଧ କରନାହିଁ, ବୋଧରଖି ଆଦେଶକୁ ମାନି ଚାଲ । ତେବେ ଜାଣିବ ତୁମର ଭାବ ସ୍ୱଚ୍ଛ ହେଉଛି ।

୭ । ଏକମୁଖୀ ଭାବରେ ଅନେକ ଦ୍ୱନ୍ଦ୍ୱ ରହିବ । ସେହି ଦ୍ୱନ୍ଦ୍ୱ ଭିତରେ ଗତିକଲେ ଦୃଢ଼ନିଷ୍ଠା ବଢ଼ିବ ।

୮ । ଜ୍ଞାନ, ଭକ୍ତି, ପ୍ରେମ ଏକ ସରଳରେଖାରେ ରହିଲେ, ଦ୍ୱାଦଶ ଶବ୍ଦର ଶେଷଧ୍ୱନି ''ବଂଶୀସ୍ୱନ'' ଶୁଣି ପାରିବ । ଏହା ଶାଶ୍ୱତ ପ୍ରେମର ଲକ୍ଷଣ ।

୯ । ଯୋଗୀ ଯୋଗ ସାଧନ ପଥରେ ବିକାରଗ୍ରସ୍ତ ହେଲେ, ବାତୁଳ ଭଳି ନାନା ସ୍ଥାନ ଭ୍ରମଣ କରେ ।

୧୦ । ଶରୀର ତତ୍ତ୍ୱରେ ଅହଂକାର - ଶରୀରରେ ଅହଂକାର ରହିବ । ଅହଂକାର ନ ଥିଲେ, ଶରୀର ଆଗେଇ ପାରିବ ନାହିଁ । କିନ୍ତୁ, ଏ ଅହଂକାର ସତ୍ତାବିଧ୍ୱଂସୀ ଅହଂକାର ନୁହେଁ ।

୧୧ । ବ୍ୟକ୍ତି ନିଜର ଉତ୍ତମ ଚରିତ୍ର ଗଢ଼ିପାରିଲେ, ଅନ୍ୟର ସୁଚରିତ୍ର ଦେଖିପାରିବ ।

୧୨ । ବାରମ୍ବାର ବୀଜମନ୍ତ୍ରକୁ ମନନ କରିବା ଏବଂ ସର୍ବଦା ଲୟରେ ଲକ୍ଷ୍ୟକରିବା ଦରକାର । ମସ୍ତିଷ୍କର ଫାଙ୍କା ସମୟରେ ବୀଜମନ୍ତ୍ର ମାନସଜପ କରି ଚାଲିବା ଭଲ ।

୧୩ । ଅଷ୍ଟାଙ୍ଗ ଯୋଗ - କଠିନ ପଥ । ବଦ୍ଧଜୀବ କ'ଣ ଅଷ୍ଟାଙ୍ଗ ଯୋଗ କରିପାରିବ ? ନିୟମିତ ଯଥାବିଧି ଯଥାସମୟରେ ସାଷ୍ଟାଙ୍ଗ ପ୍ରଣାମ, ଧ୍ୟାନ, ପ୍ରାର୍ଥନା, ଜପ ମାଧ୍ୟମରେ ଅଷ୍ଟାଙ୍ଗଯୋଗ ସାଧି ପାରିବ ।

୧୪ । ଶରୀର ମଧ୍ୟରେ ଦୈବ ଓ ଆସୁରିକ କ୍ରିୟା ରହିଛି । ଏହି କାରଣରୁ ଶରୀର ମଧ୍ୟରେ ପୁଣ୍ୟ ଓ ପାପ ମଧ୍ୟ ରହିଛି । ଏହି ପାପପୁଣ୍ୟ ଶରୀରରେ କ୍ରିୟା ମଧ୍ୟ କରୁଛି ।

୧୫ । ପିଆଜରସୁଣ ନଖାଇ କ'ଣ ଚଳିହେବ ନାହିଁ ? ମନର ଦୃଢ଼ତା ଥିଲେ, ନିଶ୍ଚୟ ଛାଡ଼ିପାରିବ । ବାହାରକୁ ଗଲେ ହୋଟେଲରେ ନଖାଇ ଅନ୍ୟକିଛି ଖାଇ କ'ଣ ଚଳିପାରିବ ନାହିଁ । ଖାଇବାର ପରିବେଶ ନିଜେ ନିଜ ପାଇଁ ନିଶ୍ଚୟ ସୃଷ୍ଟି କରି ଚଳିଯାଇ ପାରିବ ।

୧୬ । ମସ୍ତିଷ୍କର ବୋଧଶକ୍ତିକୁ ମାପି ବା ଲକ୍ଷ୍ୟକରି ଗୁରୁ ଶିଷ୍ୟପାଇଁ ବାଣୀ ଦେଇ ଥାଆନ୍ତି ।

୧୭ । ଜୀବ ଚେତନଶୀଳ ନହେଲେ, ଗୁରୁଙ୍କ ବାଣୀର ସାରମର୍ମ ଉପଲବ୍ଧ କରି ପାରିବ ନାହିଁ ।

୧୮ । ନିର୍ଦ୍ଦିଷ୍ଟ ବ୍ୟକ୍ତି ନ ହେଲେ, ସେହି ନିର୍ଦ୍ଦିଷ୍ଟ କଥା ଅନ୍ୟକୁ କୁହାଯାଏ ନାହିଁ ।

୧୯ । ବଂଶଗତ ରୋଗ ଭଲହେବା ସହଜ ନୁହେଁ । ବରଂ ପରମ୍ପରାଗତ ରୋଗବ୍ୟାଧି ହେଉଛି ଜୀବର ସଂସ୍କାର । ରୋଗ, ଶୋକ, ଦୁଃଖ ହେଉଛି ଭଗବାନଙ୍କ ଦରବାରରେ ମଙ୍ଗଳ ସୂଚକ ।

୨୦ । ଈଶ୍ୱରଙ୍କ ସନ୍ନିଧାନରେ ଆନନ୍ଦ : ପ୍ରେମାନନ୍ଦ ଅନୁଭୂତ ହେବ । କିନ୍ତୁ ଜୀବ ନିକଟରେ ଭାବ ସୁଖ ଲାଗିବ ।।

୨୧ । ତୁମମାନଙ୍କ ମଧ୍ୟରୁ କେତେଜଣଙ୍କ ଭିତରେ ଭାବ ଆସିଲାଣି ? ତୁମେମାନେ କେବଳ ମୋହଗ୍ରସ୍ତ ହୋଇ ଆସୁଛ । ତୁମମାନଙ୍କର ଆସିବା ଅନୁମାନସୂତ୍ର ଉପରେ ନିର୍ଭର କରିଛି ।

୨୨ । ଜଣେ ସାଧୁଙ୍କ ଦରବାରରେ ବସିବା ହିଁ ସଂସ୍କାର । ସମସ୍ତେ କ'ଣ ଧୈର୍ଯ୍ୟ ଧରି ସ୍ଥିର ମନରେ ସାଧୁଦରବାରରେ ବସିପାରିବେ ??

୨୩ । ଉଚ୍ଚନୀଚ ଭେଦଭାବର ପ୍ରଚଳିତ ପୂର୍ବପ୍ରଥାକୁ ପରୋକ୍ଷ ଭାବରେ ସମର୍ଥନ କରି ବର୍ତ୍ତମାନର ନିୟମକୁ ଆଳ ଦେଖାଇ ଏଡ଼ାଇ ଦେବାକୁ ହେଉଛି । ଏହାଦ୍ୱାରା ଦଶମୋଦକର ବିଧିପାଳନ ବ୍ୟାହତ ହେଉଛି ।

୨୪ । ଦାନର ସଦ୍‌ବ୍ୟବହାର କଲେ ଓ ଦତ୍ତବସ୍ତୁ ଆଦିର ଯତ୍ନ ନେଲେ, ଅଧିକରୁ ଅଧିକ ଦାନ ଆସିବ । ମାତ୍ର ଦାନ ଅର୍ଥର ଅସଦ୍ ବ୍ୟବହାର କଲେ ବା ଦତ୍ତବସ୍ତୁର ଅଯତ୍ନ କଲେ, ତାହାକ୍ରମଶଃ ହ୍ରାସ ପାଇବ; ଅଧିକ ଦାନ ଆସିବ କେଉଁଠୁ ??

୨୫ । ବ୍ୟକ୍ତିର ଶ୍ରଦ୍ଧା, ପ୍ରେମ, ଆନ୍ତରିକତା ଓ ଭକ୍ତିଭାବ ଯୋଗୁଁ ମଙ୍ଗଳ ନିମିତ୍ତ ଓ ପର୍ଯ୍ୟାୟଭୋଗର କାର୍ଯ୍ୟକ୍ରମ ନେଇ ଆମେ ଆଗେଇ ଯାଉ । ଅନୁଜ୍ଞା ଓ ଆଦେଶ ନେଇ ନିର୍ଦ୍ଦିଷ୍ଟ ସମୟରେ ନ ଫେରି ବାଧବାଧକତାରେ ଅଟକି ଗଲେ, ତାହା ବ୍ୟକ୍ତି ପକ୍ଷରେ ଶୁଭଫଳପ୍ରଦ ହୁଏ ନାହିଁ ।

❖❖❖

## "ବ୍ରହ୍ମ ଏକକ୍ଷର ଗୀତା" : ତୃତୀୟ ଅଧ୍ୟାୟରୁ ଉଦ୍ଧୃତାଂଶର ସରଳ ସଂକ୍ଷିପ୍ତ ବ୍ୟାଖ୍ୟା :

ଅଚ୍ୟୁତ ବୋଲନ୍ତି.................................ରୂପରୁ ଅରୂପ ସୀମା ।।୧।।

ଏଠାରେ ଅଚ୍ୟୁତ ବୋଇଲେ ପରମ ଏବଂ ରାମ ବୋଇଲେ ଜୀବ । ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିରେ ଅଧିରୂଢ଼ ହୋଇ ନିଜର ଅନୁଭୂତିକୁ ଏଠାରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରିୟଶିଷ୍ୟ ରାମଦାସଙ୍କୁ ଜଣାଇ ଅଛନ୍ତି । ଜୀବବ୍ରହ୍ମ ପରମବ୍ରହ୍ମଙ୍କୁ ଦର୍ଶନ କରି ଲୀଳାର ମହିମା ବିଷୟରେ କଥୋପକଥନ କରୁଅଛନ୍ତି । ଭକ୍ତ ତ୍ରିକୂଟକୁ ଲୟକରି ସହସ୍ରଗାର ଭେଦିଲେ ଯାଇ ଉତ୍ତମ ଶିଷ୍ୟରୂପେ ପରିଗଣିତ ହୁଏ । ସୃଷ୍ଟି ଚକ୍ରରେ ରୂପହିଁ ମର୍ତ୍ତ୍ୟଧାମରେ ବିଦ୍ୟମାନ । ଏହି ରୂପ ମଧ୍ୟରେ ଅରୂପର ସୀମା ଛୁଇଁ ପାରିଲେ, ଆକାର ମଧ୍ୟରେ ନିରାକାରଙ୍କୁ ଦର୍ଶନ କରି ପାରିଲେ ଏବଂ ନାମ ମଧ୍ୟରେ ଅନାମଙ୍କୁ, ଜପ ମଧ୍ୟରେ ଅଜପାଙ୍କୁ ପାଇଲେ ହିଁ ଶିଷ୍ୟ ସର୍ବୋତ୍ତମ ସ୍ଥିତାବସ୍ଥାରେ ବିଦ୍ୟମାନ ହୁଏ । ସ୍ଥୂଳ ସୃଷ୍ଟିରେ ଅରୂପର ସୀମା ଭାବରେ ହରିଦ୍ରାବର୍ଣ୍ଣ ଗୈରିକ ଜ୍ୟୋତିଃ ନେଇ ବ୍ୟାପକ ହୋଇ ରହିଛି । ଯୋଗୀ ଯୋଗ ମାର୍ଗରେ ସମାଧି ସ୍ତର ଭେଦକଲେ, ସୂକ୍ଷ୍ମଦୃଷ୍ଟିରେ ଏହା ସ୍ପଷ୍ଟଭାବରେ ଦର୍ଶନ କରିପାରେ ।

ଶୂନ୍ୟଶୂନ୍ୟ ମହାଶୂନ୍ୟରୁ ....................... ଠୁଳରୁ ହେଲା ଇକାର ।।୨।।

ପିଣ୍ଡତତ୍ତ୍ୱରେ ଶୂନ୍ୟ ପରେ ଶୂନ୍ୟ ଏବଂ ଚକ୍ରଭେଦରେ ଗୋଟିଏ ପରେ ଗୋଟିଏ ଚକ୍ରଭେଦ କରିଗଲେ, ଯୋଗୀ ମହାଶୂନ୍ୟ ଭେଦକରି ଲଲାଟଚକ୍ରରେ ଅଶୂନ୍ୟ ଭାବ ପ୍ରକାଶିତ ହେବାର ଅନୁଭୂତି ସମାଧିସ୍ଥ ଅବସ୍ଥାରେ ଅନୁଭବ କରିପାରେ । ଶୂନ୍ୟରୁ ହରିଦ୍ରା, ନୀଳବର୍ଣ୍ଣ ଜ୍ୟୋତିଃ ଆହରଣ କରି ଶ୍ୱେତବର୍ଣ୍ଣର ରେହ (ରେତ:ବୀର୍ଯ୍ୟ) ସୃଷ୍ଟି ହୋଇଥାଏ । ସୂକ୍ଷ୍ମରେ ଏହି ସ୍ଥୂଳ ରେହ / ରେତ / ବୀର୍ଯ୍ୟକୁ ଓଜଃ ବୋଲି କୁହାଯାଏ । ଯୋଗୀ କାମାନଳ ଉପଶମ କରି କ୍ରମେ ବୀର୍ଯ୍ୟବାନ୍ ଏବଂ ଓଜଃଶୀଳ ହୁଏ । ପରବର୍ତ୍ତୀ ଅବସ୍ଥାରେ ସାଧନ ପଥରେ ଉର୍ଦ୍ଧ୍ୱରେତା ହୋଇ ମହାପରାକ୍ରମଶାଳୀ ହୁଏ । ରେହ ବା ରେତରୁ ଶରୀରରେ ଜଳବିନ୍ଦୁ ତୁଲ୍ୟ ବୀର୍ଯ୍ୟ ବିନ୍ଦୁ ଠୁଳ ହୋଇ ସେହି ଠୁଳବିନ୍ଦୁରୁ ଇକାର (ଈ / ଈଶାନୀ / ଆଦିମାତା) ଜୀବଶରୀରରେ ଶକ୍ତି ସ୍ୱରୂପିଣୀ ହୋଇ ବିରାଜି ଥାଆନ୍ତି । ମହାତ୍ମା, ମହାପୁରୁଷ, ସିଦ୍ଧଯୋଗୀମାନେ ସର୍ବଦା ଚୈତନ୍ୟରାଜ୍ୟରେ ରହି ମୁଖମଣ୍ଡଳରେ ଇକାର / ଅର୍ଦ୍ଧମାତ୍ରା ଓ ବିନ୍ଦୁ / ଈଶ୍ୱରୀୟ ଭାବ ପ୍ରକାଶ କରି ଆଦିପିତା ଏବଂ ଆଦିମାତାଙ୍କ ନାମ ସୂକ୍ଷ୍ମଦୃଷ୍ଟିରେ ଅକ୍ଷର ତତ୍ତ୍ୱରେ ଦେଖିପାରନ୍ତି । ସାଧାରଣ ଲୋକ ଏହା ଅନୁଭବରେ ଆଣି ପାରନ୍ତି ନାହିଁ ।

ଅର୍ଦ୍ଧମାତ୍ରା ବୋଲି..................................................ସେହିକୃଷ୍ଣ ଅବତାର ।।୩।।

ଉର୍ଦ୍ଧ୍ୱରେତା ଯୋଗୀ ଯୋଗମାର୍ଗରେ ଅବିଚଳିତ ରହି ଅକ୍ଷର ତତ୍ତ୍ୱରେ ସେହି ଅର୍ଦ୍ଧମାତ୍ରାଙ୍କୁ ଆଦିମାତା ଯୋଗେଶ୍ୱରୀ ଯୋଗମାୟା ବୋଲି ଅନୁଭବରେ ଆଣିବାକୁ ସମର୍ଥ ହୁଅନ୍ତି । ସେହି ଅର୍ଦ୍ଧମାତ୍ରା ଯୋଗମାୟାଙ୍କ ଗର୍ଭରେ ବିନ୍ଦୁର ସମୁଜ୍ଜ୍ୱଳ ପରିପ୍ରକାଶ ସ୍ୱରୂପ ନିତ୍ୟକୃଷ୍ଣ ଆଦିପିତାଙ୍କୁ ଯୋଗୀ ସମାଧିସ୍ଥ ଅବସ୍ଥାରେ ନିଜର ହୃଦୟଦେଶ (ସହସ୍ରାର ସହସ୍ରଦଳ ପଦ୍ମ କେଶର) ରେ ସୂକ୍ଷ୍ମ ଦୃଷ୍ଟିରେ ଦର୍ଶନ କରିବାରେ କ୍ଷମ ହୁଅନ୍ତି । ଯୋଗୀ ସମାଧିର ଅଷ୍ଟାଦଶ (୧୮) ସୋପାନରେ ପହଞ୍ଚିଲେ, ଅର୍ଦ୍ଧମାତ୍ରା ଗର୍ଭରେ ବିନ୍ଦୁର ଚାରିପାର୍ଶ୍ୱରେ ହଳଦିଆ, ନାଲି, ନୀଳ ଓ ଗୈରିକ ବର୍ଣ୍ଣର ନିତ୍ୟକୃଷ୍ଣ ମୂର୍ତ୍ତି ସୁଷୁମ୍ନା ଦ୍ୱାରରେ ଅନୁଭବ କରି ଦର୍ଶନ କରନ୍ତି । ଯେଉଁ ମାନେ ଯୋଗମାର୍ଗରେ ଗତି କରିନାହାନ୍ତି ବା ଅଷ୍ଟାଦଶ ପାହାଚରେ ପହଞ୍ଚି ନାହାନ୍ତି, ସେମାନେ ଏହା ଅନୁଭବରେ ଆଣି ପାରନ୍ତି ନାହିଁ ବା ଦର୍ଶନ ମଧ୍ୟ କରିପାରନ୍ତି ନାହିଁ ।

ସେଇ ଯେଉଁ ପ୍ରଭୁ..................................ଲୀଳାଭୋଗ ବିଳସଇ ।।୪।।

ନିରବଚ୍ଛିନ୍ନ ଯୋଗମାର୍ଗରେ ଅବିଚଳିତ ଥିବା ଯୋଗୀ ଭଗବତ୍ ଦର୍ଶନ ପରେ ସର୍ବୋତ୍ତମ ଭକ୍ତ ପଦବାଚ୍ୟ ହୁଏ । ଯୋଗକ୍ରିୟାରେ ସଂଯୋଗ ଘଟି ଭକ୍ତ ଏବଂ ଭଗବାନ ଏକ ହୋଇଗଲେ, ଅକ୍ଷର ତତ୍ତ୍ୱରେ ଭକ୍ତ ଭଗବାନଙ୍କୁ ଧରିପାରେ ଓ ସର୍ବସାଧାରଣ ଜୀବଙ୍କ ମୁକ୍ତିମୋକ୍ଷ ନିର୍ବାଣ ଓ ଚରମପ୍ରାପ୍ତି ନିମନ୍ତେ ମର୍ତ୍ତ୍ୟଧାମରେ ଅବ୍ୟକ୍ତ ଲୀଳା କ୍ରମଶଃ

ବ୍ୟକ୍ତ ହୋଇ ପ୍ରକଟ ହୁଏ । ଷଡ଼ଚକ୍ର ଭେଦ ପରେ ଭକ୍ତ ଲଲାଟଚକ୍ରରେ ଏହି ଲୀଳା ଅନୁଭବ କରି ସୂକ୍ଷ୍ମଚକ୍ଷୁରେ ସମାଧିସ୍ଥ ଅବସ୍ଥାରେ ତାହା ଦର୍ଶନ କରି ଭକ୍ତରୂପେ ପରିଚିତ ହୁଏ । ପ୍ରଭୁ ସ୍ୱୟଂ ସେତେବେଳେ ଭକ୍ତର ଭାବରେ ବଶ୍ୟତା ସ୍ୱୀକାର କରି ସ୍ୱୟଂ ଭକ୍ତର ହୃଦୟଦେଶରେ ବିରାଜମାନ କରିଥାଆନ୍ତି । ଭକ୍ତ ଓ ଭଗବାନ ସେତେବେଳେ ଏକାକାର ହୋଇଯାଆନ୍ତି । ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହୋଇ ଧରାଧାମରେ ଭକ୍ତର ଭାବରେ ଅବତାର ଧରି ମର୍ତ୍ତ୍ୟାବତରଣ କରନ୍ତି ଏବଂ ପ୍ରିୟ ଭକ୍ତ ସହିତ ନାନାଦି ଲୀଳା ରଚନା କରନ୍ତି । ଭକ୍ତ ପ୍ରଭୁଙ୍କର ସେ ସକଳ ଲୀଳାର ଭୋଗରେ ବିଳାସ କରନ୍ତି ଓ ବିଶ୍ୱକଲ୍ୟାଣ ନିମନ୍ତେ ସେ ସମସ୍ତ ଲୀଳା ପ୍ରସଙ୍ଗ ପ୍ରଚାର କରି ସାଧାରଣ ଲୋକଙ୍କ ମନରେ ଭଗବତ୍ ପ୍ରେମ ଓ ଭଗବତ୍ ବିଶ୍ୱାସ ଉଦ୍ରେକ କରନ୍ତି ।।

**ଅକ୍ଷର ରୂପେ ..................... ଭକତ ବୋଲିବା ତା'ରେ ।।୫।।**

ଯୋଗମାର୍ଗରେ ପିଣ୍ଡତତ୍ତ୍ୱରେ ଶୂନ୍ୟକାୟା ଚକ୍ର ବୋଇଲେ ଲଲାଟଚକ୍ର । ସେଠାରେ ଅକ୍ଷରପୁରୁଷ ବିଜେ କରିଥାଆନ୍ତି । ଯୋଗୀ ପଞ୍ଚବୀଜ (ହ୍ଲାଂ, କ୍ଲାଂ, ଶ୍ଲାଂ, ଧ୍ଲାଂ, ପ୍ଲାଂ) ରୁ ତୃତୀୟ ଅର୍ଥାତ୍ ''ଶ୍ଲାଂ'' ବୀଜକୁ ନେଇ ପଞ୍ଚମ ଅକ୍ଷର ଅର୍ଥାତ୍ 'ଭ' କୁ ମିଶାଇ ପଞ୍ଚତତ୍ତ୍ୱକୁ ଚିହ୍ନି ଭଜିଲେ, ଭକ୍ତ ନାମରେ ପରିଗଣିତ ହୁଏ । ଯାହାର ସେହି ଅକ୍ଷର ପୁରୁଷଙ୍କ ଠାରେ ଅଚଳା ଭକ୍ତି ସତତ ଏକନିଷ୍ଠ ଥାଏ, ତା'କୁ ହିଁ ଭକ୍ତ କୁହାଯାଏ । ସେ ସକଳ ମାୟାବନ୍ଧନରୁ ମୁକ୍ତ, ବିଷୟଜଂଜାଳ ବିସ୍ମୃତ ଏବଂ ଏକନିଷ୍ଠ ଭକ୍ତିଭାବାପନ୍ନ, ସେହିଁ ପ୍ରକୃତରେ ଭକ୍ତ ।।

**ବୀଜନାମ ଗଙ୍ଗା......................ଶୁଦ୍ଧ ଅବିରତେ ଭଜେ ।।୬।।**

ଶ୍ରୀଗୁରୁ ଗ୍ରହଣ କରି ଯୋଗୀ ପିଁଗ୍ଳା ନାଡ଼ିରେ ଶ୍ରୀଗୁରୁ ପ୍ରଦତ୍ତ ବୀଜମନ୍ତ୍ରକୁ ସାଧନା କରି ତହିଁରେ ଭାବସିଦ୍ଧି କରି ଜ୍ୟୋତିଃବ୍ରହ୍ମରେ ବିଚରଣ କରେ । ଏପରି ସାଧନା ସ୍ତରରେ ଯୋଗୀ ନିଜର ହୃଦୟ ଚକ୍ରରେ ହରି ଏବଂ କଣ୍ଠ ଚକ୍ରରେ ହରଙ୍କୁ ଦର୍ଶନ କରି ଶୁଦ୍ଧ ଚିତ୍ତ ଅବସ୍ଥାରେ ଯୋଗମାୟାଙ୍କର ଦର୍ଶନ ଲାଭ କରି ତାହା ନିଜସ୍ୱ ଅନୁଭବରେ ଆଣିବାକୁ ସମର୍ଥ ହୁଏ । ଏପରି ଯୋଗୀ ହିଁ ପ୍ରଭୁଙ୍କର ପ୍ରକୃତ ଭକ୍ତ ଅଟେ ।।

**ଏମନ୍ତ ଭକତ ପଛେ....................ଯେଣୁ ମୋର ପଞ୍ଚଭୂତ ।।୭।।**

ଭକ୍ତ ପଞ୍ଚଭୂତରୁ ସୂକ୍ଷ୍ମଭାବ ନେଇ କାରଣ ଚୈତନ୍ୟରେ ଯୋଗମାୟାଙ୍କ କରୁଣାରୁ ମାୟା ଭେଦ କରି ଅକ୍ଷରତତ୍ତ୍ୱମାନ ନିରୀକ୍ଷଣ କରି ''ମନ୍ମାନସ ଚୈତନ୍ୟ'' ରେ ଲୀଳା ଖେଳା କରେ । ଏହି ଅବସ୍ଥାରେ ଭକ୍ତ ପୂର୍ଣ୍ଣସିଦ୍ଧି ଅବସ୍ଥାରେ ରହି ଭଗବାନଙ୍କର ପଞ୍ଚଭୂତ ସହିତ ମିଶିଯାଇ ଏକ ହୋଇଯାଆନ୍ତି । ''ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି'' ''ସୋଽହଂ'' କହିବା ଏପରି ଭକ୍ତଙ୍କ ପକ୍ଷରେ ସମୀଚୀନ; ନତୁବା ନୁହେଁ । ସ୍ୱଇଚ୍ଛାରେ ପୁଣି ସୃଷ୍ଟି ହୁଅନ୍ତି । ଯୋଗୀର ଏହି ଚୈତନ୍ୟ ଅବସ୍ଥାରେ ପଞ୍ଚତତ୍ତ୍ୱମାନ ଭେଦିଥାଏ । ଏପରି ଭକ୍ତଙ୍କ ପଛେ ପଛେ ଭଗବାନ ଅବିରତ ବୁଲନ୍ତି । ପଞ୍ଚଭୂତର ମାୟା ଶରୀର ଧରି ପ୍ରଭୁ ଭକ୍ତକୁ ସର୍ବ ସଂକଟରୁ ଉଦ୍ଧାର କରନ୍ତି ।।

ଏ ସମସ୍ତ ଯୋଗମାର୍ଗର ଉର୍ଦ୍ଧ୍ୱସ୍ତରର ତାତ୍ତ୍ୱିକ ସୂକ୍ଷ୍ମ ଅନୁଭୂତି ସାପେକ୍ଷ । ଏହି ସ୍ତରରେ ପହଞ୍ଚିଲେ ଯାଇ ଏ ସକଳ ତତ୍ତ୍ୱ ଦର୍ଶନ ସମ୍ଭବପର ହୁଏ । ପାଠକ / ପାଠିକା, ଭକ୍ତଶିଷ୍ୟ ଅନୁଗତମାନଙ୍କୁ ଯୋଗ ମାର୍ଗରେ ଗତି କରିବା ପାଇଁ ଏହା ପ୍ରେରଣା ପ୍ରଦାନ କଲେ, ଶ୍ରମ ସାର୍ଥକ ହେବ ।।

# ପୁରାଣ ପୃଷ୍ଠାରୁ : ଗଣ୍ଡାଂଶର ମୀମାଂସା ଖଣ୍ଡ

ପିଣ୍ଡତତ୍ତ୍ୱରେ ଭାରତୀୟ ପୌରାଣିକ ଆଖ୍ୟାୟିକା ଗୁଡ଼ିକର ମୀମାଂସା ଯୋଗମାର୍ଗର ଗତିପଥ ନିର୍ଣ୍ଣୟ କରେ । ଯୋଗୀମାନେ ଯୋଗମାର୍ଗରେ ଗତିକରୁଥିବା ଅବସ୍ଥାରେ ସେମାନଙ୍କର ସ୍ଥୂଳ ଆଚରଣ ଓ ସୂକ୍ଷ୍ମ ଅନ୍ତଃକରଣରେ ସଂଘଟିତ କ୍ରିୟା ପ୍ରତିକ୍ରିୟାମାନ ଏହି ମୀମାଂସା ସୂତ୍ରରେ ଦର୍ଶାଇ ଦିଆଯାଇଥାଏ । ଧାରାଧାରି ନିୟମିତ ବିଧିପୂର୍ବକ ଅଭ୍ୟାସ ଯୋଗ ସାଧନରେ ଲିପ୍ତ / ବା ଅହରହ ମାନସଜପରେ ମଗ୍ନ ସନ୍ଦେଶପତ୍ରଧାରୀ ମାନେ ଏହି ଯୋଗମାର୍ଗର ରହସ୍ୟ କିଞ୍ଚିତ୍ ଉପଲବ୍ଧି କରି ଆନନ୍ଦଲାଭ କରିପାରିବେ ଓ ଅଧିକରୁ ଅଧିକତର ସେହି ଯୋଗମାର୍ଗରେ ଅଗ୍ରଗାମୀ ହେବାର ପ୍ରେରଣା ଲାଭ କରି ପାରିବେ ।

ଦ୍ରୌପଦୀ ହେଉଛନ୍ତି ଶୁଦ୍ଧାମାୟା । ସ୍ଥୂଳମନର କ୍ରିୟାରେ ବିଚରଣ କାର୍ଯ୍ୟକୁ ସ୍ୱୟଂବର କୁହାଯାଏ । ବ୍ୟାସ ହେଉଛନ୍ତି ପ୍ରକ୍ଷାର୍ଣ୍ଣ ମାୟାକୋଷର ଶୁଦ୍ଧଚିତ୍ତ । ପାଣ୍ଡବ ପଞ୍ଚଭ୍ରାତା ହେଉଛନ୍ତି ପାଞ୍ଚମନ-ମନ, ସୁମନ, ବିମନ, କୁମନ, ଅମନ । ଗୁଞ୍ଜୁର କୋଷରୁ ପାଞ୍ଚମନର ସୃଷ୍ଟି । ଏଠାରେ ସ୍ଥୂଳଚେତାର ଆଦାନ ପ୍ରଦାନ ହୋଇଥାଏ । ତାହାକୁ ପଞ୍ଚାଳ ଦେଶ କୁହାଯାଏ । ଯୋଗମାର୍ଗରେ ଗତିକରି ଯୋଗୀ ଚିତ୍ତ ସରୋବରର ଚୈତନ୍ୟ ଅବସ୍ଥାରେ ଉପନୀତ ହେଲେ, ପ୍ରକ୍ଷାର୍ଣ୍ଣ ମାୟାକୋଷର ଶୁଦ୍ଧଚିତ୍ତର ନିର୍ଦ୍ଦେଶ ଲାଭକରି ପାଞ୍ଚମନକୁ ଶୁଦ୍ଧାମାୟାର ସ୍ଥୂଳମନରେ ବିଚରଣ କର୍ମରେ ଯୋଗ କରାଇବା ପାଇଁ ଗୁଞ୍ଜୁର କୋଷ ଅଭିମୁଖରେ ଯାତ୍ରାକରି ସ୍ଥୂଳ ଚୈତନ୍ୟର ଆଦାନ ପ୍ରଦାନ ଆରମ୍ଭ କରେ । ଗୌଲକାନ୍ତି ସୂକ୍ଷ୍ମ ଭକ୍ତିରେ ଓଲଟ ଗତି ସଂଖ୍ୟା ଶହେ (୧୦୦) - ଏମାନେ ମସ୍ତିଷ୍କରେ ରହି ଯୋଗୀର ଯୋଗ ମାର୍ଗରେ ଦିନକୁ ଶହେ ଯୋଜନ ଗତି କରନ୍ତି । ମନୁସା ସୂକ୍ଷ୍ମଭୃଙ୍ଗ ଚେତା ପୁରୁଷରେ ଯାଇ ବିଶ୍ରାମ ନିଅନ୍ତି । ଏହାକୁ କେତୁମାଳୀବନ କୁହାଯାଏ । ଏହିଠାରେ ଯୋଗୀର ପରୀକ୍ଷା ମଧ୍ୟ ହୋଇଥାଏ । ଯୋଗୀର ମାନସିକ ଦୃଢ଼ ଅବସ୍ଥା ଉପନୀତ ହେବା ପର୍ଯ୍ୟନ୍ତ ଏଠାରେ ପରୀକ୍ଷା ଚାଲୁରହେ । ସୌଧାକୋଷ ହେଉଛି ଇନ୍ଦ୍ର । ତାଙ୍କର ଜ୍ୟେଷ୍ଠପୁତ୍ର ତମଭାବରେ ''ବିରାଟପୁରୁଷ'' ପ୍ରକ୍ଷାର୍ଣ୍ଣକୋଷ ଅର୍ଥାତ୍ ଅଙ୍ଗାରପନ୍ନଗ । ପ୍ରକ୍ଷାର୍ଣ୍ଣକୋଷର ଏକ ସହସ୍ର (୧୦୦୦) କ୍ରିୟା ସ୍ଥୂଳ ଚୈତନ୍ୟରେ ଏକ ହଜାର ରାଣୀ ବୋଲି କଥିତ ଏମାନେ ସମସ୍ତେ ବୃଧାରୀ ମାୟା କୋଷ । ଏମାନେ ପରମାର୍ଥ ପଥରେ ଯୋଗୀର ଭାବ ଭଙ୍ଗ କରନ୍ତି । କାମ ବିକାର ସୃଷ୍ଟି କରନ୍ତି । ଗାନ୍ଧର୍ବୀ ନଦୀ ବୋଇଲେ, ପିଁଡ଼ାନାଡ଼ୀ ଏହା ମସ୍ତିଷ୍କରୁ ନେଇ ମଣିଚକ୍ରର କୁଣ୍ଡଳିନୀରେ ବିଚରଣ କରିବାକୁ ବୁଝାଯାଏ । ମଣିଚକ୍ରରେ ଥିବା କାଳକୁରଙ୍ଗ ଚକ୍ରକୁ ଗନ୍ଧମାର୍ଦ୍ଦନ ପର୍ବତ କୁହାଯାଇଅଛି । ଏହା ଧୀଶକ୍ତିର ଜଗୁଆଳି । ଧର୍ମଯୁଦ୍ଧରେ ସାତ୍ତ୍ୱିକ ଭାବରେ ସ୍ଥିର ଓ ଧିର ଭାବକୁ ଧର୍ମ ନନ୍ଦନ ଯୁଧିଷ୍ଠିର ଆଖ୍ୟା ଦିଆଯାଇଅଛି । ଭାବ ଓ ଭକ୍ତି ଅର୍ଜନ କରୁଥିବା ଜୀବ ବା ଯୋଗୀଙ୍କୁ ଅର୍ଜ୍ଜୁନ ବୋଲି କୁହାଯାଇଛି । କୌଶିକ କୋଷରେ ପ୍ରଥମ ଅଂଶରେ ଅଂଶ ବିଚରଣ ମୋକ୍ଷ ଥାଏ ଏବଂ ଦ୍ୱିତୀୟ ଅଂଶରେ ଜୀବ ରହିଥାଏ । ଯୋଗୀ ଯୋଗ ମାର୍ଗରେ ଗତିକରି ଯିବା ସମୟରେ ଚୈତନ୍ୟ ସଂସ୍କାର ସ୍ତରରେ ଏହା ଅନୁଭୂତ ହୁଏ । ସାତ୍ତ୍ୱିକ ଧିର ସ୍ଥିର ନେଇ ଭାବରେ ନିର୍ଦ୍ଦେଶକ୍ରମେ ଭାବଭକ୍ତି ଅର୍ଜନକ୍ଷମଜୀବ ଯୋଗୀ ହୋଇ ଯୋଗସ୍ଥ ଅବସ୍ଥାରେ ପ୍ରାଣବାୟୁକୁ ମସ୍ତିଷ୍କରୁ ମଣିଚକ୍ରର ପିଁଡ଼ାନାଡ଼ୀକୁ ନେଇ କୁଣ୍ଡଳିନୀରେ ବିଚରଣ କରିବାକୁ ଉଦ୍ୟତ ହେବା ମାତ୍ରେ ସାତ୍ତ୍ୱିକ ଭାବ ଉଦୟ ହୋଇ ସୂକ୍ଷ୍ମଦୃଷ୍ଟିରେ ଚେତା ଅପସରୀ, ଯୋଗଭ୍ରଷ୍ଟକାରୀ ମାୟା ଦୃଶ୍ୟମାନ ହୁଏ । ଏହା ଭୌମୀ ନାଦରେ ଥାଏ । ବୃଧାରୀକୋଷରେ ଥିବା ମାୟା କାମଭାବ ତୋଳନ୍ତି ଏବଂ ଯୋଗୀଙ୍କର ଯୋଗକ୍ରିୟାରେ ବାଧା ସୃଷ୍ଟିକାରୀ ପରୀକ୍ଷା କରନ୍ତି । ଜଳକ୍ରୀଡ଼ା ବୋଇଲେ ସୌଧାରୀ ନାଡ଼ି ଏବଂ ଉଦ୍ୟାନ ବୋଇଲେ ଗୌଲକାନ୍ତି ଚେତାପୁଞ୍ଜ । ଯୋଗୀର ଯୋଗସାଧନ ମାର୍ଗରେ ଖଣ୍ଡନକାରୀ କୋଷର ନାମ ଗୌଲକାନ୍ତି । ଏଥିରେ ପ୍ରକ୍ଷାର୍ଣ୍ଣକୋଷର ସ୍ଥୂଳଚୈତନ୍ୟରେ ଏକ ହଜାର କ୍ରିୟା ବୃଧାରୀ କୋଷରେ ଥିବା ମାୟାବଶତଃ କାମଭାବ ତୋଳନ୍ତି । ଅନ୍ୟଟି ଆଶ୍ୱିନୀ ମାୟା । ଏହା ହୃଦଦେଶରେ ଗୁପ୍ତ ଭାବରେ ଥାଏ ଏବଂ ଯୋଗୀର ସମାଧି

ଅବସ୍ଥାରେ ସୂକ୍ଷ୍ମଦୃଷ୍ଟିରେ ଦେଖାଦିଏ । ପରୀକ୍ଷାଚକ୍ରରେ ନିସ୍ପ୍ରାଚେତା ମାୟାକୋଷ ଅରିଲେ, ଯୋଗୀର ମନୋଭାବ ଅଥୟ ହୁଏ । ଚିତ୍ତ ଅସ୍ଥିର ହୁଏ । ସମାଧିଯୋଗର ଅକୃଟକ କୋଷ ଭେଦକଲେ, ବିରାଟ ଶୁଣଭୃଙ୍ଗ କୋଷ ପରିଚୟ ଦିଏ । ବିରାଟ ଶୁଣଭୃଙ୍ଗ କୋଷର ବର୍ଣ୍ଣ ରକ୍ତିମ ଅଟେ । ଯୋଗୀ ସମାଧିଯୋଗ ଅବସ୍ଥାରେ ଏହି ରକ୍ତିମ ବର୍ଣ୍ଣର ଆଲୋକ ରେଖା ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି ଏବଂ ତା'ପରେ ନୀଳବର୍ଣ୍ଣ ଆଲୋକ ରଶ୍ମି ଦୃଶ୍ୟ ହୁଏ । ଏହାପରେ ଯୋଗୀର ଅଶ୍ୱିନୀକ କୋଷକୁ କ୍ରୋଧର ଶିକାର ହେବାକୁ ପଡ଼େ । ମାତୃଗର୍ଭଜ୍ଞାନ ଉପଲବ୍ଧ ସମୟରେ ଯୋଗୀର ସମାଧି ଯୋଗ ଅବସ୍ଥାରେ ଏହା ଅବଶ୍ୟ ଘଟିଥାଏ । ସମାଧିଯୋଗରେ ଆରୁଢ଼ ଅବସ୍ଥାରେ ହିଁ କେବଳ ଯୋଗୀମାନେ ଏହା ଉପଲବ୍ଧ ବା ଅନୁଭବ କରିପାରନ୍ତି । ସାଧାରଣ ଜୀବ ଆପଣାର ଅନୁଭୂତିରେ ଏହା ଆଣି ପାରନ୍ତି ନାହିଁ ।

କାଳ ଚୈତନ୍ୟ ହିଁ ସାତ୍ତ୍ୱିକ କ୍ରିୟାର ପ୍ରସ୍ତୁତି କ୍ଷେତ୍ର । ଯୋଗୀ ଏଠାରେ ଯୋଗମାୟାଙ୍କୁ ଦର୍ଶନ କରେ । ଜୀବବ୍ରହ୍ମ ଯୋଗୀ ପ୍ରକ୍ଷାର୍ଣ୍ଣି କୋଷରେ ବିଚରଣ କରେ । ମଣ୍ଡୁକ କ୍ରିୟାଯୋଗରେ ଆହାର ନିଷେଧ । ଜୀବରୂପୀ ଯୋଗୀ ଏଠାରେ ଛୋଟେଇ (ସାନହୋଇ) ଯାଏ । ପ୍ରକ୍ଷାର୍ଣ୍ଣି କୋଷରେ ବିଚରଣ କରି ଶୁଦ୍ଧ ଚିତ୍ତକୁ ଫେରିଆସେ । ଦୁଇଗଦା-ସୌରମାୟା ଓ କସୌରୀ ମାୟା ଭାବଭକ୍ତି ଅର୍ଜନକାରୀ ଜୀବବ୍ରହ୍ମ ଯୋଗୀଙ୍କୁ ଆକ୍ରମଣ କରେ । ଯୋଗସ୍ତରର ଶୀର୍ଷ ସୋପାନରେ ଯୋଗୀ ଏହି ମହାଘୋର ପରୀକ୍ଷାର ସମ୍ମୁଖୀନ ହୁଅନ୍ତି ଏବଂ ଆପଣାର ଯୋଗଶକ୍ତିବଳରେ ଏହି ଘୋରତମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି । ଏହାପରେ ଯୋଗୀ ଯୋଗମାର୍ଗରେ ଗତିଶୀଳ ହୋଇ ସୂକ୍ଷ୍ମ ଚୈତନ୍ୟରେ ପହଞ୍ଚିଲେ, 'ବ୍ରହ୍ମପାଶ' ମୋହନ ଭାବ ତୋଳେ । ଯୋଗୀର ମୁଖମଣ୍ଡଳରୁ ଜ୍ୟୋତିଃ ରାଶି ନିର୍ଗତ ହୁଏ । ଏହି ଭାବଜ୍ୟୋତିଃରେ ଯୋଗୀର ସମସ୍ତ ଶରୀର ଆଲୋକମୟ ହୋଇଯାଏ । ଶତ୍ରୁଭୟ ରହେ ନାହିଁ । ଏହାହିଁ ଯୋଗୀର 'ସ୍ଥିତପ୍ରଜ୍ଞ' ଅବସ୍ଥା । ଦୁଃଖ, ଶୋକ, ଜରା, ରୋଗ, ମୃତ୍ୟୁ ଆଦି ଅବସ୍ଥାରେ ବିଚଳିତ ନ ହୋଇ ଯୋଗୀ ପ୍ରଜ୍ଞାପୁରୁଷଠାରେ ତନୁମନ ପ୍ରାଣ ସମର୍ପଣ କରି ସଂପୂର୍ଣ୍ଣ ଶରଣାଗତ ହୋଇ ସ୍ଥିତପ୍ରଜ୍ଞ ଅବସ୍ଥାରେ ସର୍ବଦା ସେହି ଜ୍ୟୋତିଃସ୍ୱରୂପ ଦର୍ଶନ କରି ପରିତୃପ୍ତ ରହନ୍ତି । ଯୋଗୀର ସ୍ଥିତପ୍ରଜ୍ଞ ଅବସ୍ଥାରେ ଯୋଗମାୟା ଏହି ପ୍ରକ୍ଷାର୍ଣ୍ଣି କୋଷରେ ହାରି ଯାନ୍ତି । ଫଳରେ ଯୋଗୀ ମାୟାର ବିକଟ ଫାଶରୁ ମୁକ୍ତ ହୋଇ ସ୍ୱତଃ ନିଜ ଆୟତ୍ତରେ ରହନ୍ତି । ଯୋଗୀର ଯୋଗାବସ୍ଥାରେ ସାତ୍ତ୍ୱିକ ଜ୍ଞାନ ଆହରଣରେ ମାୟା ସାହାଯ୍ୟ କରେ । ମାୟା ଧର୍ମରାଜ୍ୟର ଆଧାତ୍ମିକ ମଣ୍ଡଳରେ ଯୋଗୀର ଶରଣାପନ୍ନ ହୁଅନ୍ତି ।

ଆସୁରୀକ୍ରିୟାର ଦମନ ପରେ ସାତ୍ତ୍ୱିକ ସୌରୀ କୋଷରେ ଯୋଗୀ ବିଚରଣ କରେ ଏବଂ 'ଜ୍ୟୋତିଃବ୍ରହ୍ମ'ଙ୍କୁ ଦର୍ଶନ କରେ । ପ୍ରକ୍ଷାର୍ଣ୍ଣି କୋଷର ଅନୁଗ୍ରହରୁ ଯୋଗୀ ସୂକ୍ଷ୍ମଦର୍ଶନରେ ଧବଳବର୍ଣ୍ଣର ଆଲୋକ ରଶ୍ମି ଅନୁଭବ କରେ । ଏଠାରେ ଯୋଗୀର ଆତ୍ମୋପଲବ୍ଧ ଏବଂ ଆତ୍ମଦର୍ଶନ ହୋଇ ଆତ୍ମଜ୍ଞାନ ପ୍ରାପ୍ତି ହୁଏ । ଯୋଗୀ ପିଣ୍ଡତତ୍ତ୍ୱ ଜାଣିପାରନ୍ତି । ଦ୍ୱିତୀୟରେ ହରିଦ୍ରାବର୍ଣ୍ଣର ଆଲୋକରେଖା ଉପଲବ୍ଧ କରି ବ୍ରହ୍ମାଣ୍ଡ ତତ୍ତ୍ୱ ଅନୁଭବ କରନ୍ତି । ବ୍ରହ୍ମଯୋଗୀଙ୍କୁ ଏଠାରେ ପଞ୍ଚତତ୍ତ୍ୱର ବର ପ୍ରଦାନ କରନ୍ତି ।

ସୌଧାକୋଷର ତମଭାବାପନ୍ନ ପ୍ରକ୍ଷାର୍ଣ୍ଣି କୋଷ (ଅଙ୍ଗାର ପନ୍ନଗ) ଏବଂ ଭାବଭକ୍ତି ଅର୍ଜନକାରୀଜୀବ ବା କୌଶିକ କୋଷର ଅଂଶରେ ବିଚରଣ କରୁଥିବା ଯୋଗୀ (ଅର୍ଜ୍ଜୁନ) ଏହି ଅବସ୍ଥାରେ ପରସ୍ପରକୁ ଚିହ୍ନିପାରନ୍ତି । ସେତେବେଳେ ଉଭୟ କୋଷମଧ୍ୟରେ ଦ୍ୱନ୍ଦ୍ୱ, ସଂଘର୍ଷ ଆଦି ଆଉ ରହେ ନାହିଁ । ଯୋଗୀ ସମାଧିସ୍ଥ ହୋଇ ଚିର ଶାନ୍ତି ଲାଭ କରନ୍ତି । ସ୍ଥୁଳ ଚୈତନ୍ୟର ସୂକ୍ଷ୍ମ କୌଟୀରୁ ମୁକ୍ତିଭାବ କୌଶିକ କ୍ରିୟା ସତ୍ ଚୈତନ୍ୟରେ ଗମନ କରନ୍ତି । ପଞ୍ଚମନ ମଧ ଭ୍ରମରା ଗୁଞ୍ଜର ଗୁମ୍ଫାକୁ ଗମନ କରନ୍ତି । ମାନସିକ ଅସ୍ଥିରତା ଆଉ ରହେ ନାହିଁ ।

କୌଶିକ ସତ୍ ଚୈତନ୍ୟର ଏକ ଅଂଶରେ ଅଙ୍ଗାରପନ୍ନଗ ରୂପୀ ତମ ଭାବ ରହିଥାଏ ଏବଂ ଦ୍ୱିତୀୟ ଅଂଶରେ ଭାବଭକ୍ତି ଅର୍ଜନକାରୀ ଜୀବବ୍ରହ୍ମ ଅବସ୍ଥାନ କରୁଥାଏ । ଯୋଗମାର୍ଗରେ ଯୋଗୀ ଗତିଶୀଳ ଅବସ୍ଥାରେ ଥିବା କାଳରେ ଉଭୟଙ୍କର ସଂଘର୍ଷ ଘଟୁଥାଏ । ମାତ୍ର ଯୋଗର ଅନ୍ତିମ ପର୍ଯ୍ୟାୟରେ ଉଭୟଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ପରେ ସେ ସଂଘର୍ଷ ପରିସମାପ୍ତି ଘଟେ ଓ ଯୋଗୀ ସ୍ଥିତିପ୍ରଜ୍ଞ ହୋଇ ଅଖଣ୍ଡ ଶାନ୍ତି ସନ୍ତୋଷ ଲାଭ କରନ୍ତି ।

❖❖❖

ଓଁ ପରମବ୍ରହ୍ମଣେ ନମଃ ।




ଭକ୍ତ ଅନୁଗତମାନଙ୍କ ମଧ୍ୟରୁ ଅଧିକାଂଶ ଅନେକ ସମୟରେ ପ୍ରଭୁପାଦ ଶ୍ରୀଗୁରୁସ୍ୱାମୀ ଠାକୁରଙ୍କ ସହିତ ବାର୍ତ୍ତାଳାପ ପ୍ରସଙ୍ଗରେ 'ଚରମ' ପାଠ କରି ଅନେକ କିଛି ବୁଝି ପାରୁନଥିବାର ନମ୍ର ଅଭିଯୋଗ କରୁଛନ୍ତି । 'ଚରମ'ରେ ପ୍ରକାଶିତ ବସ୍ତୁବିନ୍ୟାସର ଭାଷା ସହଜ ସରଳ କରିବା ପାଇଁ ଆପତ୍ତି ମଧ୍ୟ କରୁଛନ୍ତି । ସଂପାଦନା ସମୟରେ ଶ୍ରୀ ଶ୍ରୀ ଠାକୁର ଏ ସଂପର୍କରେ ଚେତାଇ ଦିଅନ୍ତି : **''ଚରମ' ଏକ ସାଧାରଣ ସାହିତ୍ୟ ପତ୍ରିକା ନୁହେଁ, ସାଧାରଣ ଧର୍ମ ପତ୍ରିକା ମଧ୍ୟ ନୁହେଁ । ଏହା ଆଧ୍ୟାତ୍ମିକ ଜଗତର ଏବଂ ପରମାର୍ଥିକ ମାର୍ଗର ଚରମ ପତ୍ରିକା ।''** ଏହାର ପୃଷ୍ଠା ମଣ୍ଡନ କରୁଛି ସ୍ୱୟଂ ଠାକୁରଙ୍କ ସ୍ୱହସ୍ତ ଲିଖିତ ତତ୍ତ୍ୱ । ତେଣୁ, ଏହାର ବସ୍ତୁବିନ୍ୟାସ ସହିତ ଭାଷାବିନ୍ୟାସର ସାମଞ୍ଜସ୍ୟ ରକ୍ଷା କରିବାକୁ ପଡୁଛି ।

ଠାକୁରେ କହନ୍ତି : **''ନ ବୁଝ । ବୁଝି ନ ପାରିଲେ କ'ଣ ହେଲା, ପ୍ରତିଦିନ ନିୟମିତ ପଢ଼ । ପଢ଼ିଯା, ବୁଝିଲେ ପଢ଼ିବ, ବୁଝି ନପାରିଲେ ପଢ଼ିବ ନାହିଁ; ଏପରି କିଛି ନାହିଁ । ପଢ଼ିବା କଥା ପଢ଼ିବ, ନବୁଝି ଶ୍ରଦ୍ଧାଭକ୍ତିର ସହିତ ନିୟମିତ ପ୍ରତିଦିନ ପଢ଼ିଲେ, ପଢ଼ିବାର ଫଳ ପାଇବ । ବାରମ୍ବାର ଅଭ୍ୟାସ କରି ପଢୁ ପଢୁ ଦିନେ ତୁମେ ଉପଲବ୍ଧି କରିବ : ତୁମେ ଯାହା ସବୁ ପଢ଼ିଛ, ପଢୁଛ; ଅବଶ୍ୟ ବୁଝିପାରୁଛ । ଧିରେ ଧିରେ ଏହି ବୁଝି ପାରିବା ତୁମର ଦାନା ବାନ୍ଧିବ, ଅଧିକରୁ ଅଧିକ ନିଶ୍ଚୟ ବୁଝିପାରିବ ।** ତୁମମାନଙ୍କୁ ଦୀକ୍ଷା ଦେବା ସମୟରେ ଧାରା ସହିତ ଏହାର ଯୋଗସୂତ୍ର ରହିଛି । 'ଚରମ'କୁ ପଢ଼ି ବୁଝିବା ପାଇଁ ବିଦ୍ୟାଳୟର ଜ୍ଞାନ ଦରକାର ହୁଏ ନାହିଁ । ଏଥିରେ ପତ୍ରସ୍ଥ ଅଧିକାଂଶ ବିଷୟବସ୍ତୁ ଯୋଗମାର୍ଗର, ସାଧନାପଥର ବିଷୟ । ତୁମେମାନେ ପ୍ରତିଦିନ ଶ୍ରଦ୍ଧାଭକ୍ତି ନୀତିନିଷ୍ଠାର ସହିତ କର୍ମଧାରା ଅଭ୍ୟାସ କରୁଥିଲେ, ଠିକ୍ ମତେ ଧ୍ୟାନ, ଧାରଣା, ଜପ, ତପ ଇତ୍ୟାଦି ଅଭ୍ୟାସ କର୍ମଯୋଗ ସାଧନ କରୁଥିଲେ, 'ଚରମ' ପୃଷ୍ଠାରୁ ତୁମ ନିଜସ୍ୱ ଅନୁଭବ ଅନୁଭୂତିର ରହସ୍ୟ ନିଶ୍ଚୟ ଉପଲବ୍ଧିରେ ଆଣି ପାରିବ । ତେଣିକି, 'ଚରମ' ପଢ଼ି ବୁଝି ନ ପାରିବାର ଅଭିଯୋଗ ଆଉ କରିବାକୁ ହେବ ନାହିଁ । ତେଣୁ, 'ଚରମ' ପଢ଼ିବା ପାଇଁ ବୁଝିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକ ନାହିଁ । ଅଭ୍ୟାସ କର୍ମଧାରା ସହିତ 'ଚରମ' ପଠନ ଏବଂ 'ଚରମ' ପଢ଼ି ବୁଝିବା ସହିତ ଅଭ୍ୟାସ କର୍ମଧାରାର ଅଙ୍ଗାଙ୍ଗୀ ସଂପର୍କ ରହିଛି ।

ଆମେ ପରା ବହୁପୂର୍ବରୁ ସୂଚେଇ କହିଛୁ :

''ବୁଝ ନ ବୁଝ ପଢ଼ ଚରମ । ପଢ଼ ନ ପଢ଼ ପୂଜ ଚରମ''<br>
ଧୀରେ ଧୀରେ ତେବେ ଏହି ଚରମ । ଭେଦି ଚରିଯିବ ତୁମ ମରମ ।।<br>
ତେବେ ଜୀବର ତୁଟିବ ଭରମ । ଇଷ୍ଟ ଚେତନାରେ କରି କରମ ।'<br>
ମୋକ୍ଷ ପଥେ ଚଳି ଜୀବ ଜୀବନ । ଚରମେ ପାଇବ ସେ ଗଣ୍ଠିଧନ ।''

*(ଚରମ : ପ୍ରଥମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : 'କଲ୍ୟାଣ ଦେଲି ତୋତେ' : ପୃ ୭ ଷ୍ଟା ଦ୍ରଷ୍ଟବ୍ୟ)*

ନିଜର ପାଣ୍ଡିତ୍ୟ ବଳରେ ପରମାର୍ଥ ବା ଅଧ୍ୟାତ୍ମ ସାହିତ୍ୟ ବା ଶାସ୍ତ୍ର ବୁଝାଯାଏ ନାହିଁ । ଆଗ୍ରହ ଓ ନିଷ୍ଠାର ସହିତ ନିୟମିତ ପ୍ରତିଦିନ ପଢ଼ିବାକୁ ହେବ । ପଠନ ଅଭ୍ୟାସ ଜାରି ରଖିବାକୁ ହେବ । 'ଚରମ' ଏହିପରି ଭାବରେ ପଢ଼, ଦିନେ ନା ଦିନେ 'ଚରମ' ର ତୁମପ୍ରତି କୃପା ବାରି ଝରିବ । 'ଚରମ'ର ଅର୍ଥ ତୁମ ହୃଦୟରେ ପ୍ରକାଶ ପାଇବ । 'ଚରମ' ନିଜେ କୃପା କରି ତୁମ ହୃଦୟରେ ପ୍ରକାଶିତ ନହେଲେ, 'ଚରମ'କୁ ବୁଝିହୁଏ ନାହିଁ । କେବଳ ସରଳ ଭାଷାକୁ ଲୋଡ଼ିଲେ କ'ଣ ଚଳିବ ? ଅସଲ ଭାବ ଓ ଭାବାର୍ଥ ପାଇବ କେଉଁଠୁ ??

'ଚରମ' ଆଉ ସାଧାରଣ ପତ୍ରିକା ସମାନ ନୁହେଁ । 'ଚରମ' ପୁରୁଷଙ୍କର ଅନ୍ୟ ଏକ ବିଗ୍ରହ ହିଁ ସ୍ୱୟଂ 'ଚରମ' ପତ୍ରିକା । ତେଣୁ 'ଚରମ' ପୁରୁଷ ଏବଂ 'ଚରମ' ପତ୍ରିକା ଏକ ଏବଂ ଅଭିନ୍ନ । ଏଥିରେ ଭେଦାଭେଦ ଆଣିବ ନାହିଁ । ''ଚରିତାମୃତ'' ରେ ଅଛି :

**''ଶାସ୍ତ୍ର, ଶ୍ରୀମୂର୍ତ୍ତି ଆର୍ ଭକ୍ତ କଳେବର,<br>
କୃଷ୍ଣେର ପ୍ରକାଶ ହୟ ତ୍ରିବିଧ ପ୍ରକାର ।''**

❋❋❋

ମର୍ଯ୍ୟାଦା ପଦବୀ ସମାଜ ବିଧି,<br>
ବାଧା ସୃଜିଥାଏ ଯେଉଁ ଅବଧି ।<br>
ଭୟ ଜନ୍ମ ନିଏ ହୃଦେ ତାହାର,<br>
ବନ୍ଧନ ହୁଅଇ ତା ଗଳା ହାର ।।

ଦେଖାଇ ହୁଅନା ଭକତ ବୋଲି<br>
ଦେଖାଇବା ପଣ ଦୁସ୍ତର ବାଲି ।<br>
ଲୁଚାଇ ଛପାଇ ସାଜ ଭକତ,<br>
ତେବେ ସିନା ଶୁଦ୍ଧ ହେବ ତୋ ଚିତ୍ତ

ଯେତିକି ପାଉଛ ସେତିକି ରସ,<br>
ସନ୍ତୋଷ ମନରେ ନୀରବେ ବସ ।<br>
ଯଥା କାଳେ ସବୁ ପାଇବ ଧନ,<br>
ବିରସ କାହିଁକି ଆଜ ହୁଁ ମନ ??

## ଶ୍ରୀ ଶ୍ରୀ ଠାକୁରଙ୍କର ଶ୍ରୀପାଦୁକା ସ୍ନାନ ଓ ବନ୍ଦନା ଉତ୍ସବ :

ଏଥରକ ପାଇଁ ଶାଖା ପରିଚିତ ସ୍ଥାନରେ ଏବର୍ଷର ପଞ୍ଜିକାରେ ପ୍ରକାଶିତ ସ୍ୱର୍ଣ୍ଣକ୍ଷେତ୍ର ଶ୍ରୀ ଶ୍ରୀ ଠାକୁର କେଶବଚନ୍ଦ୍ରଙ୍କର ଶ୍ରୀପାଦୁକାସ୍ନାନ ଓ ବନ୍ଦନା ଉତ୍ସବର ତାତ୍ପର୍ଯ୍ୟ ଏଠାରେ ପ୍ରକାଶ କରାଯାଉଛି । ଆମମାନଙ୍କ ମଧ୍ୟରେ ବହୁ ଅନୁସନ୍ଧିତ୍ସୁ ଓ ଜିଜ୍ଞାସୁ ଅଛନ୍ତି । ସେମାନଙ୍କର ଅନୁସନ୍ଧିତ୍ସା ଓ ଜିଜ୍ଞାସା ପ୍ରତି ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରି ଶ୍ରୀ ଶ୍ରୀଠାକୁରଙ୍କର ଆଶୀର୍ବାଦରୁ ସଂପାଦନା ଏଥର ପାଇଁ ଏହି ନୂତନ ତଥ୍ୟ ଓ ତତ୍ତ୍ୱର ସଂଯୋଜନା କରିଛନ୍ତି । ଆଶାକରୁ ସହୃଦୟ ପାଠକପାଠିକାମାନେ ଏହା ପାଠ କରି ଆନନ୍ଦ ଅନୁଭବ କରିବା ସହିତ ମନକୋଣରେ ଉଦୟ ହୋଇଥିବା ପ୍ରଶ୍ନର ଯଥାର୍ଥ ଉତ୍ତର ପାଇ ପାରିବେ ।।

**ପବିତ୍ର ରକ୍ଷାବନ୍ଧନ ପୂର୍ଣ୍ଣିମା - ତା ୧୮।୮।୯୭ ରିଖ, ସୋମବାର -**

''ଦ୍ୱାପର ଯାଇଛି ସରି କୃଷ୍ଣ ଯାଇଛନ୍ତି ଫେରି
କଳିଭୋଗେ ବସୁନ୍ଧରା ମଉନ ମନେ,
ପୁରାଣ ପୁରୁଷ ପଥେ ଚାହିଁ ରହି ଅବିରତେ
ବିରହ ବ୍ୟଥା ବିଧୁରା ଅଶ୍ରୁ ନୟନେ;
ମଧ୍ୟ-କଳି ରାଜତ୍ୱ କାଳେ,
ପ୍ରିୟ ପୁରୁଷମିଳନ ଇଚ୍ଛାକୁ ଭାଳେ ।''

ସେହି ମଧ୍ୟ-କଳିର ଏକ ଅମ୍ଳାନ ଆଧ୍ୟାତ୍ମିକ ଗାଥା । ବିରହ ବ୍ୟଥାବିଧୁରା ବସୁନ୍ଧରାର ମରମବୀଣାରେ ଝଙ୍କୃତ ବିଚ୍ଛେଦରାଗିଣୀ । ଜ୍ଞାନଦାତ୍ରୀ କବି ଜନନୀ ମା' ସରସ୍ୱତୀଙ୍କ କରୁଣାର କଲ୍ୟାଣଧାରା ଅମୃତ ନିସ୍ୟନ୍ଦିନୀ ହୋଇଝରିପଡ଼େ ଧରାବକ୍ଷରେ । ସେହି କରୁଣା କଲ୍ୟାଣଧାରରେ ସ୍ନାତ ସେ ସମୟର ତିନିଜଣ ଯୋଗୀ : ସନ୍ନ୍ୟାସୀ ଗଚ୍ଛଦ ହଂସ, ଅଭେଦା କୁମେଚାରୀ ଏବଂ ଆର୍ଯ୍ୟଋଷି ମହୋଦଧି ଆଚାର୍ଯ୍ୟ । ମଧ୍ୟ କଳିରେ ଏହି ତିନିଜଣ ଯୋଗୀ ସନ୍ନ୍ୟାସୀ କାବେରୀ ତୀର୍ଥଜଳରେ ସ୍ନାନାନ୍ତେ ପୂଜାର୍ଚ୍ଚନା ତର୍ପଣାଦି ପରେ ଧ୍ୟାନମଗ୍ନ ହେଲେ । ସରସ୍ୱତୀ ବିଜେ କଲେ ତାଙ୍କରି କଣ୍ଠରେ । ଅଭେଦାକୁମେଚାରୀ ସମାଧି ଯୋଗାରୂଢ଼ାବସ୍ଥାରେ ବ୍ରହ୍ମାଙ୍କ ନିକଟରେ ଜଣାଇଲେ : ହେ ବେଦପତି ! କଳିରେ ଯେଉଁ ପୁରୁଷ ଆସିବେ, ଗହ୍ମାପୂର୍ଣ୍ଣିମା (ଶ୍ରାବଣ ପୂର୍ଣ୍ଣିମା)ରେ ତାଙ୍କର ଶ୍ରୀପାଦୁକା ସ୍ନାହାନ କରାଯିବ । ଯୁଗପତ୍ କଳି ଯେଉଁ ମାତ୍ର ପାଦେ ଧର୍ମରେ ଚାଲୁଛି, ଆମର ବିନମ୍ର ପାର୍ଥନା, ସେଇଳି ଧର୍ମଗୁରୁ ଆସନ୍ତେ, ଯେପରି ଆଜି (ଶ୍ରାବଣ ପୂର୍ଣ୍ଣିମା) ଦିବସରେ ତାଙ୍କରି ଶ୍ରୀପାଦପଦ୍ମର ଶ୍ରୀପାଦୁକା ସ୍ନାହାନ କରାଯାଇ ଶ୍ରୀପାଦୁକା ତୀର୍ଥ କରାଯାଆନ୍ତା । ଠିକ୍ ସେହି ଭାବ ଓ ଭଙ୍ଗୀରେ ଧ୍ୟାନସ୍ଥ ସନ୍ନ୍ୟାସୀ ଗଚ୍ଛଦହଂସ ଏବଂ ଆର୍ଯ୍ୟଋଷି ମହୋଦଧି ଆଚାର୍ଯ୍ୟ ମଧ୍ୟ କ୍ରମାନ୍ୱୟରେ ବିଷ୍ଣୁ ଏବଂ ଶିବଙ୍କୁ ଏହି ପ୍ରାର୍ଥନା ଜଣାଇଥିଲେ ।

ତ୍ରିଦେବ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଏହି ତିନିଜଣ ଯୋଗାରୂଢ଼ ସନ୍ନ୍ୟାସୀଙ୍କର ପ୍ରାର୍ଥନା ପୂର୍ଣ୍ଣ କରି ଅବିଳମ୍ୱେ ବରଦାନ କଲେ : 'ତଥାସ୍ତୁ ।''

ସେହି ଅମର ଅମ୍ଳାନ ସ୍ମୃତିର ପବିତ୍ର ଚାରଣ କରି ଆଜି ଅନ୍ତିମ କଳିର ଚରମ ମୁହୂର୍ତ୍ତରେ ପୁରାଣପୁରୁଷ ଧରାବତରଣ କରି ବିରହବିଧୁରା ବସୁନ୍ଧରାର ଦୁଃଖ ମୋଚନ କରିଅଛନ୍ତି । ସନ୍ନ୍ୟାସୀତ୍ରୟ - ଗଚ୍ଛଦ ହଂସ, କୁମେଚାରୀ ଏବଂ ମହୋଦଧିଙ୍କର ପ୍ରାର୍ଥନା ଫଳପ୍ରସୂ ହୋଇଛି । ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ତିଥିରେ କଟକ ଜିଲ୍ଲାର ମାହାଙ୍ଗାସ୍ଥିତ

ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମର ପବିତ୍ର ପରିସରରେ ଅଗଣିତ ଭକ୍ତ ଶିଷ୍ୟ ଅନୁଗତଙ୍କର କୋଳାହଳପୂର୍ଣ୍ଣ ସମାବେଶରେ ଠାକୁର ଶ୍ରୀ କେଶବଚନ୍ଦ୍ରଙ୍କର ଶ୍ରୀପାଦପଦ୍ମ ପରିଶୋଭିତ ଶ୍ରୀପାଦୁକା ସ୍ନାନ ଓ ବନ୍ଦନା ଉତ୍ସବ ପରିପାଳିତ ହୋଇ ଆସୁଅଛି ।'' ମଧ୍ୟ-କଳିରେ ସମାଧିଯୋଗୂଢ଼ ଅବସ୍ଥାରେ ମା' ଭଗବତୀ ସରସ୍ୱତୀଙ୍କର ଅପାର କରୁଣା ଓ କଲ୍ୟାଣରୁ ସେହି ଯୋଗୀତ୍ରୟ ସୂକ୍ଷ୍ମମନ ଓ ଅନ୍ତଃକରଣରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ପୂତତୀର୍ଥ କାବେରୀ ତଟଦେଶରେ ଯେଉଁ ପ୍ରାର୍ଥନା ତ୍ରିଦେବଙ୍କର ଶ୍ରୀପାଦପଦ୍ମ ସନ୍ନିଧାନରେ ନିବେଦନ କରିଥିଲେ, ଆଜି ତାହା ସାକାର ରୂପ ପରିଗ୍ରହ କରି ଶତସହସ୍ର ଭକ୍ତ ଶିଷ୍ୟ ଅନୁଗତଙ୍କର ଅଶେଷ କଲ୍ୟାଣ ସାଧନ କରିବା ସହିତ ବିଶ୍ୱ କଲ୍ୟାଣ ସାଧନରେ ସମର୍ଥ ହୋଇ ପାରିଛି ।।

**ଏହି ମର୍ମରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରୁ ଖିଏ :**

''କ'' ଅକ୍ଷରରେ ଖେଳ,
ମୂଢ଼ ଜନମାନେ କରିବେ ଗୋଳ; ଲୋ ଯାଇଫୁଲ ।
ଥିବା ତାମସାରେ କରି ଗେଲ । ଲୋ ଯାଇଫୁଲ ।।୧।।

କଳି କଳୁମଷ ହେବ,
ଗହ୍ମାପୂନେଇଁରେ ପାଦ ଧୋଇବ; ଲୋ ଯାଇଫୁଲ
ଆକାଶରୁ ପୁରୁଷ ଖସିବ । ଲୋ ଯାଇଫୁଲ ।।୨।।

ଜ୍ଞାନୀ ଗାରିମା ଦେଖାଇ,
ମୁରୁଖ ପଲଯେ କରିବେ ଚାହିଁ; ଲୋ ଯାଇଫୁଲ ।
ଅଜ୍ଞାନ ପାଦକୁ ଧୋଇ । ଲୋ ଯାଇ ଫୁଲ ।।୩।।

କଳିରେ ନୂଆ ପରବ,
ଯୁଗଭୋଗ ଶେଷେ ଖସେ ପୁରୁଷ, ଲୋ ଯାଇଫୁଲ ।
ପଦେ ତରକି ଅଚ୍ୟୁତି ଦାସ । ଲୋ ଯାଇଫୁଲ ।।୪।।''

ଶ୍ରାବଣ ପୂର୍ଣ୍ଣିମା : ଗହ୍ମା ପୂର୍ଣ୍ଣିମା : ରକ୍ଷା ବନ୍ଧନ ପୂର୍ଣ୍ଣିମା । ଏହି ପବିତ୍ର ତିଥିରେ ଭଗବାନ ପୁରାଣପୁରୁଷଙ୍କର ଶ୍ରୀପାଦୁକା ସ୍ନାନ ଓ ବନ୍ଦନା ଉତ୍ସବର ତାତ୍ପର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ । ଏହିତିଥିରେ ବ୍ରତାଚାରୀମାନେ ନିଜନିଜ ମସ୍ତକରେ ପୂର୍ଣ୍ଣକଳସ ନାରିକେଳ ସୁଶୋଭିତ ତୀର୍ଥଜଳରେ ଶ୍ରୀପାଦୁକା ସ୍ନାନ କରାଇ ସ୍ନାନଜଳ ଗ୍ରହଣ କଲେ ସକଳ ଦୁଷ୍କୃତିର ବିନାଶ ହୁଏ, ସର୍ବସିଦ୍ଧ ହୁଏ, ସର୍ବ ମନସ୍କାମନା ପୂର୍ଣ୍ଣ ହୁଏ । ଏହି ପବିତ୍ର ତିଥିରେ ପ୍ରଭୁଙ୍କର ଶ୍ରୀପାଦପଦ୍ମରେ ଅବିରତ ଲୟରକ୍ଷି ଶ୍ରୀପାଦ ସ୍ପର୍ଶ କରି ପ୍ରଣାମ ନିବେଦନ ପ୍ରତ୍ୟେକ ଭକ୍ତ ଶିଷ୍ୟ ଅନୁଗତଙ୍କର କର୍ତ୍ତବ୍ୟ ଅଟେ । ଅଳମତି ବିସ୍ତରେଣ !

ଓମିତି ନମସ୍କାରାନ୍ତେ ଶ୍ରୀଗୁରୁସ୍ୱାମୀ !!!

❖❖❖

# ଆଶ୍ରମ ସନ୍ଦେଶ

ତା ୨୫।୫।୯୭ ରିଖ : ରବିବାର : ସାଲେପୁର ଗୁରୁଭାଇ ରଂଜନ ନାୟକଙ୍କର ଅକାଳ ବିୟୋଗରେ ସଂଘ ପରିବାରରେ ଦୁଃଖର ଛାୟା ଘୋଟିଯାଇଛି ।

ତା ୨୯।୫।୯୭ ରିଖ : ଗୁରୁବାର : କଟକ ଶାଖାର ଗୁରୁଭାଇ ୰ ଦୁର୍ଯ୍ୟୋଧନ ସାହୁଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧତିଥି ଉପଲକ୍ଷେ ପାରିବାରିକ ସତ୍‌ସଙ୍ଗରେ ଗୁରୁଭାଇ ଭଉଣୀମନେ କଟକ ଗଡ଼ଚଣ୍ଡୀ ମନ୍ଦିର ନିକଟସ୍ଥ ତାଙ୍କର ବାସଭବନରେ ଏକତ୍ର ଧାର୍ମିକ ଅନୁଷ୍ଠାନରେ ଯୋଗଦେଇଥିଲେ ।

ତା ୨।୬।୯୭ ରିଖ : ସୋମବାର : କୃଷ୍ଣ ଦ୍ୱାଦଶୀ ତିଥି : ଓଡ଼ାସିଂହ ନିକଟସ୍ଥ ତାଳପଦା ଗ୍ରାମର ଗୁରୁଭଉଣୀ ହାରାମଣି ସାମଲଙ୍କ ଦେହାନ୍ତ ଓ (୨) କାଳିକାପୁର ପ୍ରସ୍ତାବିତ ଶାଖାର ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ସଂଘ ତରଫରୁ ଅନୁଷ୍ଠିତ ହୋଇଅଛି ।

ତା ୪।୬।୯୭ ରିଖ : ବୁଧବାର : ସାଲେପୁରର ୰ ଗୁରୁଭାଇ ରଂଜନ ନାୟକଙ୍କର ତିଳତର୍ପଣ ତାଙ୍କର ଜନ୍ମସ୍ଥାନ ଭୋପାଳଠାରେ (କେନ୍ଦ୍ରାପଡ଼ା) ଯଥାବିଧି ଅନୁଷ୍ଠିତ ହୋଇଅଛି ।

ତା ୫।୬।୯୭ ରିଖ : ଗୁରୁବାର : ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥିରେ ଠାକୁରଙ୍କର ସ୍ମାରକଦର୍ଶନ କାର୍ଯ୍ୟକ୍ରମ ସ୍ୱର୍ଣ୍ଣକ୍ଷେତ୍ର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ମହାସମାରୋହରେ ପାଳନ, ପ୍ରାତଃ ସମୟରୁ ଆଶ୍ରମ ପରିବେଷ୍ଟିତ ଗ୍ରାମର ପ୍ରତ୍ୟେକ ଗୃହର ମୁଖ୍ୟ ପ୍ରବେଶ ଦ୍ୱାରାରେ ପୂଜାର୍ଚ୍ଚନା ସହ ପୂର୍ଣ୍ଣକୁମ୍ଭ ସ୍ଥାପନ, ପର୍ଶୁରାମପୁର, କାଇଅନ୍ତି, ସଠିଲୋ, ଚାନ୍ଦୋଳ, ବରାହୀପୁର, କୁନ୍ଦଳ, ଅଣକା, ବ୍ରାହ୍ମଣୀ ଆଦି ଶାଖାର ଗୁରୁଭାଇଭଉଣୀମାନେ ପ୍ରାତଃ ୬ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଗ୍ରାମର ଗୃହେ ଗୃହେ ଭ୍ରମଣ କରି ଚତୁର୍ଥ ପ୍ରହର ବ୍ୟାପୀ ମହାମନ୍ତ୍ର ନାମ ସଂକୀର୍ତ୍ତନ ଓ ପ୍ରତ୍ୟେକ ଗୃହସ୍ଥଙ୍କ ତରଫରୁ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ପୂଜାର୍ଚ୍ଚନା ସହିତ ଯଥାମାନ୍ୟ ପ୍ରଦାନ, ଅପରାହ୍ନରେ ଶ୍ରୀଗୁରୁସ୍ୱାମୀ ସୂକ୍ଷ୍ମ ମୁନି ଋଷିଯୋଗୀମାନଙ୍କର ପ୍ରୀତ୍ୟାର୍ଥେ ସୂକ୍ଷ୍ମସ୍ତରୀୟ କାର୍ଯ୍ୟକ୍ରମ ସମାପନ, ସଂଧ୍ୟା ଅବକାଶରେ ଗ୍ରାମର କୂଳବଧୂମାନେ ସେମାନଙ୍କର ସାବିତ୍ରୀ ବ୍ରତ ଉଦ୍‌ଯାପନ ଉଦ୍ଦେଶ୍ୟରେ ଶ୍ରୀଗୁରୁସ୍ୱାମୀଙ୍କୁ ଅର୍ଘ୍ୟ ବନ୍ଦାପନା କରି ଦୀପମାଳାରେ ଆଶ୍ରମ ପ୍ରାଙ୍ଗଣକୁ ସୁଶୋଭିତ କରିଥିଲେ । ଏହାପରେ ସଂଘ ତରଫରୁ ଉଦୀୟମାନ କଳାକାରଙ୍କ ଦ୍ୱାରା ଭଜନ ଓ ପାଲା ପରିବେଷଣ, ରାତ୍ର ଘ. ୧୦।୧୫ ମି: ରେ ଶହ ଶହ ଗୁରୁଭାଇଭଉଣୀଙ୍କର ହରିବୋଲ ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ ଶ୍ରୀଗୁରୁସ୍ୱାମୀ ଗ୍ରାମର ପ୍ରତ୍ୟେକ ଗୃହକୁ ଅତୀତର ସ୍ମରଣରେ ପଦାର୍ପଣ କରି ପ୍ରତ୍ୟେକଙ୍କଠାରୁ ପ୍ରୀତି ଉପହାର ଗ୍ରହଣ, କ୍ଷେତ୍ର ପରିଚାଳନା କମିଟି ଓ ପରିଷଦ୍‌ର ମିଳିତ ସହଯୋଗରେ ମଧ୍ୟାହ୍ନ ଓ ରାତ୍ରରେ ଆନନ୍ଦ ବଜାରରେ ସମବେତ ଭକ୍ତ ମଣ୍ଡଳୀଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା ।

ତା ୬।୬।୯୭ ରିଖ : ଶୁକ୍ରବାର : ବିରିଡ଼ି ନିକଟସ୍ଥ ଗଡସନର ଗ୍ରାମର ଗୁରୁଭାଇ ଶ୍ରୀ ଲକ୍ଷ୍ମୀଧର ସାମଲଙ୍କ ବାସଗୃହ ପ୍ରାଙ୍ଗଣରେ ସଂଘ ତରଫରୁ ଏକ ପାରିବାରିକ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

ତା ୭।୬।୯୭ ରିଖ : ଶନିବାର : କାଳିଅନ୍ତି ଶାଖାର କେତନୀ ବାର୍ଷିକ ସତ୍‌ସଙ୍ଗ ନିରାଡ଼ମ୍ବର ଭାବରେ ପାଳନ ଓ (୨) ଆଚାର୍ଯ୍ୟ ବିରଞ୍ଚି ନାରାୟଣ ଦାସଙ୍କର ତୀର୍ଥକ୍ଷେତ୍ର ପରିଦର୍ଶନ ଉଦ୍ଦେଶ୍ୟରେ ଆଶ୍ରମରୁ ଯାତ୍ରାରମ୍ଭ ହୋଇଅଛି ।

| | |
|---|---|
| ତା ୧୨।୬।୯୭ରିଖ : | ଗୁରୁବାର : ଗୁରୁଭଗ୍ନୀ ୰ହାରାମଣି ସାମଲଙ୍କ ତିଳତର୍ପଣ ଓ ସତ୍‌ସଙ୍ଘ ସଂଘ ତରଫରୁ ତାଳପଦା ଗ୍ରାମରେ ଯଥାବିଧି ଅନୁଷ୍ଠିତ ହୋଇଅଛି । |
| ତା ୧୪।୬।୯୭ ରିଖ : | ଶନିବାର : ଠାରୁ ତା ୧୬।୬।୯୭ ରିଖ : ସୋମବାର ପର୍ଯ୍ୟନ୍ତ ତିନିଦିନ ଧରି ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ପବିତ୍ର ରଜୋତ୍ସବ ପାଳନ । |
| ତା ୧୭।୬।୯୭ ରିଖ : | ମଙ୍ଗଳବାର : ଗୁରୁପାଦ ଶ୍ରୀ ବିଜୟାନନ୍ଦ ଗୋସ୍ୱାମୀଙ୍କର ଜନ୍ମ ଦିବସ ବାରିପଦାଠାରେ ପାଳନ ଓ ଶ୍ରୀଗୁରୁସ୍ୱାମୀଙ୍କର ନିର୍ଦ୍ଦେଶରେ ପ୍ରତିବର୍ଷ ଆଶ୍ରମରୁ ପ୍ରେରିତ ଗୁରୁଭାଇମାନଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇ ତାଙ୍କର ଦୀର୍ଘଜୀବନ କାମନା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଅଛି । |
| ତା ୨୦।୬।୯୭ ରିଖ : | ଶୁକ୍ରବାର : ଯୋବ୍ରାର ଗୁରୁଭାଇ ଶ୍ରୀ ପ୍ରଫୁଲ୍ଲ କୁମାର ମାଝୀଙ୍କର ବାସଭବନ ପରିସରରେ ପ୍ରତିବର୍ଷ ଭଳି ଏବର୍ଷ ବାର୍ଷିକ ଗୀତା ହୋମଯଜ୍ଞାନୁଷ୍ଠାନ କରାଯାଇଅଛି । |
| ତା ୨୪।୬।୯୭ ରିଖ : | ମଙ୍ଗଳବାର : ଶ୍ରୀଗୁରୁସ୍ୱାମୀ ସଠିଲୋର ଗୁରୁଭାଇ ଶ୍ରୀ ନୟନ କିଶୋର ମହାନ୍ତି ଏବଂ ରତାଦିଆ ଗ୍ରାମର ଗୁରୁଭାଇ ଶ୍ରୀ ବିଜୟ କେତନ ପଟ୍ଟନାୟକଙ୍କ ପରିବାରକୁ ପରିଦର୍ଶନରେ ଯାଇଥିଲେ । |
| ତା ୨।୭।୯୭ ରିଖ : | ବୁଧବାର : ବଟିରା ଶାଖା ଅନ୍ତର୍ଭୁକ୍ତ ପଦ୍ମପୁର ଗ୍ରାମର ଗୁରୁଭାଇ ଶ୍ରୀ ପ୍ରଶାନ୍ତ ସାହୁଙ୍କ ସହିତ ସେହି ଗ୍ରାମର ଗୁରୁଭଉଣୀ ଶ୍ରୀମତୀ ଶର୍ମିଷ୍ଠା ସାମଲଙ୍କ ଶୁଭପରିଣୟ ସ୍ୱର୍ଣ୍ଣକ୍ଷେତ୍ର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଶ୍ରୀଗୁରୁସ୍ୱାମୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୩।୭।୯୭ ରିଖ : | ରବିବାର : ପର୍ଶୁରାମାଷ୍ଟମୀ କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ପଧାନପ୍ରଚାର୍ଯ୍ୟ ଦିବଂଗତ ଯତୀଶ କୁମାର ସିହ୍ନାଙ୍କର ବାର୍ଷିକ ଶ୍ରାଦ୍ଧତିଥି ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପାଳନ କରାଯାଇଛି । |
| ତା ୧୪।୭।୯୭ ରିଖ : | ସୋମବାର : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ତିନିଠାକୁରଙ୍କର ବାହୁଡ଼ାଯାତ୍ରା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଅଛି । |
| ତା ୨୨।୭।୯୭ ରିଖ : | ମଙ୍ଗଳବାର : କିଶନନଗର ଗୁରୁଭାଇ ବୈରାଗୀ ଚରଣ ସାମଲଙ୍କ ଦେହାନ୍ତ ହୋଇଛି । |

❖❖❖

ତୁମେ କିଏ କୁହ କରୁଛ ସବୁ,
କିବା ଗୋଟାଇଛ ଏ ମାୟା ଭବୁ ?
କିଏ ଅଛି ତୁମ ଅଷ୍ଟପୁରରେ,
ଆପଣା ମନକୁ ପଚାର ଥରେ,

ଯିବା ଆସିବାକୁ ଜପ କରିବୁ,
ସଦା ଆମ ନାମସୂତ୍ର ଧରିବୁ,
ଜିଭ ସ୍ଥିର ଥିବ ସ୍ଥିର ତୁ ଥିବୁ,
ତେବେସିନା ପଦେ ଲୟ ରଖିବୁ,

କରମ ଧାରାରେ ଧରାରେ ଚଳି,
ଅନ୍ତିମେ ଚରମେ ଯିବୁରେ ମିଳି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି